

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୨୧ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 AUGUST 2022
Vol.No. 35 ■ No. 219 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ସିବିଆଇ ଚଢାଉ ପରେ ସିସୋଦିଆଙ୍କ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ, ୨୦/୦୮ : ଦିଲ୍ଲୀ ଅବକାରୀ ନୀତିରେ ଅର୍ଥ ହେରଫେର ଓ ବଡ ଧରଣର ଦୁର୍ନୀତି ଅଭିଯୋଗ ଆସିବା ପରେ ସିବିଆଇ ସ୍କାନରରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ । ଶୁକ୍ରବାର ସିସୋଦିଆଙ୍କ ଘର, କାର୍ଯ୍ୟାଳୟ ଉପରେ ଚଢାଉ କରିଛି ସିବିଆଇ । ଏହା ପରେ ଶନିବାର ସାମ୍ବାଦିକ ସମ୍ମିଳନୀ କରି ସିସୋଦିଆ ନିଜ ବୟାନ ଜାରି କରିଛନ୍ତି । ସିସୋଦିଆ କହିଛନ୍ତି ବିଜେପି ପ୍ରକୃତରେ ଆମ ଆଦମୀ ପାର୍ଟିର ସଫଳତା ଓ ଲୋକପ୍ରିୟତାକୁ ନେଇ ବିଚଳିତ ହୋଇପଡିଛି । କେଜ୍ରିଓ୍ୱାଲଙ୍କୁ ରୋକିବାକୁ ପ୍ରୟାସ କରି ଏଭଳି ଚଢାଉ କରାଯାଉଛି । ଏଥିସହ ସିସୋଦିଆ ଏକଥା ମଧ୍ୟ ଦୃଢୋକ୍ତିର ସହ କହିଛନ୍ତି କି ନୂଆ ଅବକାରୀ ନୀତିରେ କୌଣସି ପ୍ରକାରର ଘୋଟାଲ ନାହିଁ । ଭଲ କାମକୁ ରୋକିବା ପାଇଁ କେନ୍ଦ୍ର ସରକାର ଚେଷ୍ଟା କରିବା ସହ



ଆପକୁ ବଦନାମ କରାଯାଉଛି । ୨ରୁ ୩ଦିନ ମଧ୍ୟରେ ଗିରଫ ମଧ୍ୟ କରାଯାଇପାରେ ବୋଲି ସିସୋଦିଆ ଆଶଙ୍କା ପ୍ରକାଶ କରିଛନ୍ତି । ସେପଟେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସାମ୍ବାଦିକ ସମ୍ମିଳନୀ କରି ଆମ ଆଦମୀ ପାର୍ଟିକୁ ପାଲଟା ଜବାବ ଦେଇଛନ୍ତି । ସେ କହିଛନ୍ତି କି ଦିଲ୍ଲୀ ଅବକାରୀ ନୀତିର ମୁଖ୍ୟ ଅଭିଯୁକ୍ତ ଅରବିନ୍ଦ କେଜ୍ରିଓ୍ୱାଲ । ୨୪ଘଂଟା ଭିତରେ କେଜ୍ରିଓ୍ୱାଲ ସର୍ବସମ୍ମୁଖକୁ ଆସନ୍ତୁ ଓ ଘଟଣା ବାବଦରେ ଜବାବ ରଖନ୍ତୁ । କେଜ୍ରିଓ୍ୱାଲଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଉଭୟ ସିସୋଦିଆ ଓ କେଜ୍ରିଓ୍ୱାଲ ଅବକାରୀ ନୀତିରେ ବଡ ଘୋଟାଲା କରିଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏଥିସହ ଦିଲ୍ଲୀ ସରକାର ମଦ ମାଫିଆଙ୍କୁ ୧୪୪ କୋଟି ଟଙ୍କା ଛାଡ କଣ ପାଇଁ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଶୁକ୍ରବାର ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଚଢାଉ କରିଥିଲା । ୧୪ ଘଂଟାର ଚଢାଉରେ ସିବିଆଇ ସିସୋଦିଆଙ୍କ ଫୋନ ଓ ଲାପଟପ ଜବତ କରିଛି । ସିସୋଦିଆଙ୍କ ବ୍ୟତିତ ପୂର୍ବତନ ଏକ୍ସାସାଇଜ କମିଶନର, ଡେପୁଟି କମିଶନର, ଆସିଷ୍ଟାଂଟ କମିଶନର ଓ ୯ଜଣ ବ୍ୟବସାୟଙ୍କୁ ନାଁରେ ମାମଲା ରୁଜୁ କରିଛି ସିବିଆଇ । ସିବିଆଇ ଅଭିଯୋଗ କରିଛି କି ସିସୋଦିଆ ଓ ଅନ୍ୟ ଅଭିଯୁକ୍ତ ସରକାରୀ କର୍ମଚାରୀମାନେ ଟେଣ୍ଡର ପରେ ଲାଇସେନ୍ସଧାରୀଙ୍କୁ ଅତ୍ୟାବଶକୀୟ ସୁବିଧା ଦେଇଛନ୍ତି । ଏହା ପାଇଁ ଦକ୍ଷ ଅଧୀକାରୀଙ୍କ ଅନୁମୋଦନ ବିନା ଏକ୍ସାଇଜ ପଲିସି ୨୦୨୧-୨୨ ସମ୍ବନ୍ଧୀୟ ସୁପାରିସ ଓ ନିଷ୍ପତି ନେଇଛନ୍ତି । ସିବିଆଇ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟର ମୋଟ ୩୧ଟି ସ୍ଥାନରେ ଚଢାଉ କରିଛି । ଚଢାଉ ସମୟରେ ଦସ୍ତାବିଜ, ଡିଜିଟାଲ ରେକର୍ଡ ସହ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇ ହାତରେ ଲାଗିଛି ।

## ଆପ୍ ଫୋକସରେ ଓଡିଶା : ବର୍ଷ ଶେଷକୁ ଓଡିଶା ଆସିପାରନ୍ତି କେଜ୍ରିଓ୍ୱାଲ୍

ନୂଆଦିଲ୍ଲୀ, ୨୦/୦୮ : ଦିଲ୍ଲୀ ଓ ପଞ୍ଜାବରେ କ୍ଷମତାସୀନ ହେବା ପରେ ଅନ୍ୟ ରାଜ୍ୟରେ ପ୍ରଭାବ ବିସ୍ତାର ପାଇଁ ଜୋରଦାର ଉଦ୍ୟମ ଚଳାଇଛି ଆମ ଆଦମୀ ପାର୍ଟି । ଉତ୍ତରାଖଣ୍ଡ, ଗୁଜରାଟ ଓ ଗୋଆ ପରେ ଓଡିଶା ଉପରେ ନଜର ପକାଇଛି ଦଳ । ରାଜ୍ୟରେ ବିଜେଡି-ବିଜେପିର ବିକଳ୍ପ ଦେବାକୁ ପ୍ରସ୍ତୁତ କରୁଛି ରଣନୀତି । ରବିବାର ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ କରୁଛି ଆପ୍ । ଏଥିରେ ଆପର କେନ୍ଦ୍ରୀୟ ନେତୃତ୍ୱ ସାମିଲ ହେବେ । ଆଉ ଏହା ସହ ଓଡିଶାରେ ଆପର ସଙ୍ଗଠନ ବିସ୍ତାର ପାଇଁ ପ୍ରସ୍ତୁତ ହେବ ରଣନୀତି । ଓଡିଶାରେ ବିଜେଡି-



ବିଜେପିର ବିକଳ୍ପ ହେବାକୁ ଉଦ୍ୟମ ଆରମ୍ଭ କରିଛି ଆମ ଆଦମୀ ପାର୍ଟି । ମିଳିଥିବା ସୂଚନା ଅନୁସାରେ, ବର୍ଷ ଶେଷରେ ଓଡିଶା ଆସିପାରନ୍ତି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲ । କୁହାଯାଉଛି, ଅନ୍ୟ ଦଳର ଅସନ୍ତୁଷ୍ଟ ନେତାଙ୍କ ଉପରେ ନଜର ପକାଇଛି ଦଳ । ବିଜେଡି, ବିଜେପି ଓ କଂଗ୍ରେସର ଅନେକ ବରିଷ୍ଠ ନେତା ଏହି ଦିନ ଆପରେ ସାମିଲ ହୋଇପାରନ୍ତି । ଜାତୀୟ ସ୍ତରରେ ▶▶ପୃଷ୍ଠା ୭

## ବନ୍ୟା ପାଇଁ ଘୁଂଚିଲା ଯୁକ୍ତ-୨ ନାମଲେଖା ଅବଧି

ଭୁବନେଶ୍ୱର, ୨୦/୦୮ (ନି.ପ୍ର): ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୁକ୍ତ-୨ ଛାତ୍ରଛାତ୍ରୀମାନଙ୍କ ନାମଲେଖା ତାରିଖ ଅବଧିକୁ ବୃଦ୍ଧି କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅନୁମୋଦନ କ୍ରମେ ଯୁକ୍ତ-୨ ନାମଲେଖା ନିମନ୍ତେ ପରିବର୍ତିତ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି । ଏହି ନୂତନ କାର୍ଯ୍ୟସୂଚୀ ଅନୁଯାୟୀ ଯୁକ୍ତ-୨ ପ୍ରଥମ ପର୍ଯ୍ୟାୟ ନାମଲେଖା ତାରିଖ ଅଗଷ୍ଟ୧୯ରୁ ୨୫ ତାରିଖ ସ୍ଥିର କରାଯାଇଥିବାବେଳେ ଏବେ ଏହା ଅଗଷ୍ଟ ୩୦ ତାରିଖକୁ ବୃଦ୍ଧି କରାଯାଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅବଧି ସେପ୍ଟେମ୍ବର ୫ରୁ ୭ ତାରିଖ ଥିବାବେଳେ ତାହା ସେପେଟମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି । ତତ୍‌କାଳ ନାମଲେଖା (ସ୍ପଟ୍ ସିଲେକ୍‌ସନ୍)ର ଅବଧି ସେପ୍ଟେମ୍ବର ୧୫ ଓ ୧୬ ତାରିଖ ରଖାଯାଇଥିଲା । ବିଭିନ୍ନ ମହାବିଦ୍ୟାଳୟରେ ଏବେ ଏହି ତତ୍‌କାଳ ନାମଲେଖା ସେପ୍ଟେମ୍ବର ୧୭ରୁ ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ଶ୍ରୀ ଦାଶ ପ୍ରକାଶ କରିଛନ୍ତି ।

## କଂଗ୍ରେସର ଅଧ୍ୟକ୍ଷ ପଦ ସମ୍ଭାଳିବାକୁ ମନା କଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୨୦/୦୮ : ସାରା ଦେଶରେ କଂଗ୍ରେସ ଏବେ ନିଜର ସ୍ଥିତି ଜାହିର କରିବାକୁ କଂଗ୍ରେସ ଚେଷ୍ଟା ଚଳାଇଛି । ହେଲେ କିଛିଦିନ ମଧ୍ୟରେ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ତାଙ୍କ ପରେ କିଏ ଦଳର ମଙ୍ଗ ସମ୍ଭାଳିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । କହିରଖୁ କି ୨୦୧୯ ସାଧାରଣ ନିର୍ବାଚନରେ ଦଳର ପରାଜୟ ପରେ ରାହୁଲ ଗାନ୍ଧୀ ନିଜର କର୍ତ୍ତବ୍ୟ ଦୃଷ୍ଟିରୁ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ସୋନିଆ ଗାନ୍ଧୀ ଦଳର ଅନ୍ତରୀଣ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ହେଲେ ଏବେ ସୋନିଆ ଗାନ୍ଧୀଙ୍କ ସମେତ ଦଳର



ଅନେକ ବରିଷ୍ଠ ନେତା ଚାହୁଁଛନ୍ତି କି ୨୦୨୪ ସାଧରଣ ନିର୍ବାଚନ ପୂର୍ବରୁ ଦଳର ମଙ୍ଗ ରାହୁଲ ଗାନ୍ଧୀ ସମ୍ଭାଳନ୍ତୁ । ନେତୃତ୍ୱମାନେ ରାହୁଲ ଗାନ୍ଧୀଙ୍କ ହଁ କୁ ଅପେକ୍ଷା କରିଥିବା ବେଳେ ରାହୁଲ ଗାନ୍ଧୀ କିନ୍ତୁ ଏବେ ବି ମନା କରୁଛନ୍ତି । ସେପଟେ ନିଜର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସୋନିଆ ଗାନ୍ଧୀ ପୁଣିଥରେ ଦଳର ଅଧ୍ୟକ୍ଷ ହେବାକୁ ମନା କରିଛନ୍ତି । ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଦଳର ମଙ୍ଗ ଧରିବାକୁ ରାଜି ହେଉନଥିବାରୁ ଏବେ ଦଳର ସମସ୍ତ ନେତାଙ୍କ ନଜର ପ୍ରିୟଙ୍କା ଗାନ୍ଧୀଙ୍କ ଉପରେ ରହିଛି । କାରଣ ୧୩୬ ବର୍ଷର ପୁରୁଣା ସଂଗଠନର ଅଧିକାଂଶ ସଦସ୍ୟ ଚାହୁଁଛନ୍ତି କି ଦଳର ନେତା ଗାନ୍ଧୀ ପରିବାର ଭିତରୁ କେହି ହୁଅନ୍ତୁ । ହେଲେ ଉତ୍ତର ପ୍ରଦେଶ ନିର୍ବାଚନ ପ୍ରିୟଙ୍କାଙ୍କ ନେତୃତ୍ୱରେ କଂଗ୍ରେସ ଲଢିଥିଲା । ହେଲେ ସେଠାରେ କଂଗ୍ରେସ ଯେଭଳି ଭାବେ ଖରାପ ପ୍ରଦର୍ଶନ କଲା ତାହା ଉପରେ ବି କିଛି ନେତାଙ୍କ ନଜର ରହିଛି । ଅନ୍ୟପଟେ ଆସନ୍ତା କାଲି (ରବିବାର) ଦିନ କଂଗ୍ରେସ ଅଧ୍ୟକ୍ଷ ପଦ ନିର୍ବାଚନ ନେଇ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ହେଲେ କିଏ ହେବ ଅଧ୍ୟକ୍ଷ ତାହାକୁ ନେଇ ସସ୍ପେନ୍ସ ଜାରି ରହିଥିବା କଂଗ୍ରେସ ନେତା ଭକ୍ତ ଚରଣ ଦାସ ରାହୁଲ ଗାନ୍ଧୀ ଅଧ୍ୟକ୍ଷ ହେବା ନେଇ କୌଣସି ଆଗ୍ରହ ଦେଖାଉ ନାହାଁନ୍ତି । ହେଲେ ଆମେ ତାଙ୍କୁ ପଦଭାର ସମ୍ଭାଳିବାକୁ ଅନୁରୋଧ କରୁଛୁ ।

## ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକକୁ ଆସିଲେନି କଂଗ୍ରେସର ୬ ବିଧାୟକ

ନୂଆଦିଲ୍ଲୀ, ୨୦/୦୮ : ମହାରାଷ୍ଟ୍ର ଓ ବିହାର ପରେ ଝାରଖଣ୍ଡରେ ରାଜନୀତିରେ ଆସିପାରେ ଝଡ଼ । ଖଣି ଲିଜ୍ ଆବଟଂନ ମାମଲାକୁ ନେଇ ପୂର୍ବରୁ ଅଡୁଆରେ ରହିଛନ୍ତି ସୋରେନ ସରକାର । କାରଣ ମୁଖ୍ୟମନ୍ତ୍ରୀ ପଦରେ ଥାଇ ଆବଂଟନ କରିବା ନୀତି ବିରୋଧୀ କାମ । ଏହି ଘଟଣାକୁ ନେଇ ମୁଖ୍ୟ ନିର୍ବାଚନ କମିଶନ ନିଜର ଫଇସଲା ଶୁଣାଇସାରିଛନ୍ତି । ଏବେ ଅପେକ୍ଷା ସୁପ୍ରିମକୋର୍ଟଙ୍କ ଫଇସଲା ଉପରେ । ପିଆଇଏଲ ଉପରେ ଶୁଣାଣୀ କରି ରାୟ ସଂରକ୍ଷିତ ରଖିଛନ୍ତି କୋର୍ଟ । କୌଣସି ସମୟରେ ଆସିପାରେ ବଡ ଫଇସଲା । ଯଦି ଏହା ସୋରେନଙ୍କ ବିପକ୍ଷରେ ଆସେ ତେବେ ବର୍ତମାନର ମେଂଟ ସରକାର ଉପରେ ଚଡକ ପଡିପାରେ ।



ହେମନ୍ତ ସୋରେନଙ୍କୁ ତାଙ୍କ ମୁଖ୍ୟମନ୍ତ୍ରୀ ଗାଦି ଛାଡିବାକୁ ପଡିବ । ଯାହାପରେ ପାର୍ଟିରୁ ପରବର୍ତୀ ମୁଖ୍ୟମନ୍ତ୍ରୀ ଚେହେରା ବାଛିବାକୁ ପଡିବ । ତେଣୁ ଆଗାମୀ ଦିନର ରଣନୀତି କଣ ହେବ ଏନେଇ ମେଂଟ ବୈଠକ ବସିଥିଲା । ଅନ୍ୟପଟେ ଝାରଖଣ୍ଡର କ୍ଷମତାସୀନ ଦଳ ଜେଏମଏମ ନିଜର ବିଧାୟକମାନଙ୍କୁ ଆଲର୍ଟରେ ରହିବା ପାଇଁ କହିଛି । ସେହିପରି କଂଗ୍ରେସ ଅଗଷ୍ଟ ୨୪ ଯାଏଁ ରାଂଚି ନଛାଡିବା ନେଇ ନିର୍ଦେଶ ଦେଇଛି । ସେହିପରି କିଛି ନେତା ନିଜର ବିଦେଶ ଗସ୍ତକୁ ମଧ୍ୟ ବାତିଲ କରିଛନ୍ତି । ଏମିତିକି ପରବର୍ତୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ମଧ୍ୟ ପରବର୍ତୀ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି କୁହାଯାଉଛି ।

## ପୁଲିସ୍ ଏସ୍‌ଆଇ ପରୀକ୍ଷାରେ ବିଭ୍ରାଟ

ଭୁବନେଶ୍ୱର,୨୦/୦୮ (ନି.ପ୍ର): ଓଡ଼ିଶା ପୁଲିସ୍ ର ଏସ୍‌ଆଇ ପରୀକ୍ଷା ବେଳେ ଟେକ୍‌ନିକାଲ ସମସ୍ୟା ଯୋଗୁଁ ସବୁ ଛାତ୍ରଛାତ୍ରୀ ପରୀକ୍ଷା ଦେବା ସମ୍ଭବପର ହୋଇପାରିନି । ଏହାକୁ ନେଇ ଭୁବନେଶ୍ୱର ଓ କଟକ ସମେତ ବିଭିନ୍ନ ସ୍ଥାନରେ ହୋଇଥିବା ପରୀକ୍ଷା କେନ୍ଦ୍ରରେ ପ୍ରବଳ ଉତେଜନା ଦେଖାଦେଇଛି । ଏହି ବିଭ୍ରାଟକୁ ଖୁବ୍ ଶୀଘ୍ର ଦୂର କରାଯିବ ଏବଂ କୌଣସି ପରିକ୍ଷାର୍ଥୀ ପରୀକ୍ଷା ଦେବାକୁ ବଂଚିତ ହେବେନି ବୋଲି ଓଡ଼ିଶା ପୁଲିସ ରିକ୍ରୁଟମେଂଟ ବୋର୍ଡ (ଓପିଆରବି)ଅଧ୍ୟକ୍ଷ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ପୁଲିସ ସବ ଇନ୍ସପେକ୍ଟର ପରୀକ୍ଷାରେ ବିଭ୍ରାଟ ପ୍ରସଙ୍ଗରେ ସେ ଟୁଇଟ୍ କରି କହିଛନ୍ତି, ଏହା ସଫ୍ଟଓ୍ୱାରରେ ତ୍ରୁଟି ପାଇଁ ହୋଇଛି । ପରୀକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି, ବୈଷୟିକ ତ୍ରୁଟି ପାଇଁ କିଛି ଜାଗାରେ ବିଭ୍ରାଟ ଘଟିଥିବା ସୂଚନା ମିଳିଛି । ପ୍ରଶ୍ନପତ୍ର ଠିକ୍ ଭାବେ ଡାଉନଲୋଡ୍ ହୋଇପାରି ନଥିବା ଯୋଗୁ ସିପିଏସଇ-୨୦୧୮ ପରୀକ୍ଷାରେ ଏଭଳି ସମସ୍ୟା ଉପୁଜିଛି । ଯେଉଁଠି ଆଜି ପରୀକ୍ଷା ହୋଇ ନ ପାରିଛି କାଲି ସକାଳ ୧୦ଟାରେ ପିଲାମାନେ ପରୀକ୍ଷା ଦେବେ । ଏହାପରେ ଯେଉଁମାନେ ବଂଚିତ ହେବେ ୧୦ ଦିନ ପରେ ପୁଣି ଥରେ ସେମାନଙ୍କୁ ଡକାଯିବ । ପରୀକ୍ଷା ବାତିଲ ହୋଇନି, ବିଳମ୍ବରେ ଆରମ୍ଭ ହୋଇଛି । ଯେପର୍ଯ୍ୟନ୍ତ ସବୁ ପିଲା ପରୀକ୍ଷା ଦେଇ ପାରି ନାହାନ୍ତି, ସେ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ପରୀକ୍ଷା ଦେବାରୁ କାହାକୁ ବଂଚିତ କରାଯିବନି ।

## ହୀରାକୁଦ ଜଳଭଣ୍ଡାରର ୪ ଗେଟ୍ ଖୋଲା

ଭୁବନେଶ୍ୱର, ୨୦/୦୮ (ନି.ପ୍ର): ଶନିବାର ଦିନ ହୀରାକୁଦ ଜଳ ଭଣ୍ଡାରର ୧୬ଟି ଗେଟ୍ କୁ ବନ୍ଦ କରିଦିଆଯାଇଛି । ଗତକାଲି ୨୦ ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିବା ବେଳେ ଶନିବାର ସନ୍ଧ୍ୟା ସୁଦ୍ଧା ୪ ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ଶନିବାର ସନ୍ଧ୍ୟା ୬ଟା ବେଳକୁ ହୀରାକୁଦର ଜଳସ୍ତର ୬୨୦.୫୦ ▶▶ପୃଷ୍ଠା ୭

## ଭିଡିଓ ଜାରି କରି ଭୁଲ୍ ମାଗିଲେ ବାବୁସାନ୍

ଭୁବନେଶ୍ୱର, ୨୦/୦୮ (ନି.ପ୍ର): ଭୁଲ୍ ମାଗିଛନ୍ତି ଓଲିଉଡ୍ ଅଭିନେତା ବାବୁସାନ୍ । ଶନିବାର ଏକ ଭିଡିଓ ଜାରି କରି ଓଡ଼ିଶାବାସୀ ତଥା ନିଜ ପ୍ରଶଂସକଙ୍କୁ ବାବୁସାନ କ୍ଷମା ମାଗିଛନ୍ତି । ଗତ ଜୁଲାଇ ୨୩ରେ ଘଟିଥିବା ଅପ୍ରୀତିକର ଘଟଣା ଓ ଏହା ପରର ଘଟଣାବଳୀକୁ ନେଇ ଆଜି ଭିଡିଓ ଜାରି କରି ଏମିତି ଭୁଲ ଆଉ ହେବ ନାହିଁ ବୋଲି ସେ କହିଛନ୍ତି । ଭିଡିଓରେ ସେ କହିଛନ୍ତି ଯେ 'ଏମିତି ଭୁଲ ଆଉ କେବେ ହେବନି । ମୋ ସ୍ତ୍ରୀ ଓ ଶଶୁରଙ୍କ ନାଁରେ ଏକ ମାମଲା ହୋଇଛି । ମୋ ସ୍ତ୍ରୀ ଓ ଶ୍ୱଶୁର ବହୁତ କଷ୍ଟ ପାଇଲେଣି । ଆଗକୁ ଆଉ କୌଣସି କ୍ଷତି ହେବାକୁ ଦେବିନାହିଁ । ସୂଚନା ଥାଉ କି ଗତ ମାସ ୨୩ ତାରିଖ ଦିନ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ସହ ବାବୁସାନ ଭୁବନେଶ୍ୱର ବିମାନବନ୍ଦରକୁ ଯାଉଥିବା ବେଳେ ବାବୁସାନଙ୍କୁ ଅଟକାଇ ପତ୍ନୀ ତୃପ୍ତି ଶତପଥୀ ବାବୁସାନଙ୍କୁ ମାରିବା ସହ ପ୍ରକୃତିଙ୍କୁ ଟଣାଓଟରା କରିଥିଲେ । ଏହି ଘଟଣାକୁ ନେଇ ଉଭୟ ପକ୍ଷ ଉଭୟଙ୍କ ବିରୋଧରେ ଖାରବେଳ ନଗର ଥାନାରେ ଏତଲା ଦେଇଥିଲେ । ପ୍ରକୃତି ମିଶ୍ରଙ୍କ ବାପା ମନ୍ମଥ ମିଶ୍ର ବାବୁସାନ୍‌ଙ୍କ ପତ୍ନୀ ତୃପ୍ତି ଶତପଥୀ ଓ ଶ୍ୱଶୁର ଲଳିତ ଶତପଥୀଙ୍କ ନାମରେ ଥାନାରେ ଏତଲା ଦେଲା ପରେ ତୃପ୍ତି ମଧ୍ୟ ପ୍ରକୃତିଙ୍କ ବିରୋଧରେ ଏତଲା ଦେଇଥିଲେ । ତୃପ୍ତିଙ୍କ ଅଭିଯୋଗକୁ ନେଇ ପୋଲିସ ମାମଲା ରୁଜୁ କରିଥିଲା । ଏହି ଘଟଣା ପରେ ବାବୁସାନଙ୍କ ପକ୍ଷରୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରା ଯାଇଥିଲା ।

## ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା : ୫ ମୃତ, ଅନେକ ନିଖୋଜ

ନୂଆଦିଲ୍ଲୀ, ୨୦/୦୮ : ଉତରାଖଣ୍ଡରେ ହଠାତ କାଳ ସାଜିଛି ଲଗାଣବର୍ଷା । ଭୀଷଣ ଜଳପ୍ରବାହ ଭିତରେ ବୁଡିଛି ଘରଦ୍ୱାର, ଭାସିଯାଇଛି ଧନଜୀବନ । ରାଜ୍ୟରେ ତାଣ୍ଡବ ରଚୁଛି ପ୍ରକୃତି । ବିଶେଷ କରି ଡେରାଡୁନର ସ୍ଥିତି ସଂଗୀନ ହୋଇପଡିଛି । କେଉଁଠି ବାଦଲଫଟା ବର୍ଷା ତ ପୁଣି କେଉଁଠି ଭୁସ୍ଖଳନ । ରାଜ୍ୟ ପାଣି ଆଣିଛି ବଡ ବିପତି । ମନ୍ଦିରଗୁଡିକ ବନ୍ୟା ପାଣିରେ ବୁଡିବା ସହ ନଦୀ ପୋଲ ବନ୍ୟାର ପ୍ରଖର ସ୍ରୋତରେ ଭାସିଯାଛି । ସହରର ଅଧିକାଂଶ ଘର ବନ୍ୟାପାଣିରେ ବୁଡି ରହିବା ସହ ଲୋକମାନେ ଜଳବନ୍ଦୀ ହୋଇ ରହିଛନ୍ତି । ରାଜ୍ୟ ପ୍ରାକୃତିକ



ବିପର୍ଯ୍ୟୟ ପ୍ରଶମନ ପକ୍ଷରୁ ବନ୍ୟାଘେରରେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ବନ୍ୟା ଯୋଗୁଁ ଅନେକ ଅଂଚଳ ଯୋଗାଯୋଗ ବିଚ୍ଛିନ ହୋଇଛି । ରିଷିକେଶ-ବଦ୍ରିନାଥ ହାଇଓ୍ୱେ ବନ୍ଦ ରଖାଯାଇଛି । ସେହିପରି ରିଷିକେଶ-ଗଙ୍ଗୋତ୍ରୀ ରାଜପଥକୁ ବନ୍ଦ କରାଯାଇଛି । ସେପଟେ ହିମାଚଳରେ ବି ବର୍ଷା ଓ ବନ୍ୟା ସହ ଭୁସ୍ଖଳନ ଏବଂ ବାଦଲଫଟା ବର୍ଷା କାଳ ଆଣିଛି । ଶୁକ୍ରବାର ରାତିରୁ ଆରମ୍ଭ ହୋଇଥିବା ପ୍ରବଳ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବିଶେଷ କରି ମଣ୍ଡି ଅଂଚଳ ବେଶ କ୍ଷୟକ୍ଷତି ସହିଛି । ଭୁସ୍ଖଳନ ଯୋଗୁଁ ଗୋଟେ ପରିବାରର ୭ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ବିଳମ୍ବିତ ରାତିରୁ ବର୍ଷା ହେବା ଯୋଗୁଁ ରାଜ୍ୟର ସବୁଠୁ ବଡ ରେଲୱେ ବ୍ରିଜ ଭାଙ୍ଗିପଡିଛି । ନିକଟରେ ଏହି ନୂଆ ବ୍ରିଜର ନିର୍ମାଣ କରାଯାଇଥିଲା । ପଂଜାବ-ହିମାଚଳପ୍ରଦେଶକୁ ଯୋଡୁଥିବା ଚକ୍କ ବ୍ରିଜ ବନ୍ୟା ପାଣିରେ ସମ୍ପୂର୍ଣ୍ଣ ଭାସିଯାଇଛି । ପ୍ରବଳବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିଛି । ଧର୍ମଶାଳା, କାଙ୍ଗଡା ସହ ବିଭିନ୍ନ ସହରରେ ଦାଉସାଜୁଛି ବର୍ଷା । ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ସହ ଲଘୁଚାପ ବର୍ଷା ବିପତି ଆଣିଛି । ବିଶେଷ କରି ପାହାଡିଆ ରାଜ୍ୟଗୁଡିକ ସବୁଠୁ ଅଧିକ ପ୍ରଭାବିତ ହେଉଛି । ଏଥିରୁ ବାଦ ପଡିନି ଜମ୍ମୁକଶ୍ମୀର । ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି ସେପଟେ ସ୍ଥାନେ ସ୍ଥାନେ ଭୂସ୍ଖଳନ କଶ୍ମୀରବାସୀଙ୍କ ପାଇଁ କାଳ ସାଜିଛି । ଅନେକ ସ୍ଥାନରେ ଲୋକମାନେ ଘରଦ୍ୱାର ହରାଇ ଅସ୍ଥାୟୀ ଶିବିରରେ ଦିନ କାଟୁଛନ୍ତି । ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ବି ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି । ମଧ୍ୟପ୍ରଦେଶ, ରାଜସ୍ଥାନ, ଉତରପ୍ରଦେଶରେ ବନ୍ୟା ସମସ୍ୟା ଦେଖାଯିବା ପରେ ଲୋକମାନେ ନାହିଁନଥିବା ସମସ୍ୟାର ▶▶ପୃଷ୍ଠା ୭


ଦୈନିକ ନିରପେକ୍ଷ ସମ୍ବାଦପତ୍ର
ଧ୍ୱନି ପ୍ରତିଧ୍ୱନି
୩୩ଶ
ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୨
ଅବଗାଣନା
୭ ଦିନ ବାକି
ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ସ୍ୱଚରିତ କବିତା ପାଠୋତ୍ସବ, ପ୍ରତିଭା ସମ୍ମାନ ପର୍ବ ଏବଂ ବହୁ ଆକାଂକ୍ଷିତ 'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରାଯିବ ।
ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।
୨୮ ଅଗଷ୍ଟ, ୨୦୨୨, ରବିବାର @ପୂର୍ବାହ୍ନ- ୯ଟା
ସ୍ଥାନ : ଭେନେୟା ପାରାଡାଇଜ, ବାଲେଶ୍ୱର

# ବଲାଙ୍ଗିର ହସ୍ପିଟାଲ ପରିସରରେ ମା' ଆଗରେ ପୁଅକୁ ହତ୍ୟା ମାମଲା : ୪ ଗିରଫ

ବଲାଙ୍ଗିର,୨୦/୦୮ (ନି.ପ୍ର): ଆଜି ସ୍ଥାନୀୟ ଡିପିଓ ଅଫିସ୍ ଠାରେ ବଲାଙ୍ଗିର ଡାକ୍ତରଖାନା ପରିସରରେ ମା' ସମ୍ମୁଖରେ ପୁଅକୁ ହାଣିବା ଘଟଣାକୁ ନେଇ ବଲାଙ୍ଗିର ଏସ୍ପି ନିତିନ କୁଶଲକରଙ୍କ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏସପି ସାମ୍ବାଦିକ ସମ୍ମିଳନୀରେ ଏ ଘଟଣାରେ ୪ ଜଣଙ୍କୁ ମୁନା ଦୋରା, ରାହୁଲ ପାଣିଗ୍ରାହୀ, ସୋମ ପୁଞ୍ଜି ଓ ଚନ୍ଦ୍ର ପ୍ରଧାନଙ୍କୁ ଦଫା ୩୦୨, ୩୦୭, ୧୨୦ (ବି) ରେ ଗିରଫ କରାଯାଇଥିବା ନେଇ ବଡ ଖୁଲାସା କରିଛନ୍ତି । ଏସପି ନିତିନ କୁଶଲକର କହିଛନ୍ତି ଯେ, ଗତ ୧୬ ତାରିଖ ଦିନ ସକାଳୁ ହସ୍ପିଟାଲ କ୍ୟାମ୍ପସ ପରିସରରେ ଇଡ୍ଲି ବିକାଳି ତଥା ସୁଦ୍ରଡାର ଦୁଇଜଣ ମା' ପୁଅ ଆସୁଥିବା ବେଳେ ହସ୍ପିଟାଲ ପରିସର ସିକ୍ୟୁରିଟି ଅଫିସ ସମ୍ମୁଖରେ ହେଲମେଟ ପିନ୍ଧି ପୂର୍ବରୁ ଛପି ରହିଥିବା ଦୁଇ ଜଣ ଯୁବକ ଅଜୁଙ୍କୁ ହାଣି ହତ୍ୟା କରିଥିବା ବେଳେ ଅଜୁଙ୍କ ମା'ଙ୍କୁ ମଧ ଆକ୍ରମଣ କରିଥିଲେ ।

ତେବେ ଏହାକୁ ନେଇ ପୋଲିସ ପକ୍ଷରୁ ତନାଘନା ତଦନ୍ତ ଜାରି ରହିଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ହତ୍ୟାର ଶିକାର ହୋଇଥିବା ଅଜୁ ଦୋରାଙ୍କ ସଂପର୍କୀୟ ମୁନା ଦୋରାଙ୍କ ସମେତ ଅନ୍ୟ ୩ ଜଣଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ପଲ୍ସରର ବାଇକ (ଓଡି୩୧ଏଚ୍୨୯୯୮) ସହ ୯୫୦୦ ନଗଦ ଟଙ୍କା, ୨ ଗୋଟି ଖଣ୍ଡା, ୫ ଗୋଟି ମୋବାଇଲ ଫୋନ୍, ଗୋଟିଏ ଏଟିଏମ୍ କାର୍ଡ ଏବଂ ଗୋଟିଏ ରକ୍ତଭିଜା କପଡା ଜବତ କରିଥିବା ନେଇ ଏସ୍ପି ନିତିନ କୁଶଲ କର ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ମଧ ଏସ୍ପି ସୂଚନା ଦେଇଛନ୍ତି ।

# ଜିଲ୍ଲା ଗୋପାଳ ସମାଜ ପକ୍ଷରୁ ନନ୍ଦ ଉତ୍ସବ

ଜୟପୁର,୨୦/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଗୋପାଳ ସମାଜ ପକ୍ଷରୁ ଆଜି ନନ୍ଦ ଉତ୍ସବ ପାଳନ ହୋଇଯାଇଛି । ଜ୍ୟୋତି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜର ସଭାପତି ପରମେଶ୍ୱର ପାତ୍ରଙ୍କ ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଯନ୍ତ୍ରୀ ଇଂ ଭାସ୍କର ସାମନ୍ତରାୟ ଯୋଗ ଦେଇ ଗୌଡ଼ ମାନଙ୍କ ପୌରାଣିକ କଥାବସ୍ତୁ ସହ ଗୌରବମୟ ଇତିହାସ, ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷାବିତ ପଂଚାନନ ଗୌଡ଼ ଯୋଗ ଦେଇ ଜନ୍ମାଷ୍ଟମୀ ଉପରେ କହିଥିବା ବେଳେ କୋରାପୁଟ ଜିଲ୍ଲା ଯାଦବ ମହାସଭା ସଭାପତି ମଦନ ମୋହନ ନାୟକ ସଂଗଠନ ସମ୍ପର୍କରେ କହିଥିଲେ । ସାଥୀରମ ଗୌଡ଼ ଜାତିର ଉନ୍ନତି ଉପରେ ଗୁରୁତ୍ୱ ପ୍ରଦାନ କରିଥିବା ବେଳେ ଡାକ୍ତର ସୁଦର୍ଶନ ଗୌଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କପିଳ ଚରଣ ମହାକୁଳ, କାଉନସିଲର ପ୍ରତୀତ ଗୌଡ଼, ରାଧା ମୋହନ ଗୌଡ଼, ସନ୍ତୋଷ ମହାଙ୍କୁଡ଼, ନରେଶ ମହାକୁଳ, ମାଧବ ମହାଙ୍କୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ଆୟୋଜିତ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମକୁ ଶ୍ରୀରାମ ଗୌଡ଼ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସ୍ୱାସ୍ଥ୍ୟ ସେବା ପାଇଁ ବାଜିରେ ଲାଗିଛି ଜୀବନ

ଜୟପୁର ,୨୦/୦୮ (ନି.ପ୍ର): ବର୍ଷ ହେବ ରୁ ଉର୍ଦ୍ଧ୍ୱ ସମୟ ହେବ ଚାବେରୀ ନଦୀ ଉପରେ ପୋଲ ନିର୍ମାଣ କାମ ସରୁନି । ବାଧ ହୋଇ ଗ୍ରାମବାସୀ ବର୍ଷାଦିନେ ଭରା ନଇ ରେ ପାର ହେଉଛନ୍ତି । ଏ ଦେଖନ୍ତୁ ଏହି ଦୃଶ୍ୟ କୁ କିପରି ବାଜିରେ ଲାଗିଛି ଜୀବନ । ଗର୍ଭବତୀ ମହିଳା ଙ୍କୁ ହଣ୍ଡା ରେ ବସାଇ ନଦୀ ପାର କରାଯାଉଛି ତ ଅନ୍ୟ ରୋଗୀ ଙ୍କୁ ଷ୍ଟ୍ରଚରେ ବୁହା ହୋଇ ନଦୀ ପାର କରାଉଛନ୍ତି । ଏ ହେଉଛି କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହରଡାଗୁଡା ଗ୍ରାମର । ନଦୀ ପାର ହେଲେ ମିଳୁଛି ଜୀବିକା । ଏହି ଗ୍ରାମର ନିକଟରେ ଥିବା ଚାବେରି ନଦୀର ଦୃଶ୍ୟ । ଜଣେ ଗର୍ଭବତୀ ମହିଳା ଙ୍କୁ ଏକ ହଣ୍ଡା ଯୋଗେ ନଦୀ ପରକରାଯାଇ ଥିବା ବେଳେ, ଜଣେ ଜ୍ୱର ରେ ପୀଡିତ ରୋଗୀ ଙ୍କୁ ଷ୍ଟ୍ରେଚର ଯୋଗେ ତାଙ୍କ ସମ୍ପର୍କୀୟ ଭରା ନଦିରେ ଜୀବନକୁ ବାଜିରେ ଲଗାଇ ମେଡିକାଲ ନେଉଛନ୍ତି । ଏ ତ ଆଜିର ଦୃଶ୍ୟ ହେଲେ ଏମିତି ପ୍ରତିଦିନ ଜୀବନକୁ ବାଜି ଲଗାଇ ଉଚ୍ଛୁଳା ନଦୀ ପାର ହେଉଛନ୍ତି ଏଠାକାର ଲୋକ । ଛାତ୍ର ଛାତ୍ରୀଠୁ ଆରମ୍ଭ କରି ବୃଦ୍ଧ, ଗର୍ଭବତୀ ମହିଳା ମଧ ବର୍ଷା ଦିନେ ଏମିତି ପାର ହେଉଛନ୍ତି । ଏ ଚାବିରି ନଦୀ ବିଗତ ୩ବର୍ଷ ରେ ତିନିଟି ଜୀବନ ନେଇଛି । ତିନି ବର୍ଷ ରୁ ଉର୍ଦ୍ଧ୍ୱ ସମୟ ହେଲା ବିଭିନ୍ନ ଆଳ ଦେଖାଇ ଠିକାଦାର ଉପାନ୍ତ ଲୋକଙ୍କ ପାଇଁ ଦାଉ ସାଜିଛି । ତିନି ବର୍ଷ ହେବ ପୋଲ କାମ ୫୦ ପ୍ରତିଶତ ମଧ ହୋଇ ପାରିନାହିଁ । ବର୍ଷ ପରେ ବର୍ଷ ଦିନ ପରେ ଦିନ ଗଡି ଯାଉଛି କିନ୍ତୁ ଏ ପୋଲ ନିର୍ମାଣ ନ ହେବା କାରଣରୁ ଏହି ଉପାନ୍ତ ଆଦିବାସୀ ରାସ୍ତା,ପିଇବା ପାଣି ,ଶିକ୍ଷା ,ସ୍ୱାସ୍ଥ୍ୟ ଭଳି ସୁବିଧା ସୁଯୋଗ ପହଁଚି ପାରୁନାହିଁ । ବାରମ୍ବାର ପୋଲ ନିର୍ମାଣ ପାଇଁ ଲୋକ ପ୍ରତିନିଧି ଏବଂ ସରକାରୀ ବାବୁଙ୍କୁ ଗୁହାରି କଲେ ମଧ ଏମାନଙ୍କ ଦାବି ପୂରଣ ହୋଇ ପାରୁ ନାହିଁ । ଜ୍ୱରରେ ପୀଡିତ ହୋଇ ନଦୀ ପାର କରାଯାଇଥିବା ମହିଳା ଜଣଙ୍କ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ସମ୍ପର୍କୀୟ ନେଇଥିବା ଜଣା ପଡ଼ିଛି । ରୋଗୀଙ୍କ ସହିତ ଆଶା କର୍ମୀ ଏବଂ ତାଙ୍କର ସମ୍ପର୍କୀୟ ମେଡିକକାଲ ରେ ଅଛନ୍ତି ।

# ସ୍ମାର୍ଟ ସିଟି ପ୍ରଶାସନିକ ବିଲ୍ଡିଂ ଛାତ ଭୁଷୁଡିବା ଘଟଣା

## ୧୫ ଦିନ ବିତିବାକୁ ବସିଛି, କାର୍ଯ୍ୟାନୁଷ୍ଠାନ ଶୂନ, ବିରୋଧୀ ନିରବ

ରାଉରକେଲା,୨୦/୦୮ (ନି.ପ୍ର): ରାଉରକେଲା ସ୍ମାର୍ଟ ସିଟି ଦ୍ୱାରା ନିର୍ମାଣ ହେଉଥିବା ପ୍ରଶାସନିକ ବିଲ୍ଡିଂ ଛାତ ଭୁଷଡିବାକୁ ୧୫ ଦିନ ବିତିବାକୁ ବସିଲାଣି, ହେଲେ କଣ ଲାଗି ଏ ଛାତ ଭୁଷୁଡିଲା,ଏଥିଲାଗି ଦାୟୀ କିଏ, କ୍ଷତିଭରଣା କରିବ କିଏ, କାହାର ଭୁଲ ଲାଗି ଏତେବଡ ଅଘଟଣ ଘଟିଲା ସେ ନେଇ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ନୀରବ ଥିବାବେଳେ ବିରୋଧୀ କଂଗ୍ରେସ ଓ ବିଜେପିର ଭୂମିକାକୁ ନେଇ ନାନା ପ୍ରଶ୍ନ ଉଠିଛି । ହଠାତ ଚଳିତ ମାସ ପ୍ରଥମ ସପ୍ତାହ ୬ ତାରିଖ ରାତିରେ ପାନପୋଷ ସରକାରୀ କଲେଜ ପାଖରେ ନିର୍ମାଣଧିନ ଏହି ବିଲ୍ଡିଂ ଛାତ ଭୁଷୁଡି ପଡିଲା ବୋଲି ଖବର ଆସିଲା । ସେଠାରେ ଲୋକଙ୍କର ଭିଡ ଜମିବା ସହ ମିଡିଆ ଭିଡ ମଧ ବଢିଲା, ହେଲେ କାହାକୁ ସେ ଭିତରକୁ ଯିବାକୁ ଦିଆଗଲାନି । କୁହାଗଲା ସେଂଟ୍ରିଂ ଭୁଷୁଡିଛି, କାହାର କିଛି କ୍ଷତି ହୋଇନି । କିନ୍ତୁ, ପରେ ଜଣାପଡିଲା ଯେ ୩ ହଜାର ବର୍ଗଫୁଟ ଅଂଚଳରେ ପଡିଥିବା ଛାତ ଭୁଷୁଡି ପଡିଛି ।

ବିଭିନ୍ନ ଇଂଜିନିଅରଙ୍କ କହିବା ଅନୁଶାରେ, ଏଭଳି ଛାତ ଭୁଷୁଡିବା ଲାଗି ସଂସ୍ଥା ୧୫ରୁ ୨୦ ଲକ୍ଷ ଟଙ୍କା କ୍ଷତି ସହିବ । ତେବେ ଏହି ମାମଲାକୁ ନେଇ ବିଜେପି ତଦନ୍ତ ଦାବି କରିଦେଇ ନୀରବ ଥିବାବେଳେ ରାଉରକେଲା କଂଗ୍ରେସ ନୀରବ ଥିବାନେଇ ସହରରେ ବିରୋଧୀ ଦଳ ମାନଙ୍କ କାମକୁ ନେଇ ନାନା ପ୍ରକାର ଆଲୋଚନା ଆରମ୍ଭ ହୋଇଛି । ଏହି ବିଲ୍ଡିଂ ନିର୍ମାଣ ହେଲେ ସହରର ପ୍ରାୟ ସମସ୍ତ ସରକାରୀ ଅଫିସ ସେହି ଗୋଟିଏ ଯାଗାରେ ଚାଲିବ । ଲୋକେ ଏଥିରୁ ଅନେକ ଫାଇଦା ପାଇବେ, ସ୍ମାର୍ଟ ସିଟି ଦ୍ୱାରା ଏହି କାମ ଲାଗି ଡିଜାଇନ କରିବା ଲାଗି ଟାଟା କନସଲଟାନ୍ସିକୁ ଦାୟିତ୍ୱ ଦିଆଯାଇଥିବା ବେଳେ ୪ରୁ ୫ ଠିକାଦାର ଏହି କାମ କରୁଛନ୍ତି । ତେବେ ବରିଷ୍ଠ ଇଂଜିନିଅର ମାନଙ୍କର କହିବା କଥା, ବିଲ୍ଡିଂ କାମର ଡିଜାଇନ ଯଦି ଟିସିଏସ କରୁଛି ତେବେ କୋଠାର ଗୁରୁତ୍ୱପୂର୍ଣ କାମ ଛାତ ଲାଗି ହେଉଥିବା ସେଣ୍ଟ୍ରିଂ କାମର ଡିଜାଇନ ମଧ ଟିସିଏସ କରିବା କଥା, ନଚେତ କାମ କରୁଥିବା ଠିକା ସଂସ୍ଥା ସ୍ଥାନୀୟ ସ୍ତରରେ କୌଣସି କନସଲଟାନ୍ସି ଠାରୁ ଏହି ପ୍ଲାନ ଆଣି କାମ କରିବା କଥା । କିନ୍ତୁ, ତାହା କରାନଯାଇ ଠିକାଦାର ମାନେ ମିଳିମିଶି ସେଂଟ୍ରିଂ କରିଦେଇ ଛାତ ଢଳେଇ କରିଦେଲେ । ହେଲେ ନିମ୍ନ ମାନର କାମ ଯୋଗୁ ଛାତଟି ଭୁଷୁଡି ପଡିଲା । ବର୍ତ୍ତମାନ ପ୍ରଶ୍ନ ଉଠୁଛି ସ୍ମାର୍ଟ ସିଟିର ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀ ମାନେ ଏତେ ସବୁ ଅନିୟମିତତା ବାବଦରେ ଜାଣିପାରିଲେନି କେମିତି ? ବର୍ତ୍ତମାନ ସ୍ମାର୍ଟ ସିଟିର ହୋଇଥିବା ୧୫ ରୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ କାହାଠାରୁ ଆଦାୟ କରାଯିବ ? କିନ୍ତୁ ବଡ ଆଶ୍ଚର୍ଯ୍ୟର ବିଷୟ ଯେ, ବର୍ତ୍ତମାନ ଯାଏ ଏହି ମାମଲାରେ ଦୋଷୀ କିଏ ତାହା ପଦାକୁ ଆସିଲା ନାହିଁ, ସରକାରଙ୍କ କାମରେ ପୋଲ ଭୁଷୁଡିଲେ ଠିକାଦାର ବନ୍ଧା ହେବା କଥା । ଭୁବନେଶ୍ୱରର ବିଭିନ୍ନ ଘଟଣାରୁ ସମସ୍ତେ ଜାଣିଥିବେ, ହେଲେ ଏଠି ସବୁ ନୀରବ । ଅବଶ୍ୟ ସ୍ଥାନୀୟ ବିଜେପି ମାମଲାକୁ ନେଇ ମୁହଁ ଖୋଲିଥିଲା, ଏହି ଅର୍ଥ କେନ୍ଦ୍ରରୁ ଆସିଛି ବିଜେପି ଏଥିଲାଗି ଅଧିକ ଖୋଳତାଡ କରିବା କଥା, କିନ୍ତୁ ଧର୍ମେନ୍ଦ୍ର ବାବୁ ରାଉରକେଲା ଆସି ଯିବା ପରେ ସମସ୍ତେ ନୀରବ । କଂଗ୍ରେସ ଦଳ ପକ୍ଷରୁ ବିଭିନ୍ନ ସମୟରେ ଅନେକ ଦାବି ବିକ୍ଷୋଭ ହେଉଛି ହେଲେ ଏହି ଘଟଣାକୁ ନେଇ ଦଳ ଆଜିଯାଏ ମୁହଁ ଖୋଲିନଥିବା ଆଲୋଚନା ଚାଲିଛି । ସ୍ମାର୍ଟ ସିଟିରେ ଚାଲିଥିବା ରାସ୍ତା ଠାରୁ ଘର କାମରେ ବିଭିନ୍ନ ସମୟରେ ନିମ୍ନମାନର କାମ ନେଇ ଅଭିଯୋଗ ମାନ ଆସିଛି, ତଦନ୍ତ ମଧ ହୋଇଛି ଯଦି ନିୟମିତ ଏମିତି ଚାଲେ ନିର୍ମାଣ ହେଉଥିବା ସ୍ମାର୍ଟ ସିଟିର କାମ ଗୁଡିକର ମାନ କଣ ସେ ନେଇ ସହର ବାସୀଙ୍କ ମନରେ ସନ୍ଦେହ ଉଠିଲାଣି । ତେଣୁ ରାଜ୍ୟ ଭିଜିଲାନ୍ସ ଏଠାରେ କାର୍ଯ୍ୟରତ ଅଧିକାରୀ, ଇଂଜିନିୟର ଓ ପ୍ରକଳ୍ପ ଗୁଡିକ ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଏନ୍ ଏଲ୍ ସି ତଲାବିରା ଥର୍ମାଲ ପାୱାର ପ୍ଲାଂଟର ଦ୍ୱିତୀୟ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ

ଝାରସୁଗୁଡ଼ା,୨୦/୦୮ (ନି.ପ୍ର): ଏନ୍ଏଲ୍ସି ତଲାବିରା ଥର୍ମାଲ ପାୱାର ପ୍ଲାଣ୍ଟର ଦ୍ୱିତୀୟ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି ବୈଠକ ଜିଲ୍ଲା ପରିଷଦ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଛି । ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ , ବରଗଡ଼ ସାଂସଦ ସୁରେଶ ପୂଜାରୀ , ରେଙ୍ଗାଲି ବିଧାୟକ ନାଉରୀ ନାଏକ , ଝାରସୁଗୁଡ଼ା ଜିଲ୍ଲା ପରିଷଦ ସଭାପତି ତୁଳାବତି ମିଞ୍ଜ , ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି, ଉତ୍ତରାଞ୍ଚଳ ଆଇ ଜି ଦୀପକ କୁମାର , ଝାରସୁଗୁଡ଼ା ଜିଲ୍ଲାପାଳ ସରୋଜ କୁମାର ସାମଲ, ଏସ୍ ପି ରାହୁଲ ଜୈନ, ସମ୍ବଲପୁର ଏସ୍ ପି , ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝୀ , ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ , ପ୍ରକଳ୍ପ ନିର୍ଦ୍ଦେଶକ ( ପୁନର୍ବାସ ଓ ଥଇଥାନ ) ଆଲମଣି ସେଠୀ ଓ ତଲାବିରା ଥର୍ମାଲ ପାୱାର ପ୍ରଜେକ୍ଟ , ଏନ୍ ଏଲ୍ ସି ଇଣ୍ଡିଆ ଲିମିଟେଡ଼ ପ୍ରକଳ୍ପ ନିର୍ଦ୍ଦେଶକ ସାଜି ଜନ , ପ୍ରକଳ୍ପ ମୁଖ୍ୟ ଅନୁରାଗ ମିତ୍ତଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଅଞ୍ଚଳର ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତି ପୂରଣ ଓ ଥଇଥାନ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ୨୪୦୦ ମେଗାୱାଟ ବିଶିଷ୍ଟ ଏହି ପାୱାର ପ୍ଲାଣ୍ଟ ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା ଶିକ୍ଷା , ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ କିପରି ଉନ୍ନତି ସାଧିତ ହେବ ସେ ନେଇ ଆଲୋଚନା ହୋଇଥିଲା । ସି ଏସ୍ ଆର ପାଣ୍ଠି ବିନିଯୋଗ ପୂର୍ବକ ଉନ୍ନତମାନର ବୈଷୟିକ ଅନୁଷ୍ଠାନ ଓ ଡାକ୍ତରଖାନା ପ୍ରତିଷ୍ଠା ସହ ଜିଲ୍ଲାବାସୀ ପ୍ରକଳ୍ପ ଦ୍ୱାରା କିପରି ଅଧିକ ଉପକୃତ ହେବେ ଓ ଯଥା ସମ୍ଭବ ପ୍ରଦୂଷଣ ହ୍ରାସ ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା । ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳର ବିସ୍ଥାପିତ ଏବଂ ବାସହୀନଙ୍କ ସକାଶେ ବାସପଯୋଗୀ ଗୃହ ଓ ଜମି ଯୋଗାଇଦେବା ସହ କମ୍ୟୁନିଟି ହଲ , ସ୍କୁଲ , ସ୍ୱାସ୍ଥ୍ୟ କେନ୍ଦ୍ର , ରାସ୍ତା ଓ ନାଳ , ଓଭରହେଡ ୱାଟର ଟ୍ୟାଙ୍କ , ସପିଙ୍ଗ କମ୍ପ୍ଲେକ୍ସ ଆଦି ନିର୍ମାଣ ନେଇ ମଧ ଆଲୋଚନା ହୋଇଥିଲା । ଏହି ବୈଠକରେ ଝାରସୁଗୁଡ଼ା ଓ ରେଙ୍ଗାଲି ପଞ୍ଚାୟତ ସମିତି ଅଧକ୍ଷ , ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ପ୍ରତିନିଧି ଓ ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୋନପୁର ଗଡଜାତ ପାଇଁ ନବାନ୍ନ ଲଗ୍ନ ଧାର୍ଯ୍ୟ

ସୁବର୍ଣ୍ଣପୁର ,୨୦/୦୮ (ନି.ପ୍ର): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଆସନ୍ତା ତା୧.୯.୨୦୨୨ ଗୁରୁବାର ଦିନ ପାଳନ ହେବ । ଏଥିପାଇଁ ସୋନପୁର ଗଡଜାତ ଓ ପଞ୍ଚରା ଅଞ୍ଚଳପାଇଁ ଆଜି ସୋନପୁର ର ବଡ଼ ଜଗନ୍ନାଥ ମନ୍ଦିର ପରିସରସ୍ଥ ମୁକ୍ତି ମଣ୍ଡପ ଠାରେ ଜିଲ୍ଲାର ତଥା ଗଡଜାତ ର ସମସ୍ତ ଜ୍ୟୋତିର୍ବିଦ ପଣ୍ଡିତ ସମାଜ ପକ୍ଷରୁ ନବାନ୍ନ ଭକ୍ଷଣ ପାଇଁ ଶୁଭଲଗ୍ନ ନିରୁପଣ କରାଯାଇଛି । ପ୍ରାତଃ ୮.୨୦ ମିନିଟରୁ ୯.୨୦ ମିନିଟ ମଧରେ ମାଁ ସମଲେଶ୍ୱରୀଙ୍କ ମନ୍ଦିର ଠାରୁ ପାହୁରଯାତ୍ରା ବାହାରିବ । ଭାଦ୍ରବ ଶୁକ୍ଳ ଋଷି ପଞ୍ଚମି ସ୍ୱାତୀ ନକ୍ଷତ୍ର ତୁଳାରାଶି ବ୍ରହ୍ମଯୋଗ ବାଳବକରଣ ମାହେନ୍ଦ୍ରବେଳା ପୂର୍ବାହ୍ନ ଘ.୧୦.୭ ମିନିଟରୁ ଘ୧୦.୨୧ ମିନିଟ ମଧେ ତୁଳାଲଗ୍ନ ମୀନ ନବାଂଶରେ ଶ୍ରୀ ଅଷ୍ଟଚଣ୍ଡି ,ଅଷ୍ଟବିଷ୍ଣୁ,ଅଷ୍ଟଶମ୍ଭୁ ଙ୍କ ଠାରେ ନବାନ୍ନ ସମର୍ପଣ ହେବ ଓ ସମସ୍ତେ ଉକ୍ତ ସମୟରୁ ନବାନ୍ନ ଭକ୍ଷଣ ପାଇଁ ଶୁଭଲଗ୍ନ ଧାର୍ଯ୍ୟ କରାଯାଇଛି । ଉପସ୍ଥିତସମସ୍ତ ଜ୍ୟୋତିର୍ବିଦ ଙ୍କ ପକ୍ଷରୁ ଜ୍ୟୋତିର୍ବିଦ ଆଚାର୍ଯ୍ୟ ବ୍ୟାସ ପଣ୍ଡିତ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ମହାପାତ୍ର ଉକ୍ତ ଲଗ୍ନ ପ୍ରକାଶ କରିଛନ୍ତି । ଏହିଲଗ୍ନ ଧାର୍ଯ୍ୟ ସମୟରେ ଜିଲ୍ଲାର ବିଭିନ୍ନ ପଣ୍ଡିତ ଙ୍କସମେତ ବିଭିନ୍ନ ମନ୍ଦିର ର ସେବାୟତ ତଥା ପୋରାଧକ୍ଷା ତାମସି ତାମସ୍ୱିତା ନାଏକ, ଶଶାଙ୍କ ଶେଖର ସିଂହଦେଓ, ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ, ଶେଷଦେବ ମେହେର, ବୈକୁଣ୍ଠ ଶତପଥୀ, ରାମଜୀ ନେଗୀ, ଲଡୁକିଶୋର ମଲ୍ଲିକ ପ୍ରକାଶ ସାହୁ, କଇରୁ ସ୍ୱାଇଁ, ପିୟୁଷ ପଣ୍ଡା, ଭାଗିରଥି ମିଶ୍ର, ରାଜକିଶୋର ପାତ୍ର, ପୋରପରିଷଦ ର ଶିବରାମ ସାହୁ ଙ୍କ ସମେତ ସମସ୍ତ କାଉନସିଲର ଓ ସହରର ବୁଦ୍ଧିଜୀବୀ ଓ ସମସ୍ତ ଗଣମାଧମର ପ୍ରତିନିଧି ଯୋଗଦେଇ ଥିଲେ ।

# ଫୁଲବାଣୀରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

କନ୍ଧମାଳ ,୨୦/୦୮ (ନି.ପ୍ର): ଫୁଲବାଣୀ ରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଫୁଟବଲ ଆସୋସିଏସନ ର ସଭାଗୃହ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଏହି ଦିବସ ଅବସରରେ କେକ୍ କଟା ଯାଇଥିଲା । ଏଥିରେ ଜିଲ୍ଲା ର ବିଭିନ୍ନ ଅଂଚଳରୁ ପେଷାଦାର ଫୋଟଗ୍ରାଫର ମାନେ ଯୋଗ ଦେଇଥିଲେ ।

# ଚୁକ୍ତିଭିତ୍ତିକ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ସୁବର୍ଣ୍ଣପୁର,୨୦/୦୮ (ନି.ପ୍ର): ଚୁକ୍ତିଭିତିକ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଗତକାଲି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟ ସଂଘର ଆହ୍ୱାନରେ ଜିଲ୍ଲା ଶାଖାର ଶହ ଶହ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଜିଲ୍ଲା ସଭାପତି ଚିନ୍ମୟାନନ୍ଦ ପାଢୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଦସ୍ତଖତ ଅଭିଯାନରେ ସାମିଲ ହୋଇ ଠିକା ନିଯୁକ୍ତି ପ୍ରଥାକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି । ସରକାର ଏବେ ପ୍ରଥମ ଛଅ ବର୍ଷ ଠିକା କର୍ମଚାରୀ ଭାବେ ନିଯୁକ୍ତି ଦେଉଥିବା ବେଳେ ଛଅ ବର୍ଷ ପରେ ତାଙ୍କ ଚାକିରି ସ୍ଥାୟୀ କରାଯାଉଛି ।ପ୍ରଥମ ଛଅ ବର୍ଷର କାର୍ଯ୍ୟକୁ ସରକାର ମାନ୍ୟତା ଦେଉ ନ ଥିବା ଅଭିଯୋଗ କରିଛନ୍ତି । ତେବେ ପ୍ରଥମ ଛଅ ବର୍ଷର ମାନ୍ୟତା ଦେବା ସହିତ ସ୍ଥାୟୀ ଚାକିରି ସହିତ ଦରମା ଓ ଭତ୍ତା ଦାବି କରିଛନ୍ତି । ଦାବି ପୂରଣ ପାଇଁ ଗତ ୧୬ ତାରିଖରୁ ଆଗାମୀ ୨୨ ତାରିଖ ପର୍ଯ୍ୟନ୍ତ ମଧାହ୍ନ ବିରତି ପରେ କଳାବ୍ୟାଜ ପରିଧାନ କରି ପ୍ଲାକାର୍ଡ ଧରି ନିଜ ନିଜ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି । ତେବେ ଦାବି ପୂରଣ ନ ହେଲେ ଚଳିତ ମାସ ଶେଷ ସପ୍ତାହରେ ରାଜଧାନୀରେ ଦୁର୍ବାର ଆନ୍ଦୋଳନ କରିବେ ବୋଲି ଜିଲ୍ଲା ସଭାପତି ଚେତାବନୀ ଦେଇଛନ୍ତି ।

# ମାନବିକତା ଦେଖାଇଛନ୍ତି କନ୍ଧମାଳ ଜିଲ୍ଲା ଗୃହରକ୍ଷୀ ସଂଘ

କନ୍ଧମାଳ ,୨୦/୦୮ (ନି.ପ୍ର): ଜିଲ୍ଲାର ଫୁଲବାଣୀ ସହରରେ କାର୍ଯ୍ୟରତ ଜଣେ ଗୃହରକ୍ଷୀ ଲଳିତ କୁମାର ବଗର୍ତି ବୟସ ୪୮ କିଛି ଦିନ ହେବ ସେ ଅସୁସ୍ଥ ଥିଲେ । ଫୁଲବାଣୀ ହସ୍ପିଟାଲ ରେ ସେ ଚିକିତ୍ସା ହେଉଥିଲେ । ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ହସ୍ପିଟାଲ କୁ ରେଫର କରିଥିଲେ । ସେଠାରେ ଚିକିତ୍ସିତ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଥିଲା । ଲଳିତଙ୍କ ମର ଶରୀର କୁ ପରିବାର ବର୍ଗ ବ୍ରହ୍ମପୁର ରୁ ଫୁଲବାଣୀ ଲକ୍ଷ୍ମୀ ମାର୍କେଟ ନିକଟସ୍ଥ ବସଭାବନ କୁ ଆଣିଥିଲେ । ଏହି ଖବର ଖବର ପାଇ ଜିଲ୍ଲା ଗୃହରକ୍ଷୀ ସଂଘ ର ସଦସ୍ୟ କନ୍ଧମାଳ ଜିଲ୍ଲା ଗୃହରକ୍ଷୀ ସଂଘର ଆବାହକ ବିରାଜ କୁମାର ପ୍ରଧାନ , କାଯ୍ୟକାରିଣୀ ସଭାପତି ଅକ୍ଷୟ କୁମାର ରାୟ , ସୁଧୀର ବେହେରା, ଭଜମନ ନାୟକ, ସଫ୍ରିନ ଖାନ, ଜୟନ୍ତୀ ଚୌଧୁରୀ, ସରସ୍ୱତୀ ନାୟକ, ସୁନିତା ପାତ୍ର ସମେତ ସ୍ଥାନୀୟ ବାସିନ୍ଦା ସୁଦାମ ସାହୁ ରାଜୀବ ବେହେରା ଲକ୍ଷ୍ମୀ ମାର୍କେଟ ସ୍ଥିତ ବାସଭବନରେ ପହଞ୍ଚି ସମବେଦନା ଜଣାଇଥିଲେ । ମୃତ ସହକର୍ମୀଙ୍କ ସବ ସତ୍କାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ସଂଘର ସଦସ୍ୟ ସମସ୍ତ ପ୍ରକାର ପ୍ରସ୍ତୁତି କରି ଫୁଲବାଣୀ ନାରାୟଣୀ ମନ୍ଦିର ପାଖ ସ୍ମଶାନରେ ହିନ୍ଦୁ ରୀତି ଅନୁଯାୟୀ ଅନ୍ତିମ ସଂସ୍କାର କରିଥିଲେ । ଏଭଳି ମାନବିକତା ର ଦିଗଦର୍ଶନ ଦେଇ ଆଜି ସମସ୍ତଙ୍କ ମନ ଜିତିନେଇଛନ୍ତି ।

# ୫ ଡିସିମିଲ ଜମିକୁ ୨୦ ଡିସିମିଲ ବିକ୍ରୀ ଘଟଣା : ପଟ୍ଟା ଖାରଜ ପାଇଁ ଆବେଦନ

କେନ୍ଦୁଝର, ,୨୦/୦୮ (ନି.ପ୍ର): - କେନ୍ଦୁଝର ସଦର ତହସିଲ ବଡହଳ ମୌଜାର ଅନ୍ନଦା ପ୍ରସାଦ ମହାପାତ୍ର ୧୩/୦୩/୨୦୧୨ରେ କବଲା ନଂ ୧୦୦୧୨୦୦୪୫ରେ ୧୦ ଡିସିମିଲ ଜମି କ୍ରୟ କରିଥିଲେ । ଏହାପରେ ଉକ୍ତ ଜମିକୁ ୩ଥର ବିକ୍ରୀ କଲେଣି । ପ୍ରଥମେ ୫ଡିସଲମଲଲ ଏବଂ ପରେ ପୁଣି ଦୁଇଟି ପର୍ଯ୍ୟାୟରେ ୧୦ଡିସିମିଲ ଲେଖାଁଏ ଜମି ବିକ୍ରୀ କଲେଣି । ତାହା ପୁଣି କବଲାରୁ ବିକ୍ରୀ କରାଯାଇଛି । ଅଭିଯୋଗ ଅନୁଯାୟୀ ଅନ୍ନଦା ପ୍ରସାଦ ମହାପାତ୍ରଙ୍କ ନାମରେ ୧୦ଡିସିମିଲ ଜମି କବଲା ହେବାର ୩ଦିନ ପରେ ୧୬/୦୩/୨୦୧୨ରେ ଉକ୍ତ ପ୍ଲଟର ୧୦ଡେସିମିଲ ଜମିରୁ ଅନ୍ନଦା ପ୍ରସାଦ ମହାପାତ୍ର ମୟୁରଭଞ୍ଜ ଜିଲ୍ଲାର ଭରତ ଚନ୍ଦ୍ର ମହାନ୍ତଙ୍କୁ ୫ଡେସିମିଲ ଜମି ପୂର୍ବରୁ ବିକ୍ରି କରିଥିଲେ । ବାକି ୫ଡିସିମିଲ ଜମିକୁ ପରବର୍ତ୍ତୀ ସମୟରେ ବେଆଇନ ଭାବରେ ଉକ୍ତ ଜମିକୁ ଦୁଇ ଥର ଭିନ୍ନ ଭିନ୍ନ ତାରିଖରେ ୨୦ଡେସିମିଲ କବଲା କରାଯାଇଥିଲା । ଗୋଟିଏ ଜମିକୁ ସମାନ ଲୋକ ଅଲଗା ଅଲଗା ତାରିଖରେ କବଲା କରିବା ଘଟଣାରେ ସବରେଜିଷ୍ଟ୍ରାର ପକ୍ଷରୁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବରଂ ଉକ୍ତ ଦୁଇଟି କବଲାକୁ କ୍ରେତା ଏବଂ ବିକ୍ରେତାଙ୍କ ସହମତିରେ ବାତିଲ କରି ଆଉ ଏକ ନୂଆ କବଲା ୦୯/୦୬/୨୦୨୨ରେ କରାଯିବା ଘଟଣା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଏ ନେଇ ବିଭାଗ ପକ୍ଷରୁ ଥାନାରେ ମାମଲା ରୁଜୁ କରା ନ ଯିବା ଏବଂ ପରେ ଦୋଷ ତୃଟିକୁ ଲୁଚାଇବା ପାଇଁ ଉକ୍ତ ଦୁଇ କବଲାରେ ଭୂଲ ଥିବା ଦର୍ଶାଇ କ୍ରେତା ଓ ବିକ୍ରେତା ସଂଶୋଧନ କରି ନୂତନ କବଲା ପ୍ରସ୍ତୁତିରେ ସହଯୋଗ କରିବା ଘଟଣା ଏବେ ବିଭାଗରେ ଚାଲିଥିବା ବେଆଇନ କାର୍ଯ୍ୟ ପଦାରେ ପକାଇଛି । ଏପରିକି ଖାତା ନଂ ୧୨୧/୩୮୨ ପ୍ଲଟ ନଂ ୨୬୩/୭୬୧ରେ ୧୦ ଡିସିମିଲ ଜମିର ପଟ୍ଟା କରାଯାଇ ଘରବାଡି ମଧ ହୋଇଛି । ଏବେ କ୍ରେତା ପଟ୍ଟା ଖାରଜ ପାଇଁ ଆବେଦନ କରିବା ପରେ ସଦର ତହସିଲ କାର୍ଯ୍ୟାଳୟ ପକ୍ଷରୁ ମୋକଦ୍ଦମା ନଂ ୧୨୦/୨୦୨୧ ଏବଂ ୧୨୧/୨୦୨୧ରେ ନୋଟିସ ୩ ପକ୍ଷଙ୍କୁ ନୋଟିସ କରାଯାଇ ୨୯/୦୮/୨୦୨୨ରେ ବିଚାର ପାଇଁ ଉପସ୍ଥିତ ରହିବାକୁ କୁହାଯାଇଛି । ମୃତ ଲୋକଙ୍କ ଜମି କିଣିବା ଘଟଣାରେ ତତକାଳିନ ସବରେଜିଷ୍ଟ୍ରାର ଟାଉନ ଥାନାରେ ଏତଲା ଦେଇଥିବାବେଳେ ପୂର୍ବ ଘଟଣାରେ କାହିଁକି ଏତଲା ନ ଦିଆଗଲା ତାହା ସନ୍ଦେହ ସୃଷ୍ଟି କରିଛି । ଏଥିରେ ବିଭାଗୀୟ କର୍ମଚାରୀଙ୍କ ସଂପୃକ୍ତି ଥିବାରୁ ଧରାପଡିବା ଭୟରେ ଏତଲା ଦିଆଯାଇନଥିବା ଆଲୋଚନା ହେଉଛି । ଘଟଣାରୁ ପ୍ରକାଶ ଯେ, ସଦର ତହସିଲ ଅନ୍ତର୍ଗତ ବଡହଳ ମୌଜାରେ ୫ଡେସିମିଲ ଜମିକୁ ଦୁଇ ଥରରେ ୨୦ ଡିସିମିଲ କରିବିକ୍ରି କରାଯାଇଥିଲା । ଖାତା ନମ୍ବର ୧୨୧/୩୮୨ର ପ୍ଲଟ ନମ୍ବର ୨୬୩/୭୬୧ରେ ୧୦ଡିସିମିଲ ଏବଂ ଖାତା ନଂ ୧୨୧/୩୮୯ ପ୍ଲଟ ନଂ ୨୬୩/୭୬୬ ରେ ପୁଣି ୧୦ଡିସିମିଲ ବିକ୍ରୀ କରାଯାଇ ପଟ୍ଟା ହୋଇଛି । ଜାଲ କାଗଜପତ୍ର କରି ଏହି ଜମି ବିକ୍ରି ହୋଇଥିବା ମାଧପୁର ଅଂଚଳର ବିଧବା ମହିଳା କୁମୁଦିନି ବାରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ ଘଟଣାର ୨ମାସ ପରେ ମଧ ଟାଉନ ପୋଲିସ ମାମଲା ରୁଜୁ କରିନଥିଲା । ଜମି କିଣା ବିକା ସମୟରେ ଜମିର ଇନକମ୍ବ୍ରାନସି ସାର୍ଟିଫିକେଟ (ଇସି) ଯାଂଚ ନ କରି ବିକ୍ରୀ ହୋଇଥିବା ଅଭିଯୋଗ ହୋଇଛି । ସହରରେ ଜମି କାରବାର କରୁଥିବା ଜଣେ ପ୍ରଭାବଶାଳୀ ଲୋକ ସଞ୍ଜୟ ସାହୁ ଜମି କ୍ରୟ କରିଥିବାରୁ ଏହି ବେଆଇନ କାମ ସମ୍ଭବ ହୋଇଛି ବୋଲି କୁହାଯାଉଛି । ଏହି ଦୁଇଟି କବଲାରେ ବିକିବା ଓ କିଣିବା ଲୋକ ସମାନ ରହିଛି । ପୋଲିସ ଅଭିଯୋଗ ପରେ ଏହାର ଏହାର ତଦନ୍ତ କରି ପଦକ୍ଷେପ ନେବା ଜରୁରୀ ହୋଇପଡିଛି । ଜମି କିଣା ବିକା ବା ସେଲ ଡିଡ୍ ସମୟରେ ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ଜମିର ଇନକମ୍ବ୍ରାନସି ସାର୍ଟିଫିକେଟ (ଇସି)ଯାଂଚଞ୍ଚ କରା ନଯାଇ ସେଲ ଡିଡ୍ ହୋଇଥିବା ଅଭିଯୋଗ ହୋଇଛି । ଉକ୍ତ ଦୁଇଟି କବଲାର ପଟ୍ଟା କରିବା ଏବଂକିସମ ପରିବର୍ତ୍ତନ କରି ଘରବାଡି ସମୟରେ ସଦର ତହସିଲ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ଏହା ପଛରେ ବଡ ର୍ୟାକେଟ କାମ କରୁଥିବାରୁ ଏହାର ତଦନ୍ତ କ୍ରାଇମ ବ୍ରାଂଞ୍ଚତଦନ୍ତ ଦାବୀ ହୋଇଛି । କବଲା ହେବା ସମୟରେ ସମସ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରି ଜମିର ଇନକମ୍ବ୍ରାନସି ସାର୍ଟିଫିକେଟ (ଇସି) ନ ବାହାର କରି କିପରି ସେଲ ଡିଡ କରାଗଲା ତାହା ସମସ୍ତଙ୍କୁ ଚକିତ କରିଛି । ଉକ୍ତ ଘଟଣାରେ ସବରେଜିଷ୍ଟ୍ରାର ଅଫିସର କର୍ମଚାରୀ ଓ ଜମି ବିକ୍ରେତାଙ୍କ ମଧୁଚନ୍ଦ୍ରିକାରେ ବଡ ଧରଣର ଜମି ଜାଲିଆତି ହୋଇଛି । ମହାଘୋଟାଲା ନେଇ ଉଚ୍ଚ ଅଧିକାରୀ ଚୁପ ରହିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଅଭିଯୋଗ ହେବାର ୩ମାସ ପରେ କାର୍ଯ୍ୟନୁଷ୍ଠାନ କେବଳ କାଗତପତ୍ରରେ ସିମିତ ହୋଇ ରହିଯାଇଛି । ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।

# ସ୍ୱାଭିମାନ ଅଂଚଳରେ ଉଚ୍ଚଶିକ୍ଷାର କୌଣସି ବ୍ୟବସ୍ଥା ନାହିଁ: ମାଟ୍ରିକ ପାଶ ପରେ ଆଦିବାସୀ ଛାତ୍ରଛାତ୍ରୀ ଦାଦନ

ମାଲକାନଗିରି,୨୦/୦୮ (ନି.ପ୍ର): ମାଟ୍ରିକ ପାସ ପରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳର ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ନଥିବାରୁ ଉଚ୍ଚ ଶିକ୍ଷାରୁ ବଂଚିତ ହୋଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି । ଉଚ୍ଚ ଶିକ୍ଷାର ଯେଉଁ ସ୍ୱପ୍ନ ରହିଛି ଧୀରେ ଧୀରେ ତାହା ମଉଳି ଯାଉଛି । ବିଶେଷ କରି ମହାବିଦ୍ୟାଳୟଗୁଡ଼ିକ ସ୍ୱାଭିମାନ ଅଂଚଳରୁ ଦୂରରେ ଅବସ୍ଥାପିତ ହୋଇଥିବାରୁ ପଢ଼ିବାକୁ ଯାଇ ପାରୁନାହାନ୍ତି ଆଦିବାସୀ ଛାତ୍ରଛାତ୍ରୀ । ତେଣୁ ବାଧ ହୋଇ ଛାତ୍ରଛାତ୍ରୀମାନେ ମାଟ୍ରିକ ପାସ ପରେ ପାଠପଢା ଛାଡ଼ି ଦେଉଛନ୍ତି । ଏହାର ଏକ ନଗ୍ନନମୁନା ହେଉଛି ସ୍ୱାଭିମାନ ଅଂଚଳର ପଣସପୁଟ, ଜୋଡ଼ାମ୍ବ, ବଡ଼ପଡ଼ା, ବଡ଼ପଦର, ଧୂଳିପୁଟ, ଗାଜଲମାମୁଡ଼ି, ଅଣ୍ଡ୍ରାପାଲ୍ଲୀ, ପାପରମେଟଲା, ରାଲେଗେଡ଼ା ପ୍ରଭୃତି ପଂଚାୟତ ଗୁଡ଼ିକରେ ଭାରତ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ ଗୋଟିଏ ହେଲେ ମହାବିଦ୍ୟାଳୟ ସ୍ୱାଭିମାନ ଅଂଚଳରେ ସ୍ଥାପିତ ହୋଇ ପାରିନାହିଁ । ଏହି ଅଂଚଳର ଛାତ୍ରଛାତ୍ରୀମାନେ ବାଲିମେଳା କିମ୍ବା ଚିତ୍ରକୋଣ୍ଡା ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ନାମ ଲେଖାନ୍ତି । ତେବେ ଯୁକ୍ତ ଦୁଇ କଳାରେ ପାଠ ପଢିବା ପାଇଁ ଛାତ୍ରଛାତ୍ରୀଙ୍କୁ କୁଡୁମୁଲୁଗୁମ୍ମା ଯିବାକୁ ପଡିଥାଏ । ସେହିପରି ଯୁକ୍ତ ତିନି ପାଇଁ ମଧ ବାଲିମେଳା ଓ ମାଲକାନଗିରି ସଦର ମହକୁମାରେ ଥିବା ମହାବିଦ୍ୟାଳୟ ଉପରେ ନିର୍ଭର କରନ୍ତି ସ୍ୱାଭିମାନ ଅଂଚଳର ଛାତ୍ରଛାତ୍ରୀମାନେ । ତେବେ ମାଲକାନଗିରି ଜିଲ୍ଲାରେ ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀମାନଙ୍କ ହାର ୫୪ ପ୍ରତିଶତ ରହିଥିବା କୁହାଯାଉଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହା ଅଧିକ ହେବ ବୋଲି ଅନୁମେୟ । ବିଶେଷ କରି ଆଦିବାସୀ ଛାତ୍ରୀଙ୍କ କ୍ଷେତ୍ରରେ ଡ୍ରପ୍ଆଉଟ୍ ହାର ଅଧିକ ରହିଥିବା ବେଳେ ମାଟ୍ରିକ୍ ପାଶ ପରେ ମଧ କଲେଜ ପ୍ରାଙ୍ଗଣ ମାଡି ପାରୁ ନାହାନ୍ତି ଛାତ୍ରୀମାନେ । ତେବେ ସରକାରଙ୍କ ପକ୍ଷରୁ କିଛି ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ୨ ପାଠ୍ୟକ୍ରମ କରିବା ଲାଗି ଯୋଜନା ରହିଥିବା ବେଳେ ଏହା ସ୍ୱାଭିମାନ ଅଂଚଳରେ ଆରମ୍ଭ ହେବ କି ନାହିଁ ସନ୍ଦେହ ଉଦ୍ରେକ ହୋଇଛି । ବର୍ତ୍ତମାନ ସୁଦ୍ଧା ମାଲକାନଗିରି ଜିଲ୍ଲାରେ ପ୍ରାୟ ୫ଟି ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ୨ କୁ ଉନ୍ନିତ ହେବା ପାଇଁ ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି । ତେବେ ସ୍ୱାଭିମାନ ଅଂଚଳରେ ଯୁକ୍ତ ୨ ଅଧୟନ ଲାଗି ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଆଦିବାସୀ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରୁ ବଂଚିତ ହେବାକୁ ବାଧ ହେଉଥିବା ଜଣାପଡିଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୧ ଅଗଷ୍ଟ, ୨୦୨୨
email : rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୮୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସେ ସେମାନଙ୍କ କଥା ଶୁଣିଲା ନାହିଁ ଓ ନିଜ ପଥରେ ଅଗ୍ରସର ହେବାକୁ ଲାଗିଲା । ତତ୍‌ପରେ କଂଗ୍ରେସପନ୍ଥୀମାନେ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ନୀତି ବର୍ଜନ କରି ତାହା ପ୍ରତି ପ୍ରହାର ଆରମ୍ଭ କଲେ । ସେ ଦୌଡ଼ି ପଳାଇବାକୁ ଲାଗିଲା । ତା' ପଛରେ ସେମାନେ ତାହାର ଘର ପର୍ଯ୍ୟନ୍ତ ଗୋଡ଼ାଇଲେ । କଣ୍ଡରା ଘର ଭିତରକୁ ପଶିଗଲା, ଦାଣ୍ଡଦୁଆର ତାଟି ଖଣ୍ଡିକୁ ପେଲିଦେଇ ତାହାର ଛୋଟୀ ଭଉଣୀଟି ସେମାନଙ୍କ ପଥରୋଧ କଲା । ସେମାନେ ତାହାକୁ ସୁଦ୍ଧା ନିଷ୍ଠୁର ଭାବରେ ପ୍ରହାର କଲେ ଓ ଘରକୁ ପଶି ତାହା ଘରେ ଥିବା ସମସ୍ତଙ୍କ ପ୍ରତି ଅତ୍ୟାଚାର ଆରମ୍ଭ କରିଦେଲେ । ଗ୍ରାମରେ ଏହି କଥା ଜାରି ହୋଇଗଲା ଓ ଲୋକମାନେ ଆସିଲାରୁ ସେମାନେ ପଳାଇଗଲେ । ଏହି ଘଟଣା ପୋଲିସରେ ପହଞ୍ଚିବାରେ ବିଳମ୍ବ ହେଲାନାହିଁ । ପୋଲିସ୍ ଏମାନଙ୍କୁ ଚାଲାଣ ଦେଲା ଓ ଏମାନେ ବିଚାର ସକାଶେ ମୋ ଅଦାଲତରେ ଉପସ୍ଥିତ ହେଲେ ।

ଆଉ ଏକ ଘଟଣା- ଭଗବାନ ରାୟଗୁରୁ ନାମକ ଜଣେ ବୃଦ୍ଧ ବ୍ରାହ୍ମଣ । ଛୋଟ ମହାଜନଟିଏ । ଜଣେ ହ୍ୟାଣ୍ଡନୋଟ୍ ଲେଖିନେଇ ତାଙ୍କଠାରୁ ତିନିଶତ ଟଙ୍କା ଋଣ ନେଇଥିଲା । ଏହି କଂଗ୍ରେସ ନେତୃବୃନ୍ଦ ରାୟଗୁରୁଙ୍କୁ ତାଙ୍କ ଦାବି ଛାଡ଼ିଦେଇ ତାକୁ ଋଣମୁକ୍ତ କରିବାକୁ କହିଲେ । କିନ୍ତୁ ରାୟଗୁରୁ ଏଥିରେ ରାଜି ହେଲେ ନାହିଁ । ତାଙ୍କୁ ତାଙ୍କ ସଭାକୁ ଡକାଇନେଇ ପ୍ରହାର କଲେ ଓ ବଳାତ୍କାର ପୂର୍ବକ ଖଣ୍ଡେ ସାଦା କାଗଜରେ ତାଙ୍କ ଟିପଚିହ୍ନ ନେଲେ । ଏହି ଅଭିଯୋଗରେ ମୋକଦ୍ଦମା ଦାଏର ହେଲା । ଆସାମୀମାନେ ମୋ ଅଦାଲତରେ ଉପସ୍ଥିତ ହେଲାରୁ ରାୟଗୁରୁ ପ୍ରଥମରେ କହିଲେ, 'ହଜୁର ! ମୋ ଉପରେ ଯେଉଁ ପାଣ୍ଡବ ସୃଷ୍ଟି ହେଲା, କ'ଣ କହିବି ?' 'ପାଣ୍ଡବସୃଷ୍ଟି' କ'ଣ ବୋଲି ପଚାରିଲି । ରାୟଗୁରୁ ବ୍ୟାଖ୍ୟା କରି କହିଲେ, 'କଂଗ୍ରେସବାଲାଙ୍କ ଗୁପ୍ତ କାର୍ଯ୍ୟସିଦ୍ଧି ସମ୍ବନ୍ଧରେ ନୂତନ ସୃଷ୍ଟ କେତେକ ଶବ୍ଦ ମଧ୍ୟରେ 'ପାଣ୍ଡବସୃଷ୍ଟି ଗୋଟିଏ । 'ପାଣ୍ଡବସୃଷ୍ଟି' ଅର୍ଥ, ପଞ୍ଚପାଣ୍ଡବ ତୁଲ୍ୟ ପଞ୍ଚାଙ୍ଗୁଳି ବିଶିଷ୍ଟ ବିଧାମାଡ଼ ।'

ଏହି ଦୁଇ ମୋକଦ୍ଦମା ଉଠାଇ ଦେବା ସକାଶେ ପ୍ରଧାନ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାକୁ ଲେଖିଲେ । ଜିଲ୍ଲା ମାଜିଷ୍ଟ୍ରେଟ୍ ମୋତେ ଡକାଇଲେ ଓ ପ୍ରଧାନମନ୍ତ୍ରୀଙ୍କ ଲେଖା ଖଣ୍ଡିକ ଦେଖାଇ ମୋକଦ୍ଦମାଦ୍ୱୟ ଉଠାଇ ଦେବା ସକାଶେ ଅନୁମତି ଦେବାପାଇଁ କହିଲେ । ମୁଁ ଏହି ପ୍ରସ୍ତାବ ଗ୍ରହଣ କରିବାକୁ ରାଜିହେଲି ନାହିଁ । କଣ୍ଡରାର ଦେହଯାକ କ୍ଷତବିକ୍ଷତ ହୋଇଯାଇଅଛି । ବିଶେଷତଃ ତାହାର ଛୋଟ ଭଉଣୀର ପିଠି ଫାଟିଯାଇଅଛି । ମୁଁ କହିଲି, 'ମୋକଦ୍ଦମା ଉଠାଇ ଦେବାରୁ କୌଣସି କାରଣ ନାହିଁ । ଡାକ୍ତର ସାର୍ଟିଫିକେଟ୍‌ରୁ ଜଣାଯାଉଅଛି ଯେ ଏହି କ୍ଷତ ସବୁ ମାଡ଼ ଯୋଗୁଁ ହୋଇଅଛି । ଆସାମୀମାନଙ୍କ ବିରୁଦ୍ଧରେ ପ୍ରମାଣ ନ ହେଲେ କିମ୍ବା ନିଜେ ପ୍ରମାଣ ଦେଇ ସେମାନଙ୍କ ନିର୍ଦ୍ଦୋଷିତା ସାବ୍ୟସ୍ତ କଲେ ଖଲାସ ହେବେ । ସରକାର ପକ୍ଷରୁ ମୋକଦ୍ଦମା ଉଠାଇ ନେବାର କାରଣ କ'ଣ ?' ଜିଲ୍ଲା ମାଜିଷ୍ଟ୍ରେଟ୍ କହିଲେ, 'ପ୍ରଧାନମନ୍ତ୍ରୀଙ୍କ ମାନ ରକ୍ଷା କରିବା ଉଚିତ । ତାହା ନ କଲେ ହୁଏତ ପରେ ଆପଣଙ୍କ ପ୍ରତି ବିପଦ ହୋଇପାରେ । ଆପଣ ବୁଝି ସୁଝି କାମ କରନ୍ତୁ । ଏପରି କେତେ ବନ୍ଧୁ ଭାବରେ ମୋତେ ଉପଦେଶ ଦେଲେ । ଏହି ପ୍ରସଙ୍ଗରେ କେତେ ଭାବ ମୋ ମନ ମଧ୍ୟରେ ଖେଳିଗଲା । ମନେ ମନେ ଭାବିଲି, କେତେ ଲୋକ ମୋକଦ୍ଦମାରେ ଲିପ୍ତ ହେଉଅଛନ୍ତି । ଆଜି କେତେ ଆସାମୀ ଭିନ୍ନ ଭିନ୍ନ ଅଦାଲତରେ ଉପସ୍ଥିତ ହୋଇଅଛନ୍ତି । ମନ୍ତ୍ରୀମାନେ ସମସ୍ତଙ୍କ କଥା କେବେହେଲେ ଭାବୁଛନ୍ତି କି ? ଏହି ଆସାମୀମାନେ ତାଙ୍କ ଦଳର କଂଗ୍ରେସପନ୍ଥୀ ବୋଲି ସିନା ଏମାନଙ୍କ ପ୍ରତି ମନ୍ତ୍ରୀଙ୍କ ଏହି ସଦାଶୟତା ! କିନ୍ତୁ ଏମାନେ ବୁଝୁନାହାଁନ୍ତି ଯେ ଏଥିରେ ଏମାନଙ୍କର କେଡ଼େ ବଦନାମ ହେବ । ଇଂରେଜମାନେ ଦେଶରୁ ଯାଇନାହାଁନ୍ତି । ମନ୍ତ୍ରୀମାନଙ୍କ କାର୍ଯ୍ୟକଳାପ ଆମ୍ଭମାନଙ୍କ ସ୍ୱାଧୀନତା ପ୍ରାପ୍ତି ସକାଶେ ଯୋଗ୍ୟତା ସମ୍ବନ୍ଧରେ ବିବେଚିତ ହେବ । ଏହି ପ୍ରକାର ଘଟଣା ଯୋଗୁଁ ଆମ୍ଭେମାନେ ଯେ ସ୍ୱାଧୀନତା ପ୍ରାପ୍ତିର ସମ୍ପୂର୍ଣ୍ଣ ଅଯୋଗ୍ୟ- ଏହା ସେମାନେ ପ୍ରମାଣ ସ୍ୱରୂପ ଗ୍ରହଣ କରିନେବେ । ପୁଣି ନ୍ୟାୟ ବିଚାରରେ ଏହା ଅନ୍ତରାୟ । ମୁଁ ଏହାକୁ ଗ୍ରହଣ କରିପାରିବି ନାହିଁ, ଯାହାହେଉ ପଛକେ ମୋକଦ୍ଦମା ଉଠାଇ ନେବିନାହିଁ । ମୋ ମତ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଜଣାଇଦେଇ ତାଙ୍କଠାରୁ ଚାଲିଆସିଲି । (ସ୍ୱର୍ଗତ) ଶ୍ରୀ ଗୋପବନ୍ଧୁ ଚୌଧୁରୀ ଓ ଆଉ ଦୁଇତିନିଜଣ କଂଗ୍ରେସନେତା ମୋ ପଛେ ପଛେ ଆସିଲେ ଓ ମୋକଦ୍ଦମାର ମୀମାଂସା ଯେପରି ହୋଇପାରି, ତାହା କରିଦେବା ସକାଶେ ମୋତେ ବିଶେଷ ଭାବରେ ଅନୁରୋଧ କଲେ । ମୁଁ ଅନେକ ଭାବି ଗୋପବନ୍ଧୁ ବାବୁଙ୍କୁ କହିଲି 'ଦେଖନ୍ତୁ, ଆପଣମାନେ ଯଦି ଆପୋଷ ମୀମାଂସା ଚାହାଁନ୍ତି, ତାହାହେଏ ମୁଦେଇମାନଙ୍କୁ କିଛି ଟଙ୍କା ଦେଇ ସନ୍ତୁଷ୍ଟ କରାନ୍ତୁ, ଆଉ ଆସାମୀମାନେ ଆଉ ଏପରି କେବେ କରିବେ ନାହିଁ ବୋଲି ଲେଖିଦେଇ ସେମାନଙ୍କଠାରେ କ୍ଷମାଭିକ୍ଷା କରନ୍ତୁ ଏବଂ ତାହାହେଲେ ସେମାନେ ମୋକଦ୍ଦମା ଚଳାଇବେ ନାହିଁ ବୋଲି ଦରଖାସ୍ତ ଦେଲେ ଆପଣଙ୍କ ଅଭିପ୍ରାୟ ହାସଲ ହୋଇଯିବ ।' ଏଥିରେ ଗୋପବନ୍ଧୁ ବାବୁ ରାଜିହେଲେନ୍ତ କ୍ଷମାପ୍ରାର୍ଥନା କାଗଜ ଖଣ୍ଡେ ଥୁଆହେଲା ।

ଆସାମୀମାନଙ୍କ ମୋକ୍ତାର ଶ୍ରୀ ବ୍ରଜବନ୍ଧୁ ମିଶ୍ର ଆସି ମୋତେ କହିଲେ, 'ସମସ୍ତେ ଆସାମୀ ସ୍ୱାକ୍ଷର କଲେନ୍ତ କିନ୍ତୁ ଅମୁକ (ନାମ କହି) ଆସାମୀଟି ସ୍ୱାକ୍ଷର କରିବାକୁ ରାଜି ହେଉନାହିଁ ।' ତାଙ୍କୁ ମୋ ସମ୍ମୁଖକୁ ଡାକିବାକୁ କହିଲି । ସେ ଉପସ୍ଥିତ ହେଲେ । ତାଙ୍କୁ ପଚାରିଲି, 'ତୁମେ କାହିଁକି ସ୍ୱାକ୍ଷର କରୁନାହିଁ ?' କଂଗ୍ରେସବାଲାଙ୍କ ଅନେକ ସଭାକୁ ଯାଇ ଗୋଟା କେତେ ବନ୍ଧା ବଡ଼ବଡ଼ ଶବ୍ଦ ନିରକ୍ଷରଙ୍କ ମୁଖରୁ ସୁଦ୍ଧା ଶୁଣିବାରେ ମୁଁ ଅଭ୍ୟସ୍ତ ହୋଇଯାଇଥିଲି - ଯଥା: ବାତାବରଣ, ପରିସ୍ଥିତି, ବିପ୍ଳବାତ୍ମକ, ଆଉ କେତେ । ଉପସ୍ଥିତ ଆସାମୀ ଯେଉଁ ଭାଷାରେ ମୋ ପ୍ରଶ୍ନର ଉତ୍ତରଦେଲେ, ତହିଁରେ ମୁଁ ଆଦୌ ବିସ୍ମିତ ହେଲି ନାହିଁ । ସେ କହିଲେ, 'ନା ଆଜ୍ଞା, ଆମ୍ଭେ ଏଥିରେ କଦାପି ସମ୍ମତ ହୋଇପାରିବୁ ନାହିଁ ।' କୌତୁକାବିଷ୍ଟ ହୋଇ ମୁଁ ତଦନୁରୂପ ଭାଷାରେ ପୁଣି ତାଙ୍କୁ ପ୍ରଶ୍ନ କଲି, 'କି ପାଇଁ ସମ୍ମତ ହେବେ ନାହିଁ । ସେ କହିଲେ 'ବୁଝୁ ନାହାଁନ୍ତି, ଏଥିରେ ଆମ୍ଭର ଆତ୍ମସମ୍ମାନରେ ବ୍ୟାଘାତ ଜାତ ହେବ ।' ଓକିଲ ମୋକ୍ତାର ଜଣକେତେ ବସିଥିଲେ । ଲକ୍ଷ୍ୟକଲି ସେମାନଙ୍କ ଅଧରରେ ମୃଦୁହାସ୍ୟ । ପୁଣି କହିଲି, 'ଆତ୍ମସମ୍ମାନ ! ଆପଣଙ୍କର ଆତ୍ମସମ୍ମାନର ବିଦ୍ୟମାନତା ସମ୍ବନ୍ଧରେ ଆମ୍ଭେ ଘୋର ସନ୍ଦିହାନ । ତିଳେମାତ୍ର ଆପଣଙ୍କ ଆତ୍ମସମ୍ମାନ ଥିଲେ ଏହି ରମଣୀର ପୃଷ୍ଠ ଦେଶରେ ନିଷ୍ଠୁରଭାବରେ ପ୍ରହାର କରିନଥାନ୍ତେ । ଏହା କି ଆପଣଙ୍କ ଚିରାଚରିତ ଅହିଂସା ବ୍ରତପାଳନର ପରିଚାୟକ ?' ଏହା ଉତ୍ତାରେ ପୁଣି ସେ କହିଲେ, 'ଯାହା ହେଉ ପଛକେ, ଆମ୍ଭେ ଏଥିରେ ସମ୍ମତ ନୋହୁଁ । ଆପଣଙ୍କ ଯାହା ଇଚ୍ଛା କରିପାରନ୍ତି । ଆମ୍ଭର କହିବାର ଆଉ କିଛି ନାହିଁ ।' କଟକରେ ମୋ ପ୍ରତି ସମସ୍ତ ଓକିଲ ମୋକ୍ତାର ଅତ୍ୟନ୍ତ ସଦୟ ଓ ସମସ୍ତେ ବନ୍ଧୁତୁଲ୍ୟ ବ୍ୟବହାର କରନ୍ତି । ଏହି ବିଶ୍ୱାସପ୍ରଣୋଦିତ ହୋଇ ମୁଁ କୃତ୍ରିମ ପ୍ରଗଲ୍‌ଭତା ଅବଲମ୍ବନ ପୂର୍ବକ କହିଲି, 'ଦେଖନ୍ତୁ, ଆପଣଙ୍କ ପ୍ରତି ଆମ୍ଭର ଏହି ସତ୍‌ପରାମର୍ଶ ଆଶାକରୁ ଆପଣ ତାହା ଗ୍ରହଣ କରିବେ । ଯାଆନ୍ତୁ ଦ୍ୱିଧା ତ୍ୟାଗପୂର୍ବକ ସେହି ରମଣୀର ଚରଣ ତଳରେ ସାଷ୍ଟାଙ୍ଗ ପ୍ରଣିପାତ ପୁରଃସର କ୍ଷମାଭିକ୍ଷା କରନ୍ତୁ । ନଚେତ୍ ବିଚାରରେ ଆପଣ ଦୋଷୀ ସାବ୍ୟସ୍ତ ହେଲେ ଆପଣଙ୍କ ପ୍ରତି କି ଦଣ୍ଡର ବ୍ୟବସ୍ଥା କରିବୁଁ ଜାଣନ୍ତି ? ଆପଣ ଆଶା କରିଅଛନ୍ତି ଯେ କାରାବରଣକରି କାରାଗାରରେ ସମୁଷ୍ଟି ଖାଦ୍ୟପେୟ ମାଲପୁଆ, ପାୟସାଦି ଉପଭୋଗ କରିବେ, ତାହା ହେବ ନାହିଁ । ଆପଣଙ୍କ ପଶ୍ଚାଦ୍‌ଭାଗରୁ ବସ୍ତ୍ରୋତ୍ତୋଳନପୂର୍ବକ ଆମ୍ଭେ ବେତ୍ରାଘାତ କରିବୁଁ । ପୀଡ଼ାରେ ଜର୍ଜ୍ଜରିତ ହୋଇ ଆପଣ ହା ହା ରାବ କଲେ କେହି ତତ୍‌ପ୍ରତି କର୍ଣ୍ଣପାତ ସୁଦ୍ଧା କରିବେ ନାହିଁ । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



ଭାଗ- ୬୩

### ॥ ୨୦୧୬ର ଯାତ୍ରା (୧) ॥

'ସମୟ ବଡ଼ ବଳବାନ୍' ବିଫଳ ହୋଇପାରେ ମାତ୍ର ୨୦୧୬ର ମୋର ଓଲିଉଡ୍‌ରେ ଯାତ୍ରା ଥିଲା ବୋଲି ମୁଁ ମନେକରେ । କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ ଗୁଣାତ୍ମକ ଦୃଷ୍ଟିରୁ ଏହି ଚଳଚ୍ଚିତ୍ର ଗୁଡ଼ିକ ବେଶ୍ ଭଲ ଥିଲା ।

'ସମୟ ବଡ଼ ବଳବାନ' ମୁକ୍ତିଲାଭ କରିବାର ମାତ୍ର ୧୪ଦିନ ପରେ ଅର୍ଥାତ୍ ୧୮ମାର୍ଚ୍ଚ ୨୦୧୬ରେ ମୋର ଅନ୍ୟଏକ ଚଳଚ୍ଚିତ୍ର 'ହେଲା ମତେ ପ୍ରେମ ଜର' ମୁକ୍ତି ଲାଭ କଲା । ପୂର୍ବରୁ କହିଛି ଏସବୁର କାର୍ଯ୍ୟ ପ୍ରାୟତଃ ୨୦୧୫ ମସିହାରେ ଶେଷ ହୋଇଥିଲା । 'ହେଲା ମତେ ପ୍ରେମ ଜର' ସ୍ମୃତିରଂଜନ ରାଉତ ଓ ସୁରେଶ ହାଇଦ୍ରୁଙ୍କ ଦ୍ୱାରା ପ୍ରଯୋଜିତ । କଟକର ରାଉତ ଫ୍ୟାମିଲି ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଛନ୍ତି । କେଶବ ରାଉତଙ୍କ ଅନ୍ୟତମ ପୁତ୍ର ମଣ୍ଟୁ ରାଉତ ପୂର୍ବରୁ ମଧ୍ୟ କେତୋଟି ଚଳଚ୍ଚିତ୍ର ପ୍ରଯୋଜନା କରି ସାରିଥାନ୍ତି । ନାୟକ ସବ୍ୟସାଚୀ ମତେ 'ମଣ୍ଟୁବାବୁଙ୍କ ସହିତ ବାଦାମବାଡ଼ି ସ୍ଥିତ ଅଫିସରେ ଦେଖା କରାଇଲେ । କାହାଣୀ ନିର୍ବାଚନ ଦାୟିତ୍ୱ ସବ୍ୟର । ଚମତ୍କାର କାହାଣୀ । ଗୋଟିଏ ସାଉଥ୍ ଚଳଚ୍ଚିତ୍ରର କାହାଣୀ ଆଧାରରେ ଗତିଶୀଳ । ନାୟକ ସବୁକିଛି ଭୁଲିଯାଏ । ଆଉ ଏଇ ଭୁଲିବାଟା ହିଁ ପ୍ରତ୍ୟେକ କ୍ଷେତ୍ରରେ ତାକୁ ମୁସ୍କିଲକୁ ଟାଣି ଆଣିଛି । ପରିବାର ବର୍ଗ ବିଶେଷ କରି ପ୍ରେମିକା ସହ ଭୁଲ ବୁଝାମଣା ଓ ତା'ର ପରିସମାପ୍ତି କାହାଣୀର ମୁଖ୍ୟ ଆଧାର । କାହାଣୀ ସାରା ହାସ୍ୟରସ ଓ ଫ୍ୟାମିଲି ସେଣ୍ଟିମେଣ୍ଟ ଭରପୁର । ମିହିର ଦାସ, ମୀନକେତନ ପ୍ରମୁଖଙ୍କ ସହ ଅର୍ଚ୍ଚିତା ମୁଖ୍ୟ ଭୂମିକାରେ ।

ସୁରେଶ ହାଇଦ୍ରୁ ଏଥିରେ ମୁଖ୍ୟ ଖଳନାୟକ ତଥା ଏ ଚଳଚ୍ଚିତ୍ରର ଅନ୍ୟତମ ପ୍ରଯୋଜକ । ତାଙ୍କୁ କାହାଣୀ ଶୁଣାଇବାର ଦାୟିତ୍ୱ ପ୍ରଯୋଜକ ମଣ୍ଟୁବାବୁ ମତେ ଦେଲେ । ନିର୍ଦ୍ଦେଶକ ଅମରେଶ ପତିଙ୍କ ସହ ଶହୀଦ ନଗରସ୍ଥିତ ହାଇଦ୍ରୁଙ୍କ ଅଫିସ୍‌ରେ ଦେଖାକଲି । ଯଦିଓ ଏ ସବୁ ମୋର ପ୍ରିନ୍ସିପଲ୍ ବିରୁଦ୍ଧ । ସୁରେଶ ବାବୁ କାହାଣୀ ଶୁଣି ରାଜି ହେଲେ । ଏ ଚଳଚ୍ଚିତ୍ରର ପ୍ରସ୍ତାବନା ସମୟରେ ନିର୍ଦ୍ଦେଶକ ଭାବରେ ଅମର ପତିଙ୍କୁ ନେବାପାଇଁ ସବ୍ୟସାଚୀ ପ୍ରସ୍ତାବ ଦେଇଥିଲେ । ଅମର ପତି ନିର୍ଦ୍ଦେଶକ ଅଶୋକ ପତିଙ୍କ ସାନଭାଇ ତଥା ଅଶୋକ ବାବୁଙ୍କ ବହୁ ସଫଳ ଚଳଚ୍ଚିତ୍ରର ମୁଖ୍ୟ ସହଯୋଗୀ । ତେଣୁ ଭରସା ତାଙ୍କ ଉପରେ ଥିଲା ।

ସ୍କ୍ରିପ୍ଟ ଚାଲିଲା, ସବ୍ୟସାଚୀଙ୍କ ଘରେ । ପୂର୍ବ ଚଳଚ୍ଚିତ୍ର ଭଳି ସବ୍ୟଙ୍କ ଘରେ ଆମେ ସ୍କ୍ରିପ୍ଟିଂ ଶେଷ କଲୁ । ଶୀର୍ଷକଟି ମଧ୍ୟ ସବ୍ୟ ଦେଲେ । ଏ ଚଳଚ୍ଚିତ୍ରର ସ୍କ୍ରିପ୍ଟ ସମୟରେ ମୋର ବ୍ୟକ୍ତିଗତ ବହୁ ଘଟଣା ଦୁର୍ଘଟଣା ଘଟିଥିଲା । ମୋର ଦାମୀ ବାଇକ୍‌ଟି ଚୋରୀ ହୋଇଗଲା । ଖୁସି ଖବର ଥିଲା ମୋର ନାତୁଣୀର ଜନ୍ମ ଦିନ ସେଇ ସମୟ ଭିତରେ । ଖୁସି ଓ ଅବସାଦ ଭିତରେ ମୁଁ ସ୍କ୍ରିପ୍ଟିଂ କାର୍ଯ୍ୟ ଶେଷକଲି । ପ୍ରେମାନନ୍ଦ ମ୍ୟୁଜିକ୍ ଦେଇଥିଲେ । ସବ୍ୟସାଚୀ ଶୀର୍ଷକ ଗୀତଟି 'ହେଲା ମତେ ପ୍ରେମ ଜର' ଗାଇଥିଲେ । ସବୁଗୁଡିକ ଗୀତ ଭଲ ଥିଲା । ଚଳଚ୍ଚିତ୍ରଟିରେ ସମସ୍ତ କଳାକାର ଖୁବ୍ ଭଲ ଅଭିନୟ କରିଥିଲେ । ବିଶେଷ କରି ଋଷି ପଟ୍ଟନାୟକ ସବ୍ୟସାଚୀ (ନାୟକ)ଙ୍କ ବଂଧୁ ଭାବରେ ବଳିଷ୍ଠ ଭୂମିକାରେ ଅଭିନୟ କରିଥିଲେ ।

ସୁବିଧା ଅସୁବିଧା, ଘଟଣା ଦୁର୍ଘଟଣା ମଧ୍ୟରେ ଚଳଚ୍ଚିତ୍ରଟିର ସୁଟିଂ ପରେ ପୋଷ୍ଟ ପ୍ରଡକ୍ସନ କାମ ସରି ସେନ୍‌ସର ହେଲା । ସେନ୍‌ସର ବୋର୍ଡର ସଭ୍ୟମାନେ ମଧ୍ୟ ଚଳଚ୍ଚିତ୍ରଟିକୁ ଦେଖି ପ୍ରଶଂସା କରିଥିଲେ । ଚଳଚ୍ଚିତ୍ରଟିର ପ୍ରମୋସନ ପାଇଁ ସବ୍ୟସାଚୀ ଖୁବ୍ ପରିଶ୍ରମ କରିଥିଲେ । କିନ୍ତୁ ଏସବୁ ସତ୍ତ୍ୱେ କେଜାଣି କାହିଁକି ଚଳଚ୍ଚିତ୍ରଟି ଆମ ଆଶାନୁରୂପକ ସଫଳତା ହାସଲ କରିପାରିଲା ନାହିଁ । ଏହାର କାରଣ ଏ ପର୍ଯ୍ୟନ୍ତ ମୁଁ ମଧ୍ୟ ଖୋଜି ପାଇନାହିଁ ।

୨୦୧୬ର ତୃତୀୟ ଚଳଚ୍ଚିତ୍ର ମୋର ଥିଲା । 'ଟାଇଗର' ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା ଓ ପ୍ରଯୋଜକ ରମେଶ ବାରିକଙ୍କ ସହ ଏହା ଥିଲା ମୋର ପ୍ରଥମ ଚଳଚ୍ଚିତ୍ର । ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା ଜଣେ ଅନୁଭବୀ ନିର୍ଦ୍ଦେଶକ । ଅଭିଜ୍ଞତା ଦୃଷ୍ଟିରେ ମଧ୍ୟ ପରିପକ୍ୱ । ପୂର୍ବରୁ ଗୋଟିଏ ଚଳଚ୍ଚିତ୍ରର ସ୍କ୍ରିପ୍ଟିଂ ମୁଁ କରିଥିଲି । ଦୁଇମାସ ଧରି ଜଟଣୀ (ସେତେବେଳେ ଜଟଣୀ କଲେଜରେ ଅଧ୍ୟାପନା କରୁଥିଲି) ରୁ କଲେଜ ସାରି ମୁଁ ମୋ ବାଇକ୍‌ରେ କଟକ ଧାଉଁଥିଲି । ଭଲ ସ୍କ୍ରିପ୍ଟ ହୋଇଥିଲା । ମାତ୍ର ପ୍ରଯୋଜକ ସେ ଫିଲ୍ମଟି ନକରି ଦିଲ୍ଲୀପ ବାବୁଙ୍କ ଅନ୍ୟଜଣେ ସହକର୍ମୀଙ୍କୁ ନେଇ ଅନ୍ୟ ଗୋଟିଏ ଚଳଚ୍ଚିତ୍ର ଆରମ୍ଭ କରିଥିଲେ । ଆମର ଦୁଇମାସର ପରିଶ୍ରମ ବୃଥା ଗଲା । କାରଣ ଦିଲ୍ଲୀପ ପଣ୍ଡା ହୋଟେଲ ଖର୍ଚ୍ଚ ତଥା ସିଟିଂ ଖର୍ଚ୍ଚ ସବୁ ନିଜ ହାତରୁ କରିଥିଲେ ଓ ମୋ ପେଟ୍ରୋଲ ଖର୍ଚ୍ଚ ପାଇଁ ମାତ୍ର ୨୦୦୦(ଦୁଇହଜା ଟଙ୍କା) ଦେଇଥିଲେ । ଦୀପକ କୁମାର ଏହାର ମ୍ୟୁଜିକ୍ କରିଥିଲେ । ମୁଁ ଗୋଟିଏ ଗୀତ ଲେଖିଥିଲି । ଏ କାହାଣୀଟି ଅରିଜିନାଲ ଥିଲା ଓ ପରିଶ୍ରମ ଆମେ କରିଥିଲୁ । ପରବର୍ତ୍ତୀ ପର୍ଯ୍ୟାୟରେ ତିନି ତିନିଜଣ ପ୍ରଯୋଜକ ଏ କାହାଣୀଟିକୁ ଚଳଚ୍ଚିତ୍ର କରିବା ପାଇଁ ଆସିଛନ୍ତି । ଧୁମ୍‌ଧାମ୍‌ରେ ମହୁରତ୍ ହୋଇଛି । ମାତ୍ର ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ରର ନିର୍ମାଣ କାର୍ଯ୍ୟ ଆଗେଇ ପାରିନାହିଁ । ଥରେ ଏପରି ହୋଇଥିଲା, ଅନୁଗୁଳରେ ଜଣେ ପ୍ରଯୋଜକ ମହୁରତ ପାଇଁ ଦିନ ଧାର୍ଯ୍ୟ କରିଥିଲେ । ଭୁବନେଶ୍ୱରର ଏକ ମନ୍ଦିରରେ ଆଡ଼ମ୍ବର ସହକାରେ ମହୁରତର ପ୍ରସ୍ତୁତି ଚାଲିଥିଲା । ମାତ୍ର ଠିକ୍ ସମୟରେ ପ୍ରଯୋଜକ ଆସିଲେ ନାହିଁ କି ଫୋନ୍ ଉଠାଇଲେ ନାହିଁ । ଜଣେ ଡିଷ୍ଟ୍ରିବ୍ୟୁଟର ବଂଧୁ ସମସ୍ତ ଖର୍ଚ୍ଚର ଭରଣା କରି ଆମକୁ ନିଶ୍ଚିତ ଅପଦସ୍ତ ହେବାରୁ ରକ୍ଷା କରିଥିଲେ ।

ଦିଲ୍ଲୀପ ପଣ୍ଡାଙ୍କ ସହ କାମ କରିବାର ମୋହ ମୋର ଥିଲା । ଆର ଆର ଇଭେଣ୍ଟର ପ୍ରଥମ ଚଳଚ୍ଚିତ୍ର 'ଟାଇଗର' ପାଇଁ ଦିଲ୍ଲୀପ ବାବୁ ଚୁକ୍ତିବଦ୍ଧ ହେଲେ । (କ୍ରମଶଃ)

## କବିତା .....

### ॥ ଶେଷସିଂଦୂରା ॥

**ଗିରିଜା କୁମାର ବଳୀଆରସିଂହ**



॥ ୧ ॥
ଆଖିତଳର ଏ ଅଂଧାର ଏଠି
ରାତିର ରାସ୍ତାରୋକ
ଦୀପତଳର ସେ ଅଂଧାର ସେଠି
ସପ୍ତରାତିର ଶୋକ !

ସେଠି ଗୋଟେ ଗାଁ
ଏଠି ଏ ସହର
ପାହିବନାଇଁ କି
ପାଉଁଶ ପହର ?
କାରୁକାର୍ଯ୍ୟର କାରାଗାର ଆମ
କରୁଣ କଳ୍ପଲୋକ !

॥ ୨ ॥
ତମରି ଆଖିର ଅମାବାସ୍ୟାରେ
ଉଜାଲା ମୁଁ ଉଜାଗର
ଆଉ ମୋ ଶୁକ୍ଳ ପକ୍ଷରେ ତମେ
କଜଳର କୋଜାଗର !

ଆଜି ଏ ଅସିତ
ଅସ୍ତରାଗରେ
କେହିଜଣେ କାହିଁ
କାହାରି ଆଗରେ ?
ସ୍ମୃତିଚିତ୍ରର ସଂସାର ଆମ
ସମୟର ସଜାଘର !

॥ ୩ ॥
ଅରୁଂଧତୀର ଅଭିଶାପରେ କି
ଅସମାପ୍ତ ଏ ରାତି ?
ମୁଁ କିପରି ହେବି ଅଭିଜିତ୍ ଆଜି
ତମେ ଯଦି ନୁହଁ ସ୍ୱାତୀ ?

ଜୁହୁର ଜଲ୍‌ସା
ଜମୁନି ତ ଜମା
ତଳ୍ପରେ ଥାଉ
ତୂଳୀ ତର୍ଜମା
ସୂଚିପତ୍ରର ସୂଚନାଟେ ଆମ
ଶେଷସିଂଦୂରା ସାଥୀ !

♥ କଲ୍ୟାଣୀନଗର, କଟକ-୧୩

### ॥ ଜୀବନ ଯୁଦ୍ଧରେ ॥

**ପ୍ର. ଗିରିଜା ଶଂକର ଶର୍ମା**



କପଟ ଅଂଧାର ଭିତରେ
ସଂତ୍ରସ୍ତ ପୃଥିବୀର ନାଡ଼ି ଖୋଜିବାକୁ
ଇତଃସ୍ତତଃ ଶାଗୁଣାଙ୍କ ଦଳ ।
ବୁଢ଼ିଆଣୀ ଜାଲ ପରି
ଷଡ଼ଯନ୍ତ୍ରର ପନ୍‌ଝା
ଚତୁର୍ଦ୍ଦିଗକୁ ଲମ୍ବିଯାଇଥାଏ ।
ସାବଧାନ- ଆଜି ଜୀବନ
ଜତୁଗୃହ ଭିତରେ ବନ୍ଦୀ,
କେବେ ବି ସ୍ଫୁଲିଙ୍ଗଟିଏ ଜାଳି ଦେଇପାରେ ।

ଜୀବନଟା କଣ କି ?
ମହାଭାରତର ଯୁଦ୍ଧ ଭୂଇଁଟିଏ ତ !
ଏଠି ଅନବରତ, ଗୋଳା, କମାଣ, ବାରୁଦ
ଯୁଦ୍ଧର ଘନଘଟା ।
ଇତଃସ୍ତତଃ ବିଛେଇ ପଡ଼ିଥିବା ଲାସ୍ ।
ତା' ଭିତରେ ଡରିଡରି ଜୀବନ ବଂଚିଥାଏ ।
କେବେ ବି ବିଗୁଲ ବାଜିପାରେ,
ଆରମ୍ଭ ହୋଇ ଯାଇପାରେ ଯୁଦ୍ଧ ।
ଧ୍ୱଂସର ରାସଲୀଳା ।

ଏ ପୃଥିବୀଟା କେଡେ ସୁନ୍ଦର ।
ତାର ଜଳସ୍ଥଳ ଆକାଶ,
ନଦୀ, ପାହାଡ଼, ପର୍ବତ ।
ପଶୁ ପକ୍ଷୀ ବୃକ୍ଷ ଲତା
ଧନ୍ୟ ତୁମେ ସ୍ରଷ୍ଟା
କେଡେ ସୁନ୍ଦର କରିଛ ଏ ଧରଣୀ ।
କିନ୍ତୁ ସବୁ ଧ୍ୱଂସ କରୁଛି ମଣିଷ
ନିଜର ସ୍ୱାର୍ଥ ପାଇଁ ନିଜନିଜ ଭିତରେ ବି
ଲଢ଼େଇ ଚାଲିଛି ।
ଏ ଯୁଦ୍ଧ ସରିବାର ନୁହେଁ,
ଯେ ପର୍ଯ୍ୟନ୍ତ 'ଅହଂ'ର ଗଳି ଭିତରେ
ଜୀବନ ରାସ୍ତା ଖୋଜୁଥାଏ ।
ସେ ଭିତରୁ ବାହାରି ପାରିଲେ
ସବୁରାସ୍ତା ପ୍ରଶସ୍ତ, ସବୁ ଜାଗା ଆଲୋକିତ
ସବୁଆଡ଼େ ଆନନ୍ଦ ହିଁ ଆନନ୍ଦ
'ଅହଂ' ବାହାର ଦୁନିଆରେ ଯୁଦ୍ଧ ନାହିଁ
ସବୁଆଡ଼େ ଶାନ୍ତି ବିରାଜିତ
ବିଶ୍ୱ ସେଇଠି ଦେଖିବ ମଧୁମୟ ଓ
ଜୀବନ ଅମୃତମୟ ।

♥ ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

### ॥ ବନ୍ଦୀ ॥

**ସୁଶୀଲ କୁମାର ପାଣିଗ୍ରାହୀ**



ଝର୍କା ନଥିବା
ଗୋଟେ ଅନ୍ଧକାର କୋଠରୀରେ
ଅଛ ଏବେ !

ଅନ୍ଧାରକୁ ଲାଗୁଛି ଭୟ ?
ନା ନା ଭୟ ଲାଗୁଛି
କ୍ରମଶଃ ଅନ୍ଧାର
କୋଠରୀ ପାଲଟିଯିବ ବୋଲି ?

ରୁନ୍ଧି ହେଇଯାଉଛି
ବିଶ୍ୱାସ କିନ୍ତୁ ହେଇ ପଡୁଛି
ବେଶୀ ଅଣନିଃଶ୍ୱାସୀ
ଚାହୁଁଛ ଆଲୋକ ଆସୁ
ଲଢ଼େଇ କରୁ ଏବଂ ହେଉ ବିଜୟୀ ।

ନିରନ୍ଧ୍ର କୋଠରୀରେ
ତୁମେ ଯଦି ଅଛ ତୁମ ଭିତରର
ଆଲୁଅ ସହ
ନିଃସଙ୍ଗବୋଧ କରୁଛ କାହିଁକି ?

କାହିଁକି ଏତେ ଅସହାୟ
ଏତେ ଭୟଭୀତ
ତୁମର କଣ କରିପାରିବ
ତୁମ ପକ୍ଷରେ ଅଛି ପରା
ପୃଥିବୀର ସମଗ୍ର ଆଲୋକିତ ଭୂମି !

ଝର୍କା ନଥିବା ଗୋଟେ ଅନ୍ଧକାର କୋଠରୀରେ
ଅଛ ଏବେ !

ସତରେ କଣ ତୁମକୁ ମାଡ଼ି ବସୁଛନ୍ତି
କୋଠରୀର ଚାରିକାନ୍ଥ
ପୃଥିବୀ ହୋଇଚାଲିଛି ସଂକୁଚିତ
କଣ ଭାବୁଛ ଜିଗୀଷା ଜିଜିବିଷା
ଆଉ ଉଜ୍ଜଳ ଶିଖା ହୋଇନାହଁ ?

ଦଶ ଦିଗକୁ ଯୋଡ଼ି ରଖିଥିବା
ଜୀବନର ଗୀତ ଅତି ସରଳ ହୋଇଯାଇଛି
ଚମକୁ ନାହିଁ
ଯେମିତି କାକଳିର ଶବ୍ଦରେ
ହଜିଯାଇଛି ସକାଳର ଦୀପ୍ତି

ସବୁବେଳେ ଯାହା ଦିଶିଥାଏ
ତାହା ହୋଇନଥାଏ
ଯଦି ନିଜକୁ ଦେଖି ପାରୁଛ ତ
ତୁମେ ମାଟିରେ ହିଁ ପାଦ ଥାପି ଅଛ
ଠିଆ ହୋଇଛ ମାନେ
ତୁମ ଉପରେ ଅଛି ଆଲୁଅ
ଟିକେ ଅନ୍ତର୍ଦୃଷ୍ଟିକୁ ଶାଣ କର
ଯେଉଁ ଅନ୍ଧାର ଟିକକ ଅଛି
ତାହା ଆଉ ଅନ୍ଧାର ହୋଇ
ରହିବନି ।

♥ କଲ୍ୟାଣୀ ରେସିଡେନ୍ସି
୨୦୩, ବ୍ଲକ୍-ସି, ଜଲାନ୍ ଗଳି
ଫାର୍ମ ରୋଡ୍, ସମ୍ବଲପୁର-୨
ମୋ: ୮୧୪୪୨୨୮୨୦୨

### ॥ ଗୋଟେ ଭଲଦିନ ॥

**ଗଂଗାଧର ବିଶ୍ୱାଳ**



ମନଲାଖି ଗୋଟେ ଭଲଦିନ ପାଇଁ
ବିତିଗଲା ଦିନ ପରେ ଦିନ
ଅନେକଦିନ ।
ସତେ ଅବା
ମଲାଛୁଆ ଜନ୍ମଦେବା ମା'ର ଗାର୍ହସ୍ଥ୍ୟ ପ୍ରସବ
ମୂଢ଼ ମୃତପରଃ ଜନ୍ମ
ଆଉ ଏକ ଏନ୍ତୁଡ଼ିଶାଳ ।

ଭୋକ ଶୋଷ ନିଦ କ୍ଲାନ୍ତି
କେତେଦିନ କେତେରାତି
ଡାଏରି ଓ କ୍ୟାଲେଣ୍ଡର ପୃଷ୍ଠାରେ ପୃଷ୍ଠାରେ ।
କ୍ଷେଦ କ୍ଷୋଭ କ୍ରିୟା ପ୍ରତିକ୍ରିୟା
ପାଖଲୋକ ନିକଟ ଅପହଞ୍ଚ
ପାହାଡ଼ ସେପାଖ ଗାଁ
ଲାଗେ ଯେମିତି ନିଜର ନିଜର ।

ମାସଶେଷ ଛୁଟିଦିନ ବ୍ରତଓଷା ରବିବାର
ଅଣଦେଖା ନିରାମିଷ ବୈଷ୍ଣବ ଭୋଜନ
ମାଟିଚୁଲି ଧୂଆଁ ସ୍ନେହ ବାସ୍ନା ।
ମଲା ଟି.ଭି. ଶ୍ୱାସରୋଗୀ ମୋବାଇଲ ଲାଗେ
ଅରୁଚି ଅରୁଚି,
ଲାଗେ ପୁଣି ବୈରାଗ୍ୟ ବୈରାଗ୍ୟ ।

ଅଧାଲିଭା ମହମ ଆଲୁଅରେ
ଗୃହିଣୀଙ୍କ ତେଲଗିନା ଇନ୍ଦ୍ରଧନୁ ଛାଇ
ଭଜନର କୁଆଁ କୁଆଁ ନିର୍ଯାତନା ପାଠ ।
ନିର୍ଜନତା ଡିଆଁମାରେ
ଦି' ଦିନର କଅଁଳା ବାଛୁରୀ ପରି
ଏଘରୁ ସେଘର,
ଅଭିଆଡୀ ରମା ସାହାଣୀ ଦୁଃଖଧନ୍ଦା ବିକି
ଚଳାଉଛି ଦିବ୍ୟାଙ୍ଗ ବାପର
ମାଦଳ ସଂସାର ।

ଏମିତି ଗୋଟେ ଭଲଦିନ ଆସିନାହିଁ,
ଏ ପୋଡ଼ା କପାଳେ ଲାଗିନାହିଁ ଚନ୍ଦନର ଟିପା
ପଦ୍ମାସନେ ବସିନାହିଁ ଅଳେଇଚ ସୁଖ
ବାଥ୍‌ରୁମ୍ ଗୀତ ସାରେଗାମା
ସାଇଲେଣ୍ଟ କଲିଂବେଲ ରିଡ୍
ଏକୁଟିଆ ଗୋବରପୋକର ଖାଲିପାଦ ର୍ୟାଲି ।
ମନତଳ ସେକେଣ୍ଡ କଣ୍ଟାର ଧିମା ସ୍ପନ୍ଦନରେ
ଫୁଟିନାହିଁ ବୋମା ଓ
ଛାତିଫଟା କୁଢ଼କୁଢ଼ ନମ୍ର କୋଳାହଳ ।

ତଥାପି
ତଥାପି ବି ଅପେକ୍ଷାରେ ଅଛି
ଜାଣିବାକୁ;
ଭଲଦିନଟିଏ ଧରି ଆସିବା ଅପେକ୍ଷାରେ ଥିବା
ଲୋକର ଠିକଣା ।

♥ଆମଘର
ନିଉକଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର
ବାଲେଶ୍ୱର- ୭୫୬୦୦୧
ମୋ: ୯୪୩୭୧୨୯୨୬୫

## ପ୍ରେମରେ ପ୍ରେମରେ ଗୀତି ....(୭୦)



### ॥ ସପନ ମଖ୍ମେଲ ବସି ॥

ତୁମେ ପାହାନ୍ତି ପଖଲା ସପନ
ତୁମକୁ ସକାଳ ଚୋରେଇ ନିଏ ।

ସାରା ରାତି ମୋର ବାଢ଼ୁଅ ଶେଯରେ
ସପନ ମାଖିଲ ବସି,
ମୁକୁଳା ଗଭାର ଗଜରା ମଉଳି
ତଳେ ପଡ଼ି ହେଲା ବାସି,
ତୁମ ବିନା ତୁମ ସହ ଏଇ ରାତି
ମୋ' ନିଦ ହଜେଇ ଦିଏ ।

ଅନ୍ଧାରକୁ ଡାକି ତୁମ ପାଇଁ ସାଥୀ
ସଜାଇଥିଲି ଏ ରାତି,
କୁଆଁରୀ ରାତିର ଭରା ଯଉବନ
ଚାହିଁଚାହିଁ ଗଲା ବିତି,
ଅନ୍ଧାର ଭିତରୁ ଆଲୁଅ ଖୋଜିବା
ଆସ ସାଥୀ ମିଶି ଦୁହେଁ ।

ନଆସିଲେ ତୁମେ ଏ ରାତି ଏମିତି
ବନ୍ଧ୍ୟା ହୋଇ ଯିବ ରହି,
ତୁମ ବିନା ସାଥୀ ଜୀବନ କେମିତି
ଜିଇବା ମୁଁ ଶିଖିନାହିଁ,
ମରଣଠୁ ଆସ ଜୀବନ ମାଗିବା
ନେବା ଆଉ ଜନ୍ମଟିଏ ।


■ ବିପିନ ମହାନ୍ତି

❤ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧





## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୭)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨ (ମୋ) ୯୮୬୧୩୫୦୯୫୧


(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ ଅଥଚ ଅଥର୍ବର ସଂଳାପ ॥

ଯେହେତୁ 'ଅଥଚ ଅଥର୍ବ' ଏକ ବୌଦ୍ଧିକ ନାଟକ ଏହାର ସଂଳାପ ଗଠନ କୌଶଳ ମଧ୍ୟ ବୌଦ୍ଧିକତା ପୂର୍ଣ୍ଣ ହେବା ସ୍ୱାଭାବିକ କିନ୍ତୁ ସାରା ନାଟକ ଯଦି ବୌଦ୍ଧିକତାରେ ଭରିଯିବ ନାଟକର ମନୋରଂଜନ ଧର୍ମିତା ସ୍ୱଭାବ ପୂରଣ ହେବକି ? ତେଣୁ ସଂଳାପ ରଚନାରେ ଭିନ୍ନ ଭିନ୍ନ କୌଶଳ ଅବଲମ୍ବନ କରିଛି । କେତେବେଳେ କାବ୍ୟଧର୍ମୀ ତ କେତେବେଳେ ଗଦ୍ୟଧର୍ମୀ ପୁଣି କେତେବେଳେ ଅମିତ୍ରାକ୍ଷର ଛନ୍ଦ ତ କେତେବେଳେ ଧର୍ମଦର୍ଶନ ସମ୍ବନ୍ଧିତ । ସେଥିରୁ କେତୋଟି ଦୃଷ୍ଟାନ୍ତ ପଢ଼ିଲେ ଅଧିକ ବୋଧଗମ୍ୟ ହେବ ।

ପାର୍ଥ: (ଆନନ୍ଦରେ) ଆଲୋକ ! ଆଲୋକ ! ହେ ଆଲୋକ, ଆହୁରି ଦୀପ୍ତିମନ୍ତ ହୁଅ ଜାଳିଦିଅ ସେ ଅସ୍ପୃଶ୍ୟ ଅଂଧକାରକୁ । (ହଠାତ୍ ଆଲୋକ ଲିଭିଯାଇଛି । ପୁଣି ଆଲୋକ ଆସିଲା ବେଳକୁ ଦେଖାଯାଏ ପାର୍ଥ ଏକ କ୍ରୁଶ ଦେହରେ ବନ୍ଦୀ । ଭୀଷ୍ମ ଗୋଟିଏ ହାତୁଡ଼ି ଧରି ପାର୍ଥ ଦେହରେ କଣ୍ଟା ପିଟିବାରେ ଉପକ୍ରମ)
ପାର୍ଥ: କିଏ ! କିଏ ତୁମେ ?
ଭୀଷ୍ମ: ମୁଁ ତୁମ ନିକଟତମ ବିନ୍ଦୁ ।
ପାର୍ଥ: ଦୁଇଟି ବିନ୍ଦୁର ଦୂରତା ?
ଭୀଷ୍ମ: ଏକ ଦୀର୍ଘତମ ବକ୍ରରେଖା ।
ପାର୍ଥ: କିନ୍ତୁ ଆଲୋକର ଗତି ?
ଭୀଷ୍ମ: ସରଳରେଖାର ସଂଜ୍ଞା ଏଠି ଅଚଳ ଅଥର୍ବ ।
ପାର୍ଥ: ସେଥିପାଇଁ ତମେ କଳା ?
ଭୀଷ୍ମ: ଅସ୍ପଷ୍ଟ ଅଦୃଶ୍ୟ ମଧ୍ୟ ।
ପାର୍ଥ: ନା ତମେ ତ ସ୍ପଷ୍ଟ ଓ ଦୃଶ୍ୟମାନ ।
ଭୀଷ୍ମ: ଅବଶ୍ୟ ତୁମର ତୃତୀୟ ନୟନର ଶକ୍ତିକୁ ଅସ୍ୱୀକାର କରି ହେବନି କାରଣ କେବଳ ମଣିଷର ତୃତୀୟ ନୟନ ହିଁ ମୋତେ କଳ୍ପନା କରିପାରେ । ଏ କ୍ରୁଶ ଅର୍ଥାତ୍ କାଠର ଛକକୁ ଦେଖିପାରେ ।
ପାର୍ଥ: ଅବଶ୍ୟ ମଣିଷ ଜନ୍ମ ନିଏ ନର୍ସିଂହୋମ୍‌ର ଲାଲ୍ ଛକ ଭିତରେ ।
ଭୀଷ୍ମ: ତା ପରେ ତା ଆଗରେ ଆସେ ଅନେକ ଛକ ।
ପାର୍ଥ: କଳାଛକ, ନୀଳଛକ, ନଇଗଣ୍ଡର ଜଳଛକ ପାରି ହୋଇ ମଣିଷ ଶେଷରେ ପହଞ୍ଚେ ଗଲ୍‌ଗାଥାର କାଠଛକ ନିକଟରେ । ଏଠି ସମସ୍ତେ ଈଶ୍ୱର ପୁତ୍ର ଯେହେତୁ ସମସ୍ତଙ୍କ ଜୀବନର ଅନ୍ତଃ ଘଟେ କୌଣସି ଏକ କ୍ରୁଶ ଉପରେ ।
ଭୀଷ୍ମ: ପ୍ରତ୍ୟେକ ମଣିଷକୁ ବାନ୍ଧି ରଖିଛି କୌଣସି ଏକ ଅଦୃଶ୍ୟ ଛକ ।
ପାର୍ଥ: ତଥାପି ତା ସହିତ ଲଢ଼ି ଚାଲିଛି ଏ ଦୁର୍ବଳ ମଣିଷ ।
ଭୀଷ୍ମ: କେବଳ ପରାଜୟର ବିଷ ଭକ୍ଷଣ ପାଇଁ ମଣିଷ ମଣିଷ ଭିତରେ ବ୍ୟର୍ଥ ପ୍ରତିଦ୍ୱନ୍ଦିତା ।
ପାର୍ଥ: ମୁଁ ପାର୍ଥ, ଜଣେ ଯୁବକ, ଯୁଦ୍ଧ କରୁଛି ବଂଚିବା ପାଇଁ । ମୋର ଯୋଗ୍ୟତା ଅଛି ଅଥଚ ନିଯୁକ୍ତି ନାହିଁ । ମୁଁ କେବଳ ଏକ ବିଜ୍ଞାପନ ।
କୃଷ୍ଣା: ମୁଁ କୃଷ୍ଣା ଜଣେ ଯୁବତୀ ମୋର ସୀମନ୍ତ ଅଛ. ସିନ୍ଦୂର ନାହିଁ । ତେଣୁ ମୁଁ ତୁମ ନିକଟତମ ବିନ୍ଦୁ ଏକ ବିଜ୍ଞାପନ ।
ପାର୍ଥ: ଆମ ଦୁଇଟି ବିନ୍ଦୁର ଦୂରତା ?
କୃଷ୍ଣା: ଏକ କ୍ଷୁଦ୍ରତମ ସରଳରେଖା ।
ଦେବ: ଆଉ ମୁଁ ଦେବକୀ ନନ୍ଦନ ସେହି ସରଳ ରେଖା ନିକଟସ୍ଥ କୌଣସି ଏକ ବହିଃସ୍ଥ ବିନ୍ଦୁ ।
ପାର୍ଥ: ଆମେ ଏ ବିଶ୍ୱର ତିନୋଟି ବିନ୍ଦୁ ।
କୃଷ୍ଣା: ଆମର ଯୋଗଫଳ ?
ଦେବ: ଏକ ତ୍ରିଭୁଜ ।
କୃଷ୍ଣା: ମୁଁ ତାର ଶୀର୍ଷ ବିନ୍ଦୁ ।
ଦେବ: ଆମେ ଦୁଇଟି ପ୍ରାନ୍ତବିନ୍ଦୁ ।
ପାର୍ଥ: ଆମ ପ୍ରତ୍ୟେକଙ୍କ ସମ୍ମୁଖରେ ଏକ ତ୍ରିଭୁଜାକାର କ୍ଷେତ୍ର ।
କୃଷ୍ଣା: ଯୁଦ୍ଧ କ୍ଷେତ୍ର ।
ଦେବ: କୁରୁକ୍ଷେତ୍ର ।
ପାଥ: କର୍ମ ଅବା ଧର୍ମକ୍ଷେତ୍ର ବୋଲି ମଧ୍ୟ କୁହାଯାଇପାରେ ।
ଦେବ: ତୁମେ ଯୋଦ୍ଧା ।
ପାର୍ଥ: ତୁମେ ସାରଥି (ଏମିତି ପ୍ରତୀକାତ୍ମକ ସଂଳାପ ଭିତରେ ଯାଉଯାଉ ଜଗନ୍ନାଥଙ୍କ କଣ୍ଠରେ ଶେଷ ସଂଳାପ)
କୃଷ୍ଣା: ଆଉ ମୁଁ ?
ଦେବ: ଯୁଦ୍ଧର ଇନ୍ଧନ ।
ପାର୍ଥ: ଯୁଦ୍ଧର କାରଣ ।
କୃଷ୍ଣା: ଆସ ଯୁଦ୍ଧ କରିବା
ଜଗନ୍ନାଥ: ହେ ମଣିଷ ! ତମେ ତ ମୋ ବିନ୍ଧାଣୀ । ମୋତେ ବଡ଼ବଡ଼ ଆଖି ଦେଇଛ, ତୁମ ଦୁର୍ଦ୍ଦଶା ଦେଖି ପାରୁଛି । ଉନ୍ନତ ମସ୍ତିଷ୍କ ଗଢ଼ିଛ । ତୁମ ପରିତ୍ରାଣର ଉପାୟ ଚିନ୍ତା କରିପାରୁଛି । କିନ୍ତୁ ହେ ବିଜ୍ଞ ମଣିଷ ! ମୋ ହାତ ଗୋଡ଼ ଗଢ଼ିବାକୁ ବୋଧହୁଏ ଭୁଲିଯାଇଛ । ଯେହେତୁ ତମର ସବୁତକ ଦୁଃଖ ଗୋଟିଏ ମାତ୍ର ମୁହୂର୍ତ୍ତରେ ଦୂରେଇ ଦେବା ମୋର ଅନ୍ତରତମ ଇଚ୍ଛା ।

"ଅଥଚ ଅଥର୍ବ" ସାରା ନାଟକ କେବଳ ଉପରୋକ୍ତ ବୌଦ୍ଧିକ ସଂଳାପରେ ପରିପୂର୍ଣ୍ଣ । ସ୍ଥାନ ଅଭାବରୁ ଅନେକ ଉପଯୋଗୀ ସଂଳାପ ସ୍ଥାନିତ କରି ହେଉ ନଥିବାରୁ ଦୁଃଖିତ । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ


ପୁଷ୍ପାଞ୍ଜଳି ନାୟକ

❤ ଜେଲ୍ ରୋଡ, ବାଲେଶ୍ୱର
ମୋ:୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା । ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ୍ୟ ହୋଇଗଲା । ମା ପାଖରେ ପୁଅ ହାର୍ ମାନି ବାଉଳି ମାଟି ପାଖରେ ଘାଟି ହାର ମାନିଲା ।
ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସମ୍ପୂର୍ଣ୍ଣ ବିବରଣୀ ନୁହେଁ କିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୀୟୀ ନୁହଁ । ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି । ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି ।

-ଲେଖିକା

(ପୂର୍ବ ପ୍ରକାଶିତ ଉତ୍ତାରୁ..)
(ଭାଗ-୨)

ସପନୀର ଯଉବନ ଗଲାଣି, ଦାନ୍ତ ଗଲାଣି, ଗଳା, ହାତରେ ଥିବା ରୂପାଗହଣା ବି ଗଲାଣି, ଅଛି ଏଇ ଦିଖଣ୍ଡିକ ଓ ତା ଭିତରେ ଅନେକ ଫଳନ୍ତି ନଡ଼ିଆ, ଆମ୍ବ, ଗୁଆ ଗଛ ସାଥିକୁ ଏଇ ଗୋଟିଏ ମାତ୍ର କଲିକତି ଆମ୍ବଗଛ ।

କୌଣସି ବସ୍ତୁ ବିନିମୟରେ ବୁଢ଼ୀ ତା ହରାଇବାକୁ ରାଜି ନୁହେଁ ।

କେବଳ ଯେ ଆମ୍ବଲୋଭ ଯା ମୂଳରେ ତା ନୁହେଁ, ଏଇ ଆମ୍ବଗଛମୂଳେ ନଖିଦାସ ସହିତ ପହିଲି ଦେଖା ତା'ର ।

ସେଦିନ ବି ଥିଲା ଶେଷ ଚଇତ୍ରର ଏମିତି ଏକ ଦିନ । ଅଚାନକ ଆକାଶ କଳା କରି କାହୁଁ ମେଘ ମାଡ଼ିଆସିଲା । ସୁ ସୁ ପବନ, ବିଜୁଳି, ଘଡ଼ଘଡ଼ିରେ ମେଦିନୀ ଦୁଲୁକିଲା ।

ତେରବର୍ଷର ସପନୀ ସେଦିନ ଆମ୍ବ କୁଢ଼ାଇବାକୁ ଆସିଥିଲା ଏଇ ଗଛ ମୂଳକୁ ।

ସପନୀ ସେତେବେଳେ ବଡ଼ ପାଛିଆଟିଏ ଆଣି ଆମ୍ବ ସାଉଁଟୁଥାଏ, ବାହାରି ଆସିଲା ନଖିଦାସ । ନିଦା ଲୁହା ଭଳି ଶକ୍ତ, ସମର୍ଥ ଦେହ । ନାକତଳେ ପ୍ରଜାପତିଆ ନିଶ । ଦୁଇବରଷର ଝିଅ ରାଧୀ ପିଣ୍ଡାରେ ବସି ଖେଳୁଥାଏ ।

ନଖିଦାସ ପାଟି କରିବାକୁ ଯାଇ ଥମକି ଠିଆହୋଇଥିଲା ।

ସପନୀ ତାକୁ ଦେଖିବାମାତ୍ରେ ପାଛିଆଯାକ ଆମ୍ବ ତାକୁ ଦେଖେଇ କହିଥିଲା, ଭାବୁଛ କି ସବୁ ନେଇଯିବି ? ମୋର ତ ଦି'ଗଣ୍ଡା ହେଲେ ଢ଼େର । ଦାନ୍ତ ଖଟା ହୋଇଯିବ । ଏସବୁ ତମଲାଗି କୁଢ଼ାଉଛି । ଯିବାବେଳେ ଦେଇଯାଇଥାନ୍ତି ।

ସପନୀର ସେଇ କଥାରେ କି ଯାଦୁ ଥିଲା କେଜାଣି, ତା ପ୍ରେମରେ ପଡ଼ିଗଲା ନଖିଦାସ ।

ତାପରେ ଦିନେ ନାଲିପାଟ ପିନ୍ଧି ନଖିଦାସ ଘରକୁ ଆସିଥିଲା ସପନୀ । ଏଇ ଆମ୍ବଗଛମୂଳେ ତା ବେଦୀ ହୋଇଥିଲା ।

କେତେ ସ୍ମୃତି !

ଏଇ ଆମ୍ବଗଛମୂଳେ କେତେ ନିଶୂନ ଦ୍ୱିପହରରେ, କେତେ ଜହ୍ନିଫୁଲଫୁଟା ମାଇସଂଜରେ ପୋଖରୀକୁ ପାଣି ଆଣି ଗଲାବେଳେ ଛକି ଛକି ତାକୁ ପଛରୁ ଡରାଇଛି ନଖିଦାସ । ଚିହିଁକି ଛାତିରେ ଛେପ ପକାଇ ଦେଇଛି ସେ ।

ଏଇ ଆମ୍ବଗଛର ଶାଖାରେ, ପତ୍ରରେ ପତ୍ରରେ କେତେ ସ୍ମୃତି ଲେଖାହୋଇଛି, କେମିତି ସେ ଗଛକୁ ମୁରୁଛିବ ସପନୀ ?

ଶିରିଆ ପଧାନ ପାଟି କରୁଥିଲା, ସତ୍ୟାନାଶୀ ବୁଢ଼ୀ, ଭାବିଛୁ କି ତୋ ଶାଣଦିଆ ଜିଭକୁ ଡରିବି ? ଏ ଶର୍ମା କାହାକୁ ଡରେନା । ମୋର ଦୁଇଦୁଇଟା ଜୁଆନ୍ ପୁଅ, ଯଦି ଭଲଦଶା ଥାଏ, ଘୁଞ୍ଚିଯା । ବାଡ଼ କରିବାକୁ ଦେ । ନହେଲେ ତୋ ମୁଣ୍ଡ ଫଟାଇଦେବି । ନହୁନୁହାଣ କରିଦେବି । ଅନେକ ଫଳ ଖାଇଛୁ, ଏଥର ମୋ ଗଛ ମୋତେ ଦେ' । ମରିବାକୁ ବସିଲାଣି, ପରଳ ପଡ଼ିଲାଣି ଆଖିରେ, ତୀର୍ଥବ୍ରତରେ ମନ ନାହିଁ, କଅଣ ନା ମୋ ଆମ୍ବଗଛ ! ଏ ଗଛ ଯଦି ତୋ ଶ୍ୱଶୁର ପୋତିଥିଲା, ମୋ ବାପର ବି ଜମି, ବୁଝିଲୁ ?

ଏଥର ସପନୀ ଆରମ୍ଭ କଲା ତାର ଅକଥ୍ୟ, ଆଶ୍ରାବ୍ୟ ଗାଳି । ଶିରିଆ ପଧାନ କାନରେ ହାତ ଦେଇ ଘରମୁହାଁ ଫେରିବାକୁ ବାଟ ପାଇଲା ନାହିଁ ।

ବାଙ୍ଗା ଓ ମୂଷା ଆଗରୁ ପଳାଇ ଯାଇଥିଲେ ।

କେବଳ ସେଠି ଛିଡ଼ା ହୋଇ ରହିଥିଲେ କିଛି ମଜା ଦେଖୁଥିବା ପିଲା ଓ ସେଇ ଚାରିଜଣ ମଜୁରିଆ ।

॥ ଦୁଇ ॥

ଶ୍ୟାମ ଦାସ ଝିଅ ଗେହ୍ଲୀ ବାପଘରକୁ ଆସିଥିଲା ।

ପହିଲି ପାଳି ଭାର ନେଇ ଶାଶୁଘରକୁ ଗଲାପରେ ଏଇ ତାର ପ୍ରଥମ ଆସିବା । ମଝିରେ ଛଅବର୍ଷ ବିତିଯାଇଛି । ତା' ଶ୍ୱଶୁର ପଠାଉନଥିଲେ । ଥରକୁଥର ଗେହ୍ଲୀର ବାପା ଭାଇ ତାକୁ ଆଣିବାକୁ ଯାଇ ଅପମାନିତ ହୋଇ ଫେରିଛନ୍ତି । ଶ୍ୱଶୁର ବଡ଼ ପ୍ରତାପୀ ଥିଲେ । ତାଙ୍କ ପ୍ରତାପ ଆଗରେ ସ୍ୱାମୀ ଶକ୍ତିହୀନ ହିଁ ଥିଲେ ।

ଗତ ମାଘରେ ଶ୍ୱଶୁର ଚାଲିଯାଇଛନ୍ତି । ଗେହ୍ଲୀ ଏବେ ନିର୍ଭୟ । ସେ ବଡ଼ବୋହୂ । ଏବେ ତା ସ୍ୱାମୀ ଘରର ମାଲିକ । ତେଣୁ ତାର ଏ ବାପଘର ଆସିବା । ଶାଶୁଘର କିଛି ଅଳପ ବାଟ ନୁହେଁ । ଜଳେଶ୍ୱର ପାଖରେ ।

ଏତେଦିନ ପରେ ଗେହ୍ଲୀ ବାପଘର ଗାଆଁକୁ ଆସି ଯେମିତି ଆପଣାକୁ ଫେରିପାଇଛି । ଶ୍ୱଶୁର ଘରର ସାତକବାଟ ଭିତରେ, ହାତେ ଓଢ଼ଣା ଭିତରେ ଦୀର୍ଘ ଛଅବର୍ଷର ଜୀବନ ପରେ ପୁଣି ମୁଣ୍ଡ ଉପରେ ଖୋଲା ଆକାଶ ପାଇ ସେ ଜୁଆର ବେଳର ସୁବର୍ଣ୍ଣରେଖା ଭଳି ଖୁସିରେ ଉଛୁଳି ଉଠୁଛି ।

ଯା ଭିତରେ ଦୁଇ ଭାଉଜ ଘରକୁ ଆସିଲେଣି । ବଡ଼ଭାଉଜଙ୍କର ଦୁଇଟି ଝିଅ ହେଲେଣି । ମାଆର ଚୁଳ ପାଚି ଝୋଟ ହୋଇଗଲାଣି । ଗେହ୍ଲୀର ଏତେ ଆଦରର ଚମ୍ପାଗଛରେ ଫୁଲ ଫୁଟିଲାଣି । କେଉଁ ପିଲାଦିନେ ଲଗାଇଥିବା ପଣସ ବି ଦୁଇବର୍ଷ ହେଲା ଫଳିଲାଣି ।

ଗେହ୍ଲୀକୁ ସବୁ ନୂଆ ନୂଆ ଲାଗୁଛି ।

କେତେ ସାଙ୍ଗ ଶାଶୁଘରକୁ ଗଲେଣି । କେତେ ନୂଆ ବୋହୂ ଆସି ଛୁଆପିଲା ଜନ୍ମକରି ପୁରୁଣା ହୋଇଗଲେଣି । କେତେ କେତେ ବୁଢ଼ା, ବୁଢ଼ୀ ମରିହଜି ଗଲେଣି । ତା ବାହାଘର ବେଳର ଧୂଳିଆ, ଲଂଗଳା ପିଲାସବୁ ସଭ୍ୟ, ଭବ୍ୟ ହୋଇ ସ୍କୁଲ ଗଲେଣି ।

ଗେହ୍ଲୀ ଆସିଛି ବୋଲି ଗାଆଁରେ ବି ଧୂମ୍ ଲାଗିଯାଇଛି । ଭାରି ସୁଧାର ଝିଅ ଥିଲା ସେ । ଗାଆଁଟାଯାକ ଲୋକ ତାକୁ ଭଲପାଆନ୍ତି । ସମସ୍ତେ ପିଠାପଣା କରି ତାକୁ ଡାକୁଛନ୍ତି । ଦେଖା କରିବାକୁ ଆସୁଛନ୍ତି ।

ଛଅବର୍ଷର ଶାଶୁଘର ଜୀବନ ତା ମନରେ ଏଇ ଗାଆଁ ମାଟିର ଆକର୍ଷଣ କମାଇ ପାରିନି । ସ୍ୱାମୀଙ୍କର ଆଦର ସୋହାଗ ବି ତା ମନରେ ଏଇ ଗାଆଁ ପ୍ରତି ଥିବା ଉଚ୍ଚାଟନକୁ ଲିଭାଇ ପାରିନି । ସେଇ କରମଙ୍ଗା ଗଛ, ଗାଆଁ ଦାଣ୍ଡ, ଦାଣ୍ଡଦୁଆରେ ଥିବା ଅଶୋକ ଗଛ ବାରିପଟେ ଥିବା ଟୁବିଗଡ଼ିଆ, ଗଡ଼ିଆ ଆଡ଼ିର ବାଉଁଶବଣ । ଏସବୁ ଦେଖିଲାମାତ୍ରେ ଏକ ଅବୋଧ ଉଚ୍ଚାଟନରେ ସେ ଆକୁଳ ହେଉଛି । ସେଇ ପୁରୁଣା ବିଲବାରି, ଗଡ଼ିଆ, ପୋଖରୀ, ତୋଟାମାଳ ଦେଖିଲାବେଳକୁ, ସେଇ ମାଟିପିଣ୍ଡାରେ ବସିବାବେଳକୁ ଭାଉଜ ରାନ୍ଧିଥିବା ବାରିର ସେଇ ଥାଲକୁଡ଼ି ପତୁଆ ଅବା ଛୁନୁଛୁନିଆ ଶାଗ ଖାଇବାବେଳକୁ ଏକ ଅଦ୍ଭୁତ ଶାନ୍ତି ତା ଦେହରେ ସଂଚରି ଯାଉଛି ।

ସେ ଗଲାପରେ ଏ ଗାଆଁରେ ଘଟିଥିବା ଘଟଣା ସବୁ ସେ ଗୋଟିଗୋଟି କରି ମାଆକୁ ପଚାରୁଛି, ଭାଇଙ୍କୁ ପଚାରୁଛି । ଧାନଅମାର ପାଖେ ଥିବା ସେଇ ପୁରୁଣା କାଠସିନ୍ଦୁକ, କେବେ ବାରୁଣୀମେଳାରେ ମା ସହିତ ଜିଗର କରି ଆଣିଥିବା ଶିବଦୁର୍ଗାଙ୍କ ଫଟୋ, କାଠକଣ୍ଢେଇ, ଧୂଳି ଜମିଯାଇଥିବା ତା'ର ଟିକି ପେଡ଼ି, ଅସନା ହୋଇ ପଡ଼ିଥିବା ହାଣ୍ଡି କୁଣ୍ଡିରେ ଭର୍ତ୍ତି ସେଇ ପୁରୁଣା ଛାତ ଏସବୁ ଅମୂଲ୍ୟ ଦରବ ଭଳି ନିରେଖି ନିରେଖି ଦେଖୁଛି ।

ଆସିବାଠାରୁ ଦଣ୍ଡେ ସେ ଥିର ହୋଇ ବସୁନାହିଁ । ଖାଲି ବାରିପାଖ, ଦାଣ୍ଡପାଖ ଘର ବାହାର ହେଉଛି ।

କାଲି ଘରେ ଭାଉଜମାନେ ଚିତଉ କରିଥିଲେ । ଆଜି ସରମଣ୍ଡା କରିବେ । ଚୂନାକୁଟା ସରିଛି । ସଞ୍ଜବତୀ ଜଳିସାରିଲେ ପିଠାହେବ ।

ଘଡ଼ିଏ ଦିନ ଅଛି, ଗେହ୍ଲୀ କହିଲା, ମାଆ ଅନେକଦିନୁ ହଦୀପୋଖରୀ ଆଡ଼େ ଯାଇନି । ଆଜି ଯାଆନ୍ତି ।

ମାଆ ସଞ୍ଜବତୀ ବଳୁବଳୁ କହିଲା, ଯିବୁ ଯଦି ଯାଆ, ହଦୀପୋଖରୀ ଆଉ ଆଗଭଳି ନାହିଁ ।

କଅଣ ହୋଇଛି କି ?

ହୃନ୍ଦର ମହାନ୍ତି ଆଉ ପହଲି ଦାସ ଦୁହେଁ ଝଗଡ଼ା ଲାଗି ପୋଖରୀଟାକୁ ଶୁଖାଇ ଦେଲେଣି । ଯା, ନିଜେ ଦେଖିଆସିବୁ ।

ଦୁଇ ଭାଉଜଙ୍କ ସହିତ ଗେହ୍ଲୀ ହଦୀପୋଖରୀକୁ ଗଲାବେଳକୁ ସୂର୍ଯ୍ୟ ନଇଁଗଲେଣି, ମୁହଁସଞ୍ଜ ବେଳ । ଗାଆଁର ଗୋଟାଏ ଗୋଟାଏ ଘରୁ ଶଙ୍ଖ ବାଜିଲାଣି ।

ତାଟି ତଳକୁ ଓହ୍ଲାଇ ଦି'ଖଣ୍ଡ ଗୋହିରୀରାସ୍ତା ପାରିହେଲେ ଯାଇ ହଦୀପୋଖରୀ । ରାସ୍ତା ଦିପଟେ କିଆବଣ, କେଉଁଠି ବେଗୁନିଆ ଗଛ ଆଉ ବା କେଉଁଠି ଅମରୀବଣ । କେଉଁଠି ଅବା ଅରମା ଘାସ ଆଣ୍ଠୁଏ ବଢ଼ିଛି । ଚଇତ୍ର ମାସ । ମାଟି ଟାଣ । ତଥାପି ଗାଈଗୋରୁ ଚାଲିଚାଲି ରାସ୍ତା ଖାଲ ଢ଼ିପ ହୋଇଛି ।

ଆକାଶରେ ସଞ୍ଜୁଆତରା ଜଳିଉଠିଲାଣି ।

ଚାହିଁବନି, ଚାହିଁବନି କହୁ କହୁ ଗେହ୍ଲୀ ଆକାଶକୁ ଅନାଇଦେଲା । ତାପରେ ଭାଉଜମାନଙ୍କୁ ଅନାଇ ହସି କହିଲା, ଜାଣ ଭାଉଜ ! ଗୋଟିଏ ତରା ଦେଖିଲେ ଦୁଃଖ । ଆଉ ଗୋଟାଏ କାହିଁ ପାଉନି ।

ବଡ଼ ଭାଉଜ କହିଲେ, ଆଉ ଟିକକୁ ତରାରେ ତରାରେ ଆକାଶ ଛାଇ ଯିବନି ?

କୃଷ୍ଣ ଦ୍ୱାଦଶୀର ତିଥି । ଜହ୍ନ ନାହିଁ । ଆକାଶ ନିର୍ମଳ, ଶାନ୍ତ, ଖଣ୍ଡେ ଖଣ୍ଡେ ଭସାବାଦଲ ଭାସିଯାଉଛନ୍ତି । ଫିକା ଫିକା ମାୟାବୀ ଅନ୍ଧକାର, ଶେଷ ଚଇତ୍ରର ଶୀତୁଆ ପବନ, କେଉଁଠୁ ଭାସିଆସୁଛି ଆମ୍ବବଉଳର ମିଠାମିଠା ବାସ୍ନା, ଗେହ୍ଲୀର ମନ ଏକ ଅପୂର୍ବ ଶୀତଳତାରେ ଶିହରୀ ଉଠୁଥିଲା ଯେମିତି ।

ଗୁଡ଼ାଖୁ ଧରି ଗେହ୍ଲୀ କହିଲା, ରୁହ ଖଣ୍ଡେ ଦାନ୍ତକାଠି ଆଣେ । ବଡ଼ଭାଉଜ ଖଣ୍ଡେ ବେଗୁନିଆ ଦାନ୍ତକାଠି ତାକୁ ବଢ଼ାଇଦେଲେ ।

ନା, ନା, ବାଉଁଶ ଦାନ୍ତକାଠି ଖଣ୍ଡେ ଆଣେ । ଗେହ୍ଲୀ ବାଆଁପଟେ ଥିବା ବାଉଁଶବୁଦା ଆଡ଼କୁ ଆଗେଇଗଲା ।

ଦୁଇଭାଉଜ ବାଧା ଦେଲେ, ଯାଅନା । ଗତସନ ଏ ଗାଆଁରେ ଦୁଇଟା ବୋହୂ ସାପକାମୁଡ଼ାରେ ଯାଇଛନ୍ତି ।

ଗେହ୍ଲୀ ଅଟକିଗଲା ।

ଡାହାଣପାଖ ବାଡ଼ିଟିକୁ ଦେଖାଇ ଗେହ୍ଲୀ କହିଲା, ଜାଣିଛି ଭାଉଜ ଏ ଅସ୍ତିଆବାଡ଼ିରେ ସାନବେଳେ ଖରାବେଳେ ଆମେ ଖେଳୁ । ସେତେବେଳେ ବାଡ଼ିଟାଯାକ ଖାଲି ଗଦାମ୍ବବଣ ଆଉ ବେତକୋଳି ଝାଡ଼ । ଗଧିଆ, ଶିଆଳ ରହୁଥିଲେ ବୋଲି ଠାକୁମା ଡରାଏ । ଆମେ ଶୁଣୁନା । ଗଦାମ୍ବ ଗଛରେ ଚଢ଼ି ଖେଳୁ । ଦିନେ ଦିନେ ବେତକୋଳି ଲୁଣଲଙ୍କା ଦେଇ ଖାଉଁ । ଥରେ ଖେଳୁଖେଳୁ ଗୋଡ଼ ଭାଙ୍ଗିଲି । ଭାଇ କହିନଥିବ କି ?

ସାନଭାଉଜ କହିଲେ, ଅସ୍ତିଆବାଡ଼ିରେ ଆଗଭଳି ଗଦାମ୍ବଗଛ ନାହିଁ । ସପନୀ ବୁଢ଼ୀ ଏ ବାଡ଼ିକୁ ତ ହରିବୋଲିଆ ଜେନାକୁ ବିକିଦେଲା । ସେ କୁଳାଙ୍ଗାର ଖାଲି ବରଜ କରୁଛି, ଭାଙ୍ଗୁଛି ।

ଭାଙ୍ଗୁଛି କାହିଁକି ?

ପାନ ଉଧଉନି ଏ ମାଟିରେ ପରା !

ତିନିହେଁ ଦ୍ରୁତ ଗତିରେ ଚାଲିଥିଲେ । ରାସ୍ତା ଦିପଟେ ଗୁଗୁଚିଆ ବଢ଼ିଛି । ଶାଢ଼ିସାରା ଫୋଡ଼ି ହୋଇଯାଉଥିଲା ।

ସେମାନେ ହଦୀପୋଖରୀ ପାଖରେ ପହଞ୍ଚି ଯାଇଥିଲେ ।

ଗେହ୍ଲୀ ଚମକିଗଲା ।

ଏ କି ଅବସ୍ଥା ହୋଇଛି ହଦୀ ପୋଖରୀର ?

ହୃନ୍ଦର ମହାନ୍ତିର ଏ ପୋଖରୀରେ ଦିନେ ସତ ପଦୁଅଁ ଫୁଟୁଥିଲା । କାଚକେନ୍ଦୁ ଭଳି ଜଳ ଥିଲା । ଆଉ ଥିଲେ ଅସୁମାର ମାଛ । ରୋହୀ, ମିରିକାଲିଠାରୁ ଆରମ୍ଭ କରି ଶିଙ୍ଗି ଦଣ୍ଡକିରୀ । କି ମିଠା ସେ ମାଛ ! କି ବିହନ ! ପିଲାଦିନେ ଏଇ ପୋଖରୀରେ କେତେ ସେ ନ ଗାଧୋଇଛି । ଅଥଚ ଆଜି କାନସିରି, ବୋରଝାଞ୍ଜି, ଅମରୀଝାଡ଼ ଆଉ ଅରମା ଜଙ୍ଗଲି ଘାସରେ ଭର୍ତ୍ତି ଏଇ ପଙ୍କୁଆ ପୋଖରୀଟିକୁ ସେଦିନର ହଦୀପୋଖରୀ ବୋଲି ଭାବିହେବ ?

ଆଣ୍ଠୁଏ ନାହାକୁ ପାଣି । ପୋକ, ବେଙ୍ଗପହଣା ସାଲୁସାଲୁ । ଘାଟ ବୋଲି କିଛି ନାହିଁ । ଖାଲି ପଙ୍କ, କାଦୁଅ ।

ବଡ଼ ଭାଉଜ କହିଲେ, ଆମେ ଏ ପୋଖରୀକୁ ଜମା ଆସୁନା । ଖାଲି ତମେ କହିଲ ବୋଲି ସିନା !

ହୃନ୍ଦର ମହାନ୍ତି କଅଣ ଏସବୁ ଦେଖୁନି ? ଗେହ୍ଲୀ କଣ୍ଠରେ ବିସ୍ମୟ ।

ଦେଖିଲେ କଅଣ ହେଲା ? ଏ ପୋଖରୀ ତ ତା'ର ଓ ତା' ଭାଇ ସୁନ୍ଦର ମହାନ୍ତିର ଥିଲା । ଦୁଇଭାଇ ଭିନେ ହୋଇଗଲେ । ସୁନ୍ଦର ତା' ଭାଗ ପହଲି ଦାସକୁ ବିକିଦେଲା । ହୃନ୍ଦର ବେଶି ଟଙ୍କା ଯାଚିଲା, ସୁନ୍ଦର ଦେଲାନି । ରାଗରେ ହୃନ୍ଦର କିଛି କରୁନି । ଏଣେ ପହଲି ସିନା ଲୋଭରେ ନେଲା, ଏଡ଼େ ଏଡ଼େ ପୋଖରୀକୁ ସଫା କରିବାକୁ ତା'ର ବଳ କାହିଁ ?

(କ୍ରମଶଃ)

## ଅନୁବାଦ ଗଳ୍ପ

# ଆଧୁନିକା ବୋହୂ

ମୂଳହିନ୍ଦୀ- କମଳ କାପୁର




ଅନୁବାଦ- ବିନୟ କୁମାର ଦାସ


କଅଁଳି ଉଠୁଥିବା ନୂଆ ପତ୍ର ପରି କୋମଳାଂଗୀ ସୁନ୍ଦରୀ ନବବଧୂ ବର ସହିତ ସ୍ୱଗୃହ ପ୍ରବେଶ ପାଇଁ ଦୁଆର ମୁହଁରେ ଛିଡା ହୋଇ ରହିଥିଲା । ବରବଧୂଙ୍କର ଗୃହପ୍ରବେଶର କିଛି ବିଧି ବିଧାନ ରହିଛି । ସେତକ କୁ ନିଶ୍ଚୟ ପାଳନ କରିବାକୁ ପଡିବ । ଶାଶୁ ସୁଧାଦେବୀ ଅବଶ୍ୟ ତାର ସମସ୍ତ ବ୍ୟବସ୍ଥା କରିସାରିଛନ୍ତି । ବୋହୂ ଉଦ୍ଦେଶ୍ୟରେ କହିଲେ, 'ମା' ଅପୂର୍ବା, ତୋ ସାମ୍ନାରେ ଦୁଆର ବନ୍ଧରେ ଚାଉଳ ଭରା ଶୁଭକଳସ ଥୁଆ ହୋଇଛି । ନିଜ ପାଦରେ ତୁ ତାକୁ ଗଡେଇ ଦେଇ ସିନ୍ଦୁରମିଶା ପାଣିରେ ତୋର ଦୁଇପାଦ ବୁଡାଇ ଚଟାଣରେ ପଦଚିହ୍ନ ଛାଡି ଛାଡି ଏଠାରୁ ତୋ କୋଠରୀ ପର୍ଯ୍ୟନ୍ତ ଚାଲି ଚାଲି ଯାଆ । ସେମିତି ହେଲେ ଏ ଘରର ମାଟି ତୋତେ ଆପଣେଇ ନେବ ଏ ଘରର ଜଣେ ନୂତନ ସଦସ୍ୟା ଭାବରେ । ଏହା ହେଉଛି ଆମର ବିଧି ବ୍ୟବସ୍ଥା । ତୁ ଆଉ ଡେରି କରନା ମା'..'

ଅପୂର୍ବା ତଥାପି ସେମିତି ଛିଡା ହୋଇ ରହିଲା । ତା ତରଫରୁ କିଛି ପ୍ରତିକ୍ରିୟା ମିଳିଲା ନାହିଁ । ସୁଧା ଦେବୀ ପୁଣିଥରେ ସେଇ କଥା କହିଲେ । ଏଥର ଅପୂର୍ବା ନିଜର ମୁଣ୍ଡ ହଲାଇ ଏମିତି ସେ କରିପାରିବ ନାହିଁ ବୋଲି ଜଣାଇଦେଲା । ଚମକି ପଡିଲେ ସମସ୍ତେ ଏମିତି ପରିସ୍ଥିତିରେ । ଘର ପ୍ରବେଶ ହୋଇନି.. ଅଥଚ ଶାଶୁଙ୍କର ଆଦେଶକୁ ବେଖାତିର ! ସ୍ୱାମୀ ତା ପାପୁଲିକୁ ଚିପି ଦେଇ ଧୀର ସ୍ୱରରେ କହିଲେ, 'ମାଆ ଯାହା କହିଲେ ସେଇଆ କର ଅପୂର୍ବା । ଆମ ଘରର ରୀତିନୀତିକୁ ସମ୍ମାନ ଦେବା ତୁମର ପ୍ରଥମ କାମ୍ୟ ।' ଅପୂର୍ବା ସ୍ୱାମୀଙ୍କ କଥାକୁ ରଖିଲା ନାହିଁ । ସେମିତି ଚୁପଚାପ୍ ଛିଡା ହୋଇ ରହିଲା ।

ଉପସ୍ଥିତ ବନ୍ଧୁବାନ୍ଧବ ପଡୋଶୀ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ନିଜ ନିଜ ଭିତରେ ଫୁଟ୍‌ଫାଟ୍ ଆରମ୍ଭ କରିଦେଲେ ।

'ଇଏ କି କଥା ଲୋ ମା.. ଆମ ଆଖି ଉଠିଲା ପାଖରୁ ଆମେ ଏମିତି ଦୃଶ୍ୟ କେବେ ବି ଦେଖିନୁ ।'

'ମୁଁ ତ ପ୍ରଥମରୁ ହିଁ ଆଶଙ୍କା କରୁଥିଲି ଏମିତି କିଛି ଗୋଟିଏ ଘଟିବ । ଆରେ ସେ ହେଲା ଧନୀ ଘରର ଝିଅ, ଶିକ୍ଷିତା ଆଉ ଆଧୁନିକା ବି । ସେ କାହିଁକି ଏ ପୁରୁଣା କାଳିଆ ରୀତିନୀତିକୁ ସମ୍ମାନ ଦେବ । କାହିଁକି ମାନିନେବ ଶାଶୁଙ୍କ କଥା ?'

'ଦେଖୁନ.. ସେ କେମିତି ସୁନ୍ଦରୀ । ସହରରେ ବଢିଛି । ଛଟକ ତ ଦେଖାଇବ ନିଶ୍ଚୟ । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ?'

'ଇଲୋ ! ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିଲାଣି... ଆଗକୁ କଣ ହେବ କେଜାଣି ? ବିଚାରୀ ଶାଶୁ !!'

ଶାଶୁ ଅପମାନିତ ହେଲେ ବି ନିଜକୁ ଥଣ୍ଡା ରଖି ସ୍ୱରକୁ ନରମି କହିଲେ, 'ଘରର ନିୟମକୁ ସମ୍ମାନ ଦେ ବୋହୂ... ମୋ ସାନକୁହା ମାନ୍ । ଯା..ଆଗକୁ ପାଦ ବଢା ।'



ଏଥର ମୁହଁ ଖୋଲିଲା ଅପୂର୍ବା । ଶାଶୁମାଙ୍କୁ ଅନାଇ କହିଲା , 'ମା, ଏହି ଶୁଭ କଳସରେ ଗଣେଶ ଦେବତାଙ୍କ ଆକୃତି ଅଙ୍କା ହୋଇଛି । ସେ ଆମର ଇଷ୍ଟ ଦେବତା । ତାଙ୍କୁ ପ୍ରତି କ୍ଷେତ୍ରରେ ପ୍ରଣାମ କରିବା ସମସ୍ତଙ୍କର ନୈତିକ ଦାୟିତ୍ୱ । ପୁଣି କଳସରେ ରହିଛି ଧାନ ଚାଉଳ.. ତାହା ତ ଅନ୍ନ ଦେବତା ମାଆ.. ସେମାନଙ୍କୁ ମୁଁ ଜାଣିଶୁଣି ପାଦରେ ଆଘାତ ଦେବି ? ସେ କାମ ମୋ ଦ୍ୱାରା ସମ୍ଭବ ହୋଇପାରିବନି ମା । ମୋତେ କ୍ଷମା କରି ଦିଅନ୍ତୁ । ପାଣିରେ ସିନ୍ଦୁର ମିଶା ଯାଇଛି । ମୁଁ ତାକୁ ପାଦରେ ମାଡି ଆଗକୁ ଯିବି । ଆପଣ ଜାଣନ୍ତି ମା', ମୋ ସ୍ୱାମୀଙ୍କ ନାମରେ ମୁଁ ସିନ୍ଦୁର ପିନ୍ଧିବି ମୋ ସୀମନ୍ତରେ.. ଯାହା ମୋ ମଥାରେ ରହିବ ତାକୁ ମୁଁ ପାଦରେ ଲଗାଇବି ? ଏହା ମୋ ପାଇଁ ମହାପାପ ହେବ ମା' । ଆପଣ ମୋତେ ସ୍ୱୀକାର କରିଛନ୍ତି ମାନେ ତ ଏ ଘର ବି ମୋତେ ଆପଣେଇ ସାରିଛି । ବିଧିବିଧାନ ରୀତିନୀତି ନାମରେଏମିତି ପାପ କାମ କରିବାକୁ ମୋତେ ଆଦେଶ ଦିଅନ୍ତୁ ନାହିଁ ମା, ମୁଁ ମାନିପାରିବି ନାହିଁ ।'

ଏତକ ଶୁଣିଲା ପରେ ସମସ୍ତେ ତଟସ୍ଥ ହୋଇଗଲେ । ବୋହୂ କଥାରେ ଦମ୍ ରହିଥିଲା । ଯୁକ୍ତିଯୁକ୍ତ କଥା କହିଛି ବୋହୂ । କେହି ଜଣେ କହୁଥିବାର ଶୁଣାଗଲା, 'ବୋହୂ ଆଧୁନିକା... କିନ୍ତୁ ବିଚାରବନ୍ତ । ତା ଚିନ୍ତାଧାରାରେ ଆଧୁନିକତା ହିଁ ରହିଛି ।'


❤ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ-୭୯୭୮୮୬୦୩୬୩

## ସାମ୍ପ୍ରତିକୀ...



# ପାଣି ଓ ବାଲି ମାଫିଆ

**ସୁବ୍ରତ ପଟ୍ଟନାୟକ**

ନଦୀ ଉପରେ ପଡୁଚି ସାଂଘାତିକ ବିପଦ। ଆମେ ପ୍ରାକୃତିକ ବିପର୍ଯ୍ୟୟ କଥା କହୁନାହୁଁ। ବନ୍ୟାରେ ନଦୀ ଉଛୁଳି କ୍ଷୟକ୍ଷତି ଘଟାଇପାରେ। ତାହା ଭିନ୍ନ କଥା। ମାତ୍ର ମନୁଷ୍ୟକୃତ ଭାବେ ନଦୀ ପ୍ରତି ଘୋର ବିପଦ ସୃଷ୍ଟି କରାଯାଉଛି। ବିଭିନ୍ନ ଖଣି, କାରଖାନା ବେଆଇନ ଭାବେ ନଦୀର ଜଳକୁ ଉଚ୍ଚ ଶକ୍ତି ସମ୍ପନ୍ନ ପମ୍ପ ସାହାଯ୍ୟରେ ବୋହି ନେବାରେ ଲାଗିଛନ୍ତି। ଫଳରେ ନଦୀଗୁଡ଼ିକ ଖୁବଶୀଘ୍ର ଶୁଖିଯାଉଛି। ଓଡ଼ିଶାର ଅଧିକାଂଶ ନଦୀ 'ମୃତ ନଦୀ'ରେ ପରିଣତ ହେବାରୁ ଚାଷୀଙ୍କ ମୁଣ୍ଡରେ ବଜ୍ର ପଡ଼ିଛି।

ଏହି ସ୍ତମ୍ଭରେ ଆମେ କେନ୍ଦୁଝର ଜିଲ୍ଲାକୁ ଏକ ଉଦାହରଣ ଭାବେ ନେଉଚେ। ଯେଉଁ କେତୋଟି ନଦୀ କେନ୍ଦୁଝର ଜିଲ୍ଲାକୁ କାଳ କାଳ ଧରି ସମୃଦ୍ଧ କରି ଆସିଚି, ତାହା -ବୈତରଣୀ, ସାଳନ୍ଦୀ, କୁଶେଇ, ରେମାଳ, ସେଣ୍ଢେଇ, ସମାକୋଇ, ମୁଷଳ, କାନଝାରୀ, ଅରଡେଇ, ମୁନା ଓ ଆଉ କେତେକ। ଏସବୁ ନଦୀରୁ ମିଉଲ, ବିଆରପିଏଲ, ଟାଟା, ଜଗନ୍ନାଥ ଷ୍ଟିଲ, ପଂଚବଟୀ, ଆରିଆ ଆଇରନ ଷ୍ଟିଲ, ରୁଙ୍ଗଟା, ବ୍ରାଣ୍ଡଷ୍ଟିଲ, ଏମଏସପି ସ୍ପଞ୍ଜ କାରଖାନା, ବଉଳା ମାଇନ୍ସ ଓ ଅନ୍ୟାନ୍ୟ ଛୋଟବଡ଼ କାରଖାନା ପ୍ରଚୁର ଜଳ ସଂଗ୍ରହ କରୁଛନ୍ତି। ଜଳଦ୍ୱାରା ଲୁହାପଥର ଗୁଣ୍ଡ ସଫା କରାଯିବା ଓ ଅନ୍ୟାନ୍ୟ କାର୍ଯ୍ୟ ତୁଲାଯାଉଚି। ପାଣିଦ୍ୱାରା ଲୁହାପଥର ଗୁଣ୍ଡ ରପ୍ତାନୀ କରାଯାଉଛି। ଫଳରେ ନଦୀର ଜଳଧାର ଶୁଖିବାରେ ଲାଗିଛି। ଆଶ୍ଚର୍ଯ୍ୟର କଥା, କେତେକ କାରଖାନା ଓ କମ୍ପାନୀ ଉପରେ ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟୁତ୍ ବିଲ୍ ବକେୟା ପଡ଼ିଛି। ସେହି ଅର୍ଥ ଆଦାୟ ତ ଦୂରର କଥା, ସରକାର ସେମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଇ ତାହା ଛାଡ଼ କରୁଛନ୍ତି। ଅଥଚ ଗରିବ ଚାଷୀଟିଏ ହୁକ ପକାଇ ମଟର ପମ୍ପ ଚଳାଇଲେ, ତାଙ୍କୁ ଥାନାକୁ ବାନ୍ଧି ନିଆଯାଉଛି। ବଡ଼ ବଡ଼ କମ୍ପାନୀକୁ ସମର୍ଥନ ଦେବାକୁ ବଡ଼ବଡ଼ିଆ ରାଜନେତା ଅଣ୍ଟା ଭିଡୁଛନ୍ତି। ମୂଳ କାରଣ ହେଲା, ବଡ଼ ଶିଳ୍ପପତି ଓ ବ୍ୟବସାୟୀଗଣ ବିଭିନ୍ନ ରାଜନୈତିକ ଦଳର ପାଣ୍ଠିକୁ ଆର୍ଥିକ ସାହାଯ୍ୟ କରିଥାନ୍ତି। ତାହା ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ହୁଏ ଓ ସେଥିରେ 'ଭୋଟ ବ୍ୟାଙ୍କ' ତିଆରି ହୁଏ। ସେହି କାରଣରୁ ଚିଟଫଣ୍ଡ କମ୍ପାନୀ ମାଲିକଙ୍କ ବିରୋଧରେ କୌଣସି ଦଣ୍ଡବିଧାନ ହୋଇପାରୁନାହିଁ। ମକଦ୍ଦମାର ବିଚାର ଆଳରେ ବର୍ଷ ବର୍ଷ ଧରି ଗଡ଼ି ଚାଲିଛି।

ଲେଖୁ ଲେଖୁ ଆମେ ବାଟ ହୁଡ଼ିଗଲେ। ନଦୀ ଶଯ୍ୟାରୁ ଟନ୍ ଟନ୍ ବାଲି ଉଠାଣ ବି ନଦୀ ପ୍ରତି ବିପଦ ସୃଷ୍ଟି କରୁଛି। ନଦୀ ଶଯ୍ୟାରେ ବାଲି ନରହିଲେ, ତାହା ମୃତ ନଦୀରେ ପରିଣତ ହୁଏ। ଏହା ପରିବେଶ ବିଭାଗ ଭଲଭାବେ ଜାଣିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ବା ଏନ୍‌ଜିଟି ନିୟମ ଅନୁଯାୟୀ, ବର୍ଷା ଋତୁରେ ନଦୀରୁ ବାଲି ଉଠାଇବା ନିଷେଧ। ମାତ୍ର ତାହା ହେଉନାହିଁ। ଯେଉଁମାନେ ବାଲିଘାଟ ନିଲାମ ଧରୁଛନ୍ତି, ମୋନେ ବର୍ଷ ତମାମ ବାଲି ଚାଲାଣ କରୁଛନ୍ତି। ରାତିରେ ବାଲି ଉଠାଇବାକୁ ବାରଣ ଥିଲେ ବି ଜେସିବି ମେସିନ୍ ସାହାଯ୍ୟରେ ସାରାରାତି କାମ ଚାଲିଛି। ଗୋଟିଏ ଟ୍ରକ୍, ଡମ୍ପର, ହାଇୱାରେ ପାଂଚ ଛଅ ଟନ୍ ବାଲି ନେବାର ନିୟମ ଥିଲେ ହେଁ ଦଶ ବାର ଟନ୍ ଓଭରଲୋଡ୍ ହେଉଛି। ଫଳରେ ବିଭିନ୍ନ ରାସ୍ତାରେ ବଡ଼ ବଡ଼ ଗାତ ସୃଷ୍ଟି ହେଉଛି। କେବଳ ସେତିକି ନୁହେଁ, ନଦୀ ବନ୍ଧ ପ୍ରତି ମଧ୍ୟ ବିପଦ ଦେଖାଦେଉଛି। ବନ୍ଧରେ ଫାଟ ଯୋଗୁ ବନ୍ୟା ସମୟରେ ଘାଇ ସୃଷ୍ଟି ହେଉଛି। କେନ୍ଦୁଝର ଜିଲ୍ଲାର ଝୁମ୍ପୁରା, ତେଲକୋଇ, ପାଟଣା, ସାହାରପଡ଼ା, ଘସିପୁର, ରାମଚନ୍ଦ୍ରପୁର, ଆନନ୍ଦପୁର, ହାଟଡିହି ତହସିଲ ଇଲାକାରେ ଖୁଲ୍ଲମଖୁଲ୍ଲା ବାଲି ଚୋରା ଚାଲାଣ ହେଉଛି। ପିମ୍ପୁଡ଼ି ଧାଡ଼ି ଲାଗିବା ଭଳି ପଛକୁ ପଛ ହାଇୱା ଟ୍ରକ୍ ଲାଇନ୍ ଲାଗିଛି। ନିର୍ଦ୍ଧାରିତ ସ୍ଥାନରୁ ବାଲି ଉଠାନଯାଇ ଅନ୍ୟ ଘାଟରୁ ବାଲି ହରିଲୁଟ୍ ଚାଲିଛି।

ନଦୀରେ ପ୍ରାକୃତିକ ଓ ସ୍ୱାଭାବିକ ଭାବେ ଜଳ ପ୍ରବାହିତ ହେଲେ ତାହା ଚିରସ୍ରୋତା ହୁଏ। ମାତ୍ର ସେଥିରେ ବାଧା ସୃଷ୍ଟି କରାଗଲେ, ନଦୀର ଜଳ ହ୍ରାସ ଘଟିବା ନିଶ୍ଚିତ। ବାଲିଘାଟ ନିଲାମ ଧରୁଥିବା ବ୍ୟକ୍ତି ଅନେକ ସ୍ଥାନରେ ନଦୀ ଶଯ୍ୟାରେ କୃତ୍ରିମ ବନ୍ଧ ତିଆରି କରି ଜଳସ୍ରୋତ ପରିବର୍ତ୍ତନ କରୁଛନ୍ତି। ଶୁଖିଲା ସ୍ଥାନରୁ ଶହ ଶହ ଟନ୍ ବାଲି ଉଠାଯିବାରୁ ବିରାଟକାୟ ଗଣ୍ଡ ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ଏସବୁ ଗଣ୍ଡରେ ପଡ଼ି ଜୀବନହାନି ଘଟୁଛି।

ଓଡ଼ିଶାର ପ୍ରାୟ ସବୁ ବାଲିଘାଟ ନିଲାମ କାର୍ଯ୍ୟରେ ଆମେ ସମାନ ଚିତ୍ର ଦେଖୁଚେ। ଗୁଣ୍ଡାଗର୍ଦ୍ଦି ଓ ଗଣ୍ଡଗୋଳର ଆଶଙ୍କା ଥିବାରୁ ତହସିଲ କାର୍ଯ୍ୟାଳୟ ସଶସ୍ତ୍ର ପୁଲିସ ଫଉଜରେ ଛାଉଣୀ ହୁଏ। ଘନ ଘନ ପୁଲିସ ଭ୍ୟାନ୍ ପାଟ୍ରୋଲିଂ ଚାଲେ। ନିଲାମ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ ସହିତ ବାହୁବଳ ଓ ଅର୍ଥବଳର ପ୍ରୟୋଗ ହୁଏ। ଏସବୁ କଳ-ବଳ-କୌଶଳ ପ୍ରୟୋଗ ନକରି ଯଦି କେହି ବାଲିଘାଟ ନିଲାମ ହାସଲ କରିଥାନ୍ତି, ତେବେ ସେ ବ୍ୟକ୍ତି ନିଶ୍ଚିତ ଭାବେ ବିରଳ। ଏହି ମୁକ୍ତବୃତ୍ତ ସ୍ତମ୍ଭକାର ସେଭଳି ବ୍ୟକ୍ତିଙ୍କର ଗୁଣଗାନ କରିବାକୁ ଆଦୌ ପଛଘୁଂଚା ହେବନାହିଁ।

ନଦୀ ଓ ନଦୀବନ୍ଧକୁ ସୁଦୃଢ଼ ଓ ସୁରକ୍ଷିତ ରଖିବା ଦାୟିତ୍ୱ ନିଲାମଧାରୀ ବ୍ୟକ୍ତିଙ୍କର। ସେଠାରେ ଆବଶ୍ୟକସ୍ଥଳେ ପଥର ପ୍ୟାକିଂ ଓ ବୃକ୍ଷରୋପଣ କରାଯିବା ଦରକାର। ମୁଖ୍ୟ ରାସ୍ତାରୁ ବାଲିଘାଟ ପର୍ଯ୍ୟନ୍ତ ରାସ୍ତାଟି ଯେଭଳି କ୍ଷତିଗ୍ରସ୍ତ ନହୁଏ, ତାହା ବୁଝିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆନନ୍ଦପୁର, ରାମଚନ୍ଦ୍ରପୁର, ଘସିପୁର, ବଞ୍ଚୋ, ଆମ୍ବୋ, ସମଣା, ହାବଳେଶ୍ୱର ଆଦି ବାଲିଘାଟକୁ ସଂଯୋଗ କରୁଥିବା ରାସ୍ତା ଅତି ଦୟନୀୟ। ଓଭରଲୋଡିଂରେ ବାଲି ଚାଲାଣ ହେଉଥିବାରୁ ଅନ୍ୟ ରାସ୍ତାଗୁଡ଼ିକ ବି ଖାଲଖମାରେ ପରିଣତ ହେଉଛି। ଏସବୁ ତଦାରଖ କରିବା ଦାୟିତ୍ୱ ରାଜସ୍ୱ ବିଭାଗ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ଼ର। ସେମାନେ ତଦାରଖ କରିବେ କଣ, ଓଲଟି ନିଲାମଧାରୀ ଓ ପରିବହନ ଅଧିକାରୀ ସଂସ୍ଥା ସହିତ ସଲାସୁତୁରାରେ ମାତିଛନ୍ତି। ପୁଲିସ ବି ଚୋର ମାଉସୀ ସାଜୁଛି। ରାଧେ ରାଧେ, ତମର ଅଧେ ଆମର ଅଧେ, ନୀତିରେ ଚାଲିଛି ସବୁ ଚୋରା କାରବାର। କେତେକ ରାଜନେତା ଏସବୁରୁ ନିଜ ପାଉଣା ବି ପାଉଛନ୍ତି। 'ଜାଲ୍-ଚାଲାଣ' କାଗଜରେ ବି ବେପାର ଚାଲିଛି।

କେତେକ ତହସିଲଦାର ଲୋକଦେଖାଣିଆ ଭାବେ ଥରେ ଅଧେ ବାଲିଘାଟ ଉପରେ ଚଢ଼ଉ କରନ୍ତି। ବେଆଇନ୍ କାରବାର କରୁଥିବା ଟ୍ରାକ୍ଟର ବା ଜେସିବି ମେସିନକୁ ଦିନେ ଦି ଦିନ ପାଇଁ ଜବତ ହୁଏ। ଜରିମାନା ଅର୍ଥ ବି ଆଦାୟ ହୁଏ। ମାତ୍ର ସେହି ଅର୍ଥ ରାଜ୍ୟ ରାଜକୋଷକୁ ଯାଏ, ନା ସେମାନେ ନିଜ ଅଣ୍ଟିରେ ଖୋସନ୍ତି, ତାହା ପ୍ରଭୁ ଜଗନ୍ନାଥଙ୍କୁ ଜଣା। ହାଟଡିହି ତହସିଲରେ ଗୋଟିଏ ବାଲି ଟ୍ରକରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ ହେଲା। ସେଥିରୁ ମାତ୍ର ୪ ହଜାର ଟଙ୍କା ସରକାରୀ ତହବିଲକୁ ଗଲା। ବାକି ୩୬ ହଜାର ଟଙ୍କା ଅଫିସ ଅଧିକାରୀ ଓ କର୍ମଚାରୀ ମିଳିମିଶି ଚଳୁକଲେ। ମିଡିଆରେ ଓ ସମ୍ବାଦପତ୍ର ଏହି ଦୁର୍ନୀତି ପ୍ରଘଟ ପାଇଲା। ମାତ୍ର ଅସାଧୁ କର୍ମଚାରୀଗଣ ଗଳାବାଟ ଦେଇ ଖସିଗଲେ। ଗୋଟା ତୁଳସୀ ପାଳଟିଲେ। କେନ୍ଦୁଝର ଜିଲ୍ଲାର ଅବସ୍ଥା ଯାହା, ବାକି ୨୯ଟି ଜିଲ୍ଲାର ଅବସ୍ଥା ସେୟା, ସମାନ। କେନ୍ଦୁଝର ଜିଲ୍ଲାରେ ଯେତିକି ଖଣିଜ ଓ ଲଘୁ ଖଣିଜ ସମ୍ପଦ ଭରି ରହିଛି, ସେସବୁର ସଠିକ୍ ବିନିଯୋଗ କରାଗଲେ, ତାହା ସବୁଠୁ ସମୃଦ୍ଧ ଜିଲ୍ଲାରେ ପରିଣତ ହୁଅନ୍ତା। ଆମ କପାଳ ଫଟା। ସେମିତି ଘଟୁନାହିଁ। ଆମେ ଯୋଉ ନୁଖୁରାକୁ ସେଇ ନୁଖୁରା। ଆମ କଥା ଶୁଣୁଚି କିଏ?


♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪


# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

### ଭାଗ-୨୩

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



**ଉମାକାନ୍ତ ରାଉତ(ଅରୂପ)**


♥ ପ୍ଲଟ ନମ୍ବର-୭୬୨, ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫


ଉଡ଼ିଯାଏ ସବୁ କାକରର ଟୋପା
ପୋଡ଼ିଯାଏ ଦୂବଘାସ
ଦୁର୍ବିସହ ଲାଗେ ସ୍ମୃତିର ସନ୍ତକ
ପିତା ଲାଗେ ପରବାସ । ୨୩୧ ।

ଗାଁ ଆଙ୍କିଦିଏ ପ୍ରୀତିର ଦୟଣା
ଚୁନାଚୁନା ସୁନା ଝୋଟି
ମିଠା ମିଠା ସ୍ୱପ୍ନ ସୁଖର ଝୁଲଣା
ସାଜେ ପ୍ରିୟ ଗାଁ ମାଟି । ୨୩୨ ।

ନୂଆ ବୋହୂପରି ଚାଲୁଥାଏ ଗାଆଁ
ରାତିହେଲେ ନଇଁ ନଇଁ
ବାତାୟନ ପାଶେ ଆଖି ମୁଦିକରି
କବିଟିଏ ଥାଏ ଚାହିଁ । ୨୩୩ ।

କେତେ ନାରୀ ନଦୀ ପ୍ରଣୟ ଢେଉରେ
ଗାଆଁ ଛାତି ଜଳୁଥାଏ
ପ୍ରେମିକ ଛାତିରେ କଣ୍ଟା ଫୋଡ଼ିଗଲେ
ଗାଆଁକୁ ଦରଦ ଛୁଏଁ । ୨୩୪ ।

ମୃଣ୍ମୟୀ କା' ପାଦ ମସୃଣତା ଯଦି
ଅନ୍ଧାରକୁ ଦିଏ ନେସି
ଆପେକ୍ଷିକ ସେଇ ପିଚ୍ଛିଳ ସୁଅରେ
ଗାଆଁ ଯାଏ ନାହିଁ ଭାସି । ୨୩୫ ।

କେତେ ଋତୁ ଆସେ କେତେ ଋତୁ ଯାଏ
ବଦଳେନି ଗତିପଥ
ଭଙ୍ଗା ତରବାରୀ କେତେ ଯୋଦ୍ଧାଙ୍କର
ଜୀବନର ପାନିପଥ । ୨୩୬ ।

ଦୁର୍ଗଟିଏ ପରି ସାଇତି ରଖେ ସେ
କେତେ ଧରମା କୋଣାର୍କ
ନିହାଣ ମୁଗୁର ପଥରରେ ଗଢ଼ା
କେତେ ସୂରୁଜଙ୍କ ଅର୍କ । ୨୩୭ ।

ସବୁ ବିଫଳତା ସଜାଡ଼ି ପାରେ ସେ
ଟାଣ କରି ପାଦମାଟି
ସବୁ ଚକ୍ରବ୍ୟୂହ ଭେଦ ତାକୁ ଜଣା
କେବେ ବି ଯାଏନା ଫାଟି । ୨୩୮ ।

ଅଦେଖା ଡେଣାରେ ସ୍ୱପ୍ନ ବିଞ୍ଚି ବିଞ୍ଚି
କ୍ଷୟ ହୁଏ ଯେବେ ଜହ୍ନ
ବିମର୍ଷ ମୁଦ୍ରାରେ ଚାତକଟେ ଭଳି
ଚାହିଁରହେ ଗାଁ ମନ । ୨୩୯ ।

ବିକ୍ଷିପ୍ତ ମୋ' ଚିନ୍ତା ଟୁକୁଡ଼ା କାଗଜ
ଯେବେ ଭାସି ଭାସି ଯାଏ
ପ୍ରତି ଟୁକୁଡ଼ାର ଅଲିଭା ଭାଷାରେ
ଟିକି ଗାଁ ମୋର ଥାଏ । ୨୪୦ । (କ୍ରମଶଃ)

## ଗୋଟେ ବହିର ଆଲୋଚନା..



# କାଚନାରୀ : ଅଜସ୍ର ଭଙ୍ଗୁରତା ଭିତରେ ବି ଜୀବନାନୁଖୀ ଅନନ୍ୟ ଅନୁରାଗିଣୀ

**ସୁବ୍ରତ କୁମାର ସେନାପତି**

କବିତା ସହ ଜୀବନ - ଗୋଟେ ଲଂବା ଯାତ୍ରା ପରେ ମନେହେଉଛି କି କେବେ- ଭୁଲ୍ ସାଥୀଟିଏ ବାଛିଛନ୍ତି?

ଏମିତି ଏକ ପ୍ରଶ୍ନ ଥରେ ପଚାରିଥିଲେ କବି ସମ୍ପାଦକ ସରୋଜ ବଳ ନିଜ 'ସମ୍ପର୍କ' ପତ୍ରିକାର ସାକ୍ଷାତକାର ବିଭାଗ ପାଇଁ ଓଡ଼ିଆ ସମକାଳୀନ କବିତା ଜଗତର ଅଦମନୀୟ ଦାମ୍ଭିକ ସ୍ୱର ପ୍ରବାସିନୀ ମହାକୁଡ଼ଙ୍କୁ ଯାହାର ଉତ୍ତର କବି ରଖିଥିଲେ-

'କବିତା ସହ ଜୀବନ - ବେଶ୍ ଶ୍ରୁତିମଧୁର ପ୍ରଶ୍ନଟିଏ । ଚାଳିଶ ବର୍ଷ ହେଲା ତା' ସହ ଚାଲୁଛି । ଭୁଲ୍ ସାଥୀଟିଏ ବାଛିଚି ବୋଲି କେବେ ବି ଭାବିନି । କାରଣ ସିଏ ହିଁ ତ ପ୍ରତି ମୁହୂର୍ତ୍ତରେ ମୋତେ ଜୀବନ ଦିଏ, ତା ସହ ବଂଚିବାର କଷ୍ଟ ବି! କେବଳ କବିତା ସହ ଚାଲିବା ବହୁତ ବିପଜ୍ଜନକ କଥା ନୁହେଁ କି? ନାଇଁ ତ, କେବେ ବି ଭାବିନି ଯେ ଭୁଲ୍ ସାଥୀଟିଏ ବାଛିଚି ବୋଲି! କବିତାରେ ଜୀବନ ଜିଇବା ଶିଖିଚି ବୋଲି ସବୁ ଭୁଲ୍ ଭିତରୁ ଏଇ ଗୋଟିଏ ଠିକ୍ ବୋଲି ଭାବୁଛି । ପ୍ରଶ୍ନ ପଚାରିଥିବାରୁ ଆନ୍ତରିକତା ଜଣାଉଛି । ଏଇ କବିତା ପାଇଁ ତ ସାରା ରାତି ଚେଇଁ ରହିଲି, ଖାସ୍ ଉତ୍ତର ପାଇଁ ।'

ସତରେ, ଚିରକାଳ କବିତାକୁ ସାଥୀ କରିଥିବା ଏବଂ ଜୀବନର ରୁଚି ଶୀଳତାକୁ ବେଶ କରି ଅନୁଭବି ଥିବା ସମକାଳର ଅନନ୍ୟ କବି ହେଉଛନ୍ତି ପ୍ରବାସିନୀ ମହାକୁଡ଼। ଉତ୍ତର ଆଧୁନିକ କବି ମାନଙ୍କ ମଧ୍ୟରୁ କବୀ ପ୍ରବାସିନୀ ମହାକୁଡ଼ ହେଉଛନ୍ତି ଜଣେ ନିଆରା କବି ଯାହାଙ୍କ କାବ୍ୟିକ ପ୍ରତିଭାର ସ୍ୱାକ୍ଷର ବହନ କରେ 'ମୁହୂର୍ତ୍ତ ମୁହୂର୍ତ୍ତ ଆଧାରଶିଳା', 'ପରମା', 'ଧାଡ଼ିଏ ଶିମିଳି ଫୁଲ ଓ ଅନ୍ୟାନ୍ୟ କବିତା', 'ଜିପ୍ସୀ ଝିଅ', 'କେହିଜଣେ ଶୁଭାଙ୍ଗୀ', 'ନଭେମ୍ବର ମୋର ଜନ୍ମମାସ', 'କଥା କୁହ କବିତା', 'ନାଆଁର ଉର୍ଦ୍ଧ୍ୱରେ', 'ପ୍ରତିଥର ଶୋଷ', 'ଅପରାଜିତାର ଦିନରାତି' ପରି ସୃଷ୍ଟିନିଚୟ। ଆଲୋଚ୍ୟ ଏଥେନା ପ୍ରକାଶନୀ ଦ୍ୱାରା ପ୍ରକାଶିତ 'କାଚନାରୀ' ସଙ୍କଳନଟିରେ ରହିଛି କବିଙ୍କ ଜୀବନର ସରସ ସୁନ୍ଦର ଅଭିବ୍ୟକ୍ତି ସହ କେତେକେତେ ମାର୍ମିକ ଅବବୋଧର ଆବେଗମୟ ଉଚ୍ଚାରଣ।

ବାସ୍ତବରେ, କବିତାରେ କବି ଜୀବନ ଜୀଇଁବା ଶିଖି ପାରିଛନ୍ତି ବୋଲି ତ କବିତାରେ ସେ ଆତୁର ହୋଇ ଖୋଜିଛନ୍ତି ଜୀବନକୁ, ଘରକୁ, ପଥର କଟାଳୀର ସ୍ୱେଦକୁ, ସମ୍ପର୍କର ବର୍ଣ୍ଣମାଳାକୁ ଆଉ ସର୍ବୋପରି ଅସହାୟ ମଣିଷ ପାଇଁ ଦୁଇ ଟୋପା ଲୁହକୁ। ସେଥିପାଇଁ ତ କବି ତାଙ୍କ ସଦ୍ୟ ପ୍ରକାଶିତ କବିତା ପୁସ୍ତକ 'କାଚନାରୀ' ର 'ଏ କେମିତି କବିତା'ରେ କହୁଛନ୍ତି:

ଏ କବିତାରେ ଜୀବନ କେଉଁଠି ଅଛି?
ଏ କବିତାରେ ଜୀବନର କଥା
କେଉଁଠି ଲେଖା ହୋଇଛି?
+ + + +
କେଉଁଠି ଅଛି ସମ୍ପର୍କର ବର୍ଣ୍ଣମାଳା
କେଉଁଠି ଅଛି ଅସହାୟ ମଣିଷ ପାଇଁ
ଦୁଇ ଟୋପା ଲୁହ?
କେଉଁଠି ଅଛି ପ୍ରେମ ପାଇଁ ସମର୍ପଣ ଭାବ?
(ଏ କେମିତି କବିତା)

ପ୍ରବାସିନୀ ମହାକୁଡ଼ଙ୍କ ସ୍ୱୀକାରୋକ୍ତି: 'ମୋ କବିତାର ଆଇନାରେ ମୋ ମୁହଁ ଶତକଡ଼ା ଶହେରୁ ଶହେ ଦେଖାଯାଏ । କାରଣ ଦର୍ପଣରେ ପ୍ରତିଫଳିତ ପ୍ରବାସିନୀ ଓ ତା' କବିତାର ଚେହେରା ଏକଦମ୍ ଏକା । ଟିକିଏ ବି ଫରକ ନାହିଁ । ଏମିତିକି ମୁହଁର ସେଇ ସ୍ୟାହି ଟୋପାକ ବି ସେତିକି ଦେଖାଯାଏ, ଯେତିକି ମୁଁ ନିଜେ ।'

(ସମ୍ପର୍କ, ନଭେମ୍ବର ମାସ,୨୦୧୮)

ବାସ୍ତବରେ, ପ୍ରବାସିନୀ ମହାକୁଡ଼ ଏପରି ଜଣେ କବି ଯେ କବିତାରେ ଜୀଅନ୍ତି ଜୀବନ, ଜୀଅନ୍ତି ବୋଲି ତ ତାଙ୍କ କବିତା ପରିପୂର୍ଣ୍ଣ ହୋଇଉଠେ ଛଳଛଳ ଅନୁଭୂତିରେ। ସେଥିପାଇଁ ତ ତାଙ୍କ କବିପ୍ରାଣ ଗାଇଉଠେ-

ମୁଁ ଯେଉଁ କବିତା ଲେଖେ/ ସେଥିରେ କବିତା କମ କଥା ବେଶି ଥାଏ/କବିତା କମ ଅନୁଭୂତି ବେଶି ଥାଏ ।

ଞଜୀବନରେ ଆଉ କଣ ହେଲି/କବିତାରେ ଯାହା ଜୀବନ ଜୀଇଁଲି! (କବିତାରେ ଯାହା)

କବିଙ୍କ ପାଇ ଆଶା ଆଉ ନିରାଶାର ଏକ ମଧ୍ୟବର୍ତ୍ତି ଇଲାକାରେ ଘୁମେଇ ପଡିଥାଏ କବିତା ଆଉ କବିତାର ଭାରିପଣ ଭିତରେ ହିଁ ତାଙ୍କ କବି ପ୍ରାଣ ଅନୁସନ୍ଧାନ କରିପାରେ ପୃଥିବୀର ସବୁତକ ଯନ୍ତ୍ରଣା ଜଞ୍ଜାଳର କଥା। କବିଙ୍କ ଭାଷାରେ:

କବିତାର ଏକ ଭାରିପଣ ମୋତେ ଭଲଲାଗେ/ କିମ୍ବା ମୁଁ ତାକୁ ଭଲପାଏ/ କାରଣ ଏ ଭାରିପଣ ଥାଏ/ ପୃଥିବୀର ସବୁତକ ଜଞ୍ଜାଳର କଥା ଯନ୍ତ୍ରଣାର କଥା/ ମଣିଷ ଜୀବନର କଥା/ ବିରୋଧର କଥା/ ସୁଖଦୁଃଖର କଥା/ ଜନ୍ମମୃତ୍ୟୁର କଥା /କବିତା ଥାଏ ବେଶ ସହଜ ଓ ସ୍ୱାଭାବିକ। (କବିତାର ଭାରିପଣ)

କବିତା ଓ ଭଲପାଇବା: କବିଙ୍କ ଜୀବନରେ ସତେ ଯେମିତି ମୁଦ୍ରାର ଦୁଇ ପାର୍ଶ୍ୱ ପରି। ବିପ୍ଳବ, ପ୍ରତିବାଦ, ଦ୍ରୋହ-ବିଦ୍ରୋହର ପ୍ରକମ୍ପିତ କୁଳିଶ ନାଦ ଠୁ ଦୂରେଇ ଯାଇ କବି କବିତାରେ ଶୁଣିବାକୁ ଚାହିଁଛନ୍ତି କୁଳୁକୁଳୁ ହୋଇ ବହି ଯାଉଥିବା ଭଲପାଇବାର ଝରଣାର କୋମଳ ସ୍ୱନ। ସେଥିପାଇଁ ତ ସେ ସଦା ପ୍ରସ୍ତୁତ ଲେଖିବାକୁ କବିତାରେ ଭଲପାଇବାର କଥା। କବିଙ୍କ ଭାଷାରେ:

ସମସ୍ତେ ଲେଖନ୍ତୁ ଚାହିଁବା ଓ ପାଇବାର କଥା
ମୁଁ ଲେଖୁଛି ଚାହିଁଲେ ଶୂନ୍ୟତା କେମିତି ମିଳେ
ସେଇ ଅବଶୋଷର କଥା
ସମସ୍ତେ ଦ୍ରୋହର କଥା ଲେଖନ୍ତୁ
ମୁଁ ଜୀବନର ଭଲପାଇବାର କଥା ଲେଖୁଛି।
(ବାକି ସମସ୍ତେ ୨)

କବିଙ୍କ କବିତା ପଢୁପଢୁ ମନେପଡିଯାଏ ବିଶ୍ୱ କବି ରବୀନ୍ଦ୍ରନାଥ ଟାଗୋର୍‌ଙ୍କ ଉକ୍ତି: 'ସୁନ୍ଦର ସଂସାରେ ଆମି ମରିତେ ଚାହିନା।' ଜୀବନରେ ଯେତେ ଝଡ, ବିଦ୍ରୋହ, ଦୁଃଖ, ଯନ୍ତ୍ରଣା ଥିଲେ ବି କବି ପ୍ରବାସିନୀ ମହାକୁଡ଼ ଜୀବନ ପ୍ରତି ଭାରି ଅନୁରାଗଶୀଳ ଓ ଶ୍ରଦ୍ଧା ସମ୍ପନ୍ନ। ସେଥିପାଇଁ ତ ଜୀବନରେ ଭଲପାଇବାକୁ ସେ ଗୁରୁତ୍ୱ ଦେଇଛନ୍ତି ଓ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି:

ବାକି ସମସ୍ତେ ବିଦ୍ରୋହର କଥା ଲେଖନ୍ତୁ
ମୁଁ ଜୀବନର କଥା ଲେଖିବି
ଲେଖିବି ଭଲପାଇବାର କଥା
ଯେଉଁ ଜୀବନର ବ୍ୟାପକତା ପାଖରେ
ବାରମ୍ବାର ହାରିଯାଏ ମୋର କଳ୍ପନା
ମୋର ଭାବପ୍ରବଣତା
ମୋର ଅସ୍ମିତା। (ବାକି ସମସ୍ତେ ୧)

ଭଲପାଇବାରେ ଛଳଛଳ ଦ୍ରବୀଭୂତ କବିଙ୍କ ଅନ୍ତରାତ୍ମା ଯିଏ ଶରତ ଋତୁରେ ଖୋଲିଯାଏ ସ୍ୱପ୍ନରେ ସ୍ୱପ୍ନରେ ବହିଙ୍କ ପାଖରେ, ଅକ୍ଷରଙ୍କ ପାଖରେ ଆଉ ଚାଲିଯାଏ ପ୍ରିୟ ପୁରୁଷ ସହ ଏକ ଅନନ୍ତ ଯାତ୍ରାରେ କିନ୍ତୁ ହଠାତ ଝାଉଁଳିପଡେ ଶେଫାଳି ଫୁଲ ପରି ପ୍ରିୟତମର ନୀରବତାରେ ଆଉ ବାରବାର ଜଣେଇ ଦେଉଥାଏ 'ତୁମେ ଅଛ ବୋଲି ମୁଁ ଅଛି।'

ଶରତ ଋତୁରେ ମୁଁ ମୋ ନିଜ ଭିତରେ ଖୋଲିଯାଏ / ଯେମିତି ବର୍ଷା ପଡିଲେ ଦୁନିଆର ସବୁସୁପ୍ତ ବୀଜ ଖୋଲିଯାନ୍ତି / ଯେଉଁଠି ବି ପଡ଼ିଥାନ୍ତୁ ନା କାହିଁକି / ମୁଁ ଖୋଲିଯାଏ ଅକ୍ଷରଙ୍କ ପାଖରେ / ମୁଁ ଖୋଲିଯାଏ ବହିଙ୍କ ପାଖରେ / ବାହାରେ ଥରଟେ ପାଇଁ ବି ନୁହେଁ / ଅଥଚ ସ୍ୱପ୍ନ ଭିତରେ ଲକ୍ଷଥର! / ଏ ଆତ୍ମା ଯିଏ ଝାଉଁଳି ଯାଏ ତୁମ ନିରବତାକୁ ସହି ନପାରି।

(ଶରତଋତୁରେ ତୁମେ)

କବି ଜୀବନ ପ୍ରତି ଏତେ ଅନୁରକ୍ତ ଓ କବିତା ସହ ଏତେ ନିମଜ୍ଜିତ ହେବାକୁ ଚାହିଁଛନ୍ତି ଯେ 'ସବୁରାତି ଅନୁରକ୍ତିର ରାତି ହେଉ' କବିତାରେ ସାହସର ସହ ସେ କହୁଛନ୍ତି:

ସବୁରାତି ଅନୁରକ୍ତିର ରାତି ହେଉ
ଆଉ ମୁଁ ଅନୁରକ୍ତିର ରକ୍ତରେ
ନିଜେ ଅନୁଭବ ଜୀବନସିକ୍ତ ହୋଇ
ନିତିଦିନିଆ ଘଟଣା ଦୁର୍ଘଟଣାକୁ
ସାମ୍ନାକରେ ବାରମ୍ବାର
ମୋତେ ଇତିହାସ କ୍ଷମା ନକରୁ
ମୋତେ ବର୍ତ୍ତମାନ ଅଭିଶାପ ଦେଉ
ମୋ ପାଖରୁ ଭବିଷ୍ୟ ଆଜିଠୁ ବିଦାୟ ନେଉ
ଚିରବିଦାୟ ପାଇଁ
ସବୁ ଅପ୍ରତ୍ୟାଶିତ ମୁହୂର୍ତ୍ତମାନଙ୍କୁ
ସାମ୍ନା କରିବାକୁ ମୁଁ ପ୍ରସ୍ତୁତ।
(ସବୁରାତି ଅନୁରକ୍ତିର ରାତି ହେଉ)

କବିତା ପୁସ୍ତକ:କାଚନାରୀ
କବି: ପ୍ରବାସିନୀ ମହାକୁଡ଼
ପ୍ରକାଶକ:ଏଥେନା ବୁକ୍ସ, ଭୁବନେଶ୍ୱର:୨
ପ୍ରକାଶକାଳ:୨୦୨୧




କବି କେତେବେଳେ ନିଦରୁ ଉଠିପଡ଼ି ଦେଖୁଛନ୍ତି ପୃଥିବୀର ଦୁସ୍ଥ ମଣିଷମାନଙ୍କ ଦୁଃସହ ଅବସ୍ଥିତିକୁ ତ ଆଉ କେବେ ନିଜ ପରି ଅନେକ ସ୍ତ୍ରୀ ଲୋକ ଯେଉଁମାନେ ନିଜ ସଂସାର ପାଇଁ ସଞ୍ଜସଳିତାଟିଏ ପରି ଜଳିଜଳି ଭୁଲି ଯାଇଥାନ୍ତି ନିଦକୁ, ତାଙ୍କ ପାଇଁ ଘୋଷଣା କରୁଛନ୍ତି 'ନିଦ ପାଇଁ ବିଜ୍ଞାପନ'।

କବିଙ୍କ ଭାଷାରେ:

ପ୍ରତି ଘରୁ ବାହାରି ଆସିଛନ୍ତି/ଶିଶୁ ମହିଳା ବୃଦ୍ଧ/କେହି ଟ୍ରକରେ/କେହି ଟ୍ରାକ୍ଟରରେ କେହି ଲରୀରେ/ମାସ ମାସର ରହଣୀ ପାଇଁ/ଏକ ଅନିଶ୍ଚିତତା ଭିତରେ ରହି/ସାଙ୍ଗରେ ନେଇ ଆସିଛନ୍ତି ଚାଉଳ, ଅଟା, ଡାଲି, ତେଲ/ ସାଙ୍ଗରେ ନେଇ ଆସିଛନ୍ତି କ୍ଷେତରୁ ମୁଠାଏ ମମତା/ ପୂର୍ବଜଙ୍କ ରକ୍ତରୁ ନିଗିଡା ସ୍ୱେଦ ମାଟିରୁ ମାୟା/ ଆଉ ଏକ ଅନ୍ୟାୟ ଆଇନ ବିରୁଦ୍ଧରେ ଲଢ଼ିବା ପାଇଁ ସବୁଜକ୍ଷେତର ସହନଶୀଳତା/ଅଥଚ ମୋ ଆଖିରେ ନିଦ ନାହିଁ/ମୋ ଲୁହରେ ଉଠିପଡ଼େ ନିଦ/ଆଉ ମୁଁ ଜାଣେ /ସବୁ ନାହିଁ ନାହିଁ ଭିତରେ ବି /ଏ ପୃଥିବୀ ଠିକ ଅଛି ଠିକ ରହିବ/ଖାଲି କେହି ଜଣେ ନିଦରେ ଚାଲୁଛି।

(ଠିକ ଅଛି)

ହଜାର ହଜାର ରାତିର ଅନିଦ୍ରାପଣ ନେଇ/କେହି ଜଣେ ଦେବଦୂତଙ୍କ ପ୍ରତୀକ୍ଷାରେ/ ମୋ ପରି ଅନେକ ସ୍ତ୍ରୀ ଲୋକ ଥାଆନ୍ତି/ଅନ୍ୟ ସବୁ ଅତ୍ୟାବଶ୍ୟକ ଜିନିଷ ପରି/ନିଦ ବି ଦରକାର/ନିଦ କେତେ ସ୍ୱାଭାବିକ

ଅଥଚ କେତେ ମହଙ୍ଗା ବି!
ନିଦ ପାଇଁ ଏଇ ବିଜ୍ଞାପନ/
ଏମିତି କେହି ଅଛି ବି ଯିଏ
ହଜାରେ ଏକ ରାତିର ଗପଙ୍କୁ
ମୁଁ ଶୋଇବାଯାଏ/ମୋତେ ଶୁଣେଇବ?
( ନିଦ ପାଇଁ ବିଜ୍ଞାପନ)

ଭଲପାଇବାର ଛଳନାହୀନ ଜୀବନ ଟିଏ ଜୀଉଁଥିବା କବି, ନିଜକୁ ଗୋଟାପଣେ କବିତାରେ ଉତାରି ପାରୁଥିବା କବି ଜଣଙ୍କ ହିଁ ସାହସ କରିପାରେ ମରଣକୁ ସୁନ୍ଦର ରୂପେ ଅଭିହିତ କରିବାରେ ଯାହା ସମ୍ଭବ ହୋଇପାରିଛି କବି ପ୍ରବାସିନୀ ମହାକୁଡ଼ଙ୍କ ପାଖରେ। କବିଂକ ଭାଷାରେ:

ତୁମର ଦୈହିକ ମୃତ୍ୟୁ ହୁଏନା ସତ
କିନ୍ତୁ ଏତିକି ଜାଣିଚି
ମରିଜାଣିଲେ ମରଣ ବି ସୁନ୍ଦର
ବଞ୍ଚିବା ଭିତରେ ତୁମେ
ବଞ୍ଚୁଥାଅ
ମାରୁଥାଅ / ଲକ୍ଷ ଲକ୍ଷ ଥର।
(ମରି ଜାଣିଲେ ମରଣ ବି ସୁନ୍ଦର)



ଜୀବନରେ, ଭଲପାଇବାରେ ଅନେକ ଯନ୍ତ୍ରଣା, ଯାତନା, ଆପ୍ରାପ୍ତି ଭିତରେ ବି କବି ପ୍ରେମକୁ ଚିହ୍ନିବାକୁ ଆଶା ପୋଷଣ କରୁଛନ୍ତି ଜହ୍ନ ପରି, ତାରା ପରି ଅତି ଅନ୍ତରଙ୍ଗ ଭାବେ । ସେଥିପାଇଁ ତ ସେ ବାରମ୍ବାର କହୁଛନ୍ତି:

ମୁଁ ଖାଲି ଜନ୍ମ ନେଉଥାଏ ବାରମ୍ବାର
ତୁମରି ପ୍ରେମରେ
ମୁଁ ଖାଲି ମାରୁଥାଏ ବାରମ୍ବାର
ମ ରୁ ଥା । ଏ ବଞ୍ଚୁଥାଏ
ପୁଣି ମରୁଥାଏ। (ବୁଝି ପାରନି ବୋଲି)

ଭଲପାଇବା ବିହୀନ ଜୀବନ, ଅନୁରକ୍ତି ଶୂନ୍ୟ ପୃଥିବୀ, ଜୀବନ ବିହୀନ କବିତା କବି ପ୍ରବାସିନୀ ମହାକୁଡ଼ଙ୍କ କଳ୍ପନାର ବାହାରେ। ଏପରି କି ସେ ଭଲପାଇବାର ସୂକ୍ଷ୍ମାତିସୂକ୍ଷ୍ମ ରୂପକୁ ବି ଅନୁଭବ କରିପାରୁଛନ୍ତି ପିନ୍ଧିଥିବା ଶାଢ଼ୀ ଭିତରେ, ତନ୍ତରୁ ବାହାରି ଆସିଥିବା ଶାଢି ଭିତରେ। କବିଙ୍କ ଭାଷାରେ:

ଏଇ ଶାଢ଼ୀ ଯାହାକୁ ମୁଁ ପିନ୍ଧିଛି/ ଏଇ ଶାଢ଼ୀରେ ଯେତିକି ସୂତା ଅଛି/ ସେତିକି ଅଛି ମୋର ଦୁଃଖ ଅସନ୍ତୋଷ ଅନୁଭୂତି/ ମାନ ଅପମାନ ଖୁସି ଆନନ୍ଦ ରାଗ ବିରାଗ/ ପାଇ ହରେଇବାର ଗୀତ/ ଭଲପାଇବାର ପ୍ରବଣତା। / ଏଇ ଶାଢ଼ୀ ବୁଣିଲା ବେଳେ/କେତେ ସ୍ୱପ୍ନ ଢଳିଥିବ ରଙ୍ଗ ହୋଇ / କେତେ ଇଚ୍ଛା ଢଳିଥିବ ସିଧା ଓଲଟା ବୁଣୁଥିବା/ଦୁଇଟି କୁଶଳୀ /ହାତ କେମିତି କଣ୍ଟା ଚଳାଉଥିବ କ୍ଳାନ୍ତ ନହୋଇ/ କେତେ ଭଲପାଇବା ଅଜାଡି ଦେଲେ/କେତେ ଆନ୍ତରିକତାରେ ଭରିଦେଲେ/ମନର କେତେ ସୁନ୍ଦରତାରେ ଜଡ଼ିଗଲେ / ଏମିତି ମନପସନ୍ଦର ଶାଢ଼ୀଟିଏ ତନ୍ତରୁ ବହାରିଆସେ।

(ଏଇ ଶାଢ଼ୀରେ)

'କାଚନାରୀ' କବିତାର ଅନେକ ଛଳଛଳ କବିତା ଭିତରୁ ଆଉ ଏକ ବେଦନାସିକ୍ତ ଭିନ୍ନ ଧରଣର କବିତା 'ସୈନିକର ପୋଷାକ' ଯେଉଁ କବିତାଟି କେବଳ ଆବେଗଧର୍ମୀ ନୁହଁ ବରଂ ଫୁଟି ଉଠିଛି ପ୍ରତିଟି ଧାଡିରେ ବାସ୍ତବତାର ଶୋକ ଫୁଲ ସବୁ।

ଏଇ ପୋଷାକରେ ଶହେ ତିରିଶ କୋଟି/ଭାରତୀୟଙ୍କ ଭାବନା ଅଛି/ ସୁରକ୍ଷା ଅଛି/ଶକ୍ତି ଅଛି/ ଆଶା ଆଉ ନିରାପଦ ରହିବାର ଶତ ପ୍ରତିଶତ ବିଶ୍ୱାସ ରହିଛି/ ଆମ ରାତିକର ନିଦ ପାଇଁ / ସେମାନେ ଛାଡି ଦିଅନ୍ତି/ ସାରା ଜନ୍ମର ନିଦ ଆଉ ସ୍ୱପ୍ନ।

(ସୈନିକର ପୋଷାକ)

ଶୀର୍ଷକ କବିତାଟିରେ କବି ଯେଉଁପରି ଭାବେ ଚିତ୍ରକଳ୍ପର ସଫଳ ବ୍ୟବହାର କରି କବିତାଟିକୁ ଆବେଗରେ ଆକ୍ରାମାକ୍ରା କରି ତୋଳିଛନ୍ତି ତାହା ଯେକୌଣସି ପାଠକର ହୃଦୟକୁ ବିଗଳିତ କରିବ ନିଶ୍ଚୟ।

କାଚରେ ଗଢ଼ା ଏଇ ମୋର ଦେହ
କାଚ-ହୃଦୟ-ଦର୍ପଣ ଓ ମୁଁ
ଆମେ ବାରମ୍ବାର ଭାଙ୍ଗୁ
ରକ୍ତାକ୍ତ ହେଉ
କାଚର ଧର୍ମ ନେଇ
କାଚ ହେଉ। (କାଚନାରୀ)

'କାଚନାରୀ'ର ଅନେକ ଛଳଛଳ ଆବେଗସିକ୍ତ କବିତା ଭିତରେ ବାରି ହୋଇ ପଡୁଥିବା ଆଉ ଏକ କବିତା 'ସୀତା' ଯେଉଁଠି କବି ଦେବୀ ସୀତାଙ୍କ ଭିତରେ ଖୋଜି ପାଇଛନ୍ତି ପ୍ରଥମ ପ୍ରତିବାଦର ଧାରାର ଉତ୍ସ। କବିଙ୍କ ଭାଷାରେ:

ଜିପ୍ରୁ ଉହୁଂକି ପଡି ମୁଠାଏ ଓଦାବାଲି/ ନେଇ ଆସିଥିଲି / ଏଇଥିପାଇଁ ଯେ ଏଇ ତମସାପାଣି/ସ୍ପର୍ଶ କରିଥିବ ସୀତାଙ୍କ ପାଦ / ସେଇ ସ୍ତ୍ରୀଲୋକ ଯିଏ କରିଥିଲା ନୀରବ ପ୍ରତିବାଦ/ କେତେ ହଜାର ବର୍ଷ ତଳେ/ ସେଇ ପ୍ରଥମ ପ୍ରତିବାଦର ଧାରା ଉତ୍ସ / ଏବେ ବି ପ୍ରତିଟି ସ୍ତ୍ରୀ ଲୋକଙ୍କ ରକ୍ତରେ ବହି ଚାଲିଛି।

(ସୀତା)

ସୁତରାଂ, କବି ତାଙ୍କ କବିତା ପୁସ୍ତକ 'କାଚନାରୀ'ର ପ୍ରତିଟି କବିତା ଭିତରେ ଛାଡି ଯାଇଛନ୍ତି ପାଠକ ମାନଙ୍କ ପାଇଁ ଏମିତି କିଛି କାଚଗୁଣ୍ଡ ଯାହା ପାଠକ ହୃଦୟକୁ ବିଗଳିତ କରୁଥିବ ଅନ୍ତର୍ଜଗତରେ ଚିରକାଳ ପାଇଁ। 'କାଚନାରୀ' ପାଠକ ହୃଦୟକୁ ସିକ୍ତ କରିବାର କ୍ଷମତା ରଖେ ତ ନିଶ୍ଚୟ କିନ୍ତୁ ତାହାରି ଭିତରେ ଆପଣାର ଜୀବନ ପ୍ରତି ମୋହବଦ୍ଧ ହେବାର, ଜୀବନର ଅନ୍ତର୍ନିହିତ ସୌନ୍ଦର୍ଯ୍ୟକୁ ହୃଦବୋଧ କରିବାର ଓ ଜୀବନରେ ଛଳନାହୀନ ଭଲ ପାଇବାର ଅପରିହାର୍ଯ୍ୟତାକୁ ବେଶ୍ କରି ପ୍ରମାଣିତ କରେ।


♥ ଖାରବେଳ ଛାତ୍ରାବାସ,
ଓୟୁଏଟି, ଭୁବନେଶ୍ୱର
ଫୋନ:୭୯୭୮୧୬୮୧୯୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୧ ଅଗଷ୍ଟ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ପରମ୍ପରା...

# ତଅପୋଇ ବା ଖୁଦୁରୁକୁଣୀ ଓଷା

## ବିପିନ ବିହାରୀ ମହାନ୍ତି



ଓଡ଼ିଆରେ ଜାତୀୟ ପର୍ବପର୍ବାଣୀ ମଧ୍ୟରୁ 'ତଅପୋଇ' ବା ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହି ଓଷାଟି ଭାଦ୍ରମାସର ପାଞ୍ଚ ରବିବାରରେ ପାଳିତହୁଏ :

କୃଷ୍ଣ ପ୍ରତିପଦ ତିଥିର, ଯେତେ ହୁଅଇ ରବିବାର।
ଖୁଦୁରୁକୁଣୀ ନାମେ ଓଷା, ହୋଇଲା ସେହିଦିନ ନିଶା।
ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମଙ୍ଗଳା।

ପୂଜିକା ହେଉଛନ୍ତି ଅନୂଢ଼ା କୁମାରୀ ଏବଂ ସଧବା ବୋହୂମାନେ ବିଶେଷକରି ଭୂଆଷୁଣୀ ବୋହୂମାନେ। ଉଦ୍ଦେଶ୍ୟ ହେଉଛି ଇଚ୍ଛାମତେ ଶୁଭ ଏବଂ ବରମନାସିବା।

ଯାହାର ଯେଇଚ୍ଛା କଳ୍ପନା, ମଙ୍ଗଳାନାମେ ସୁମରଣା।
କରନ୍ତି ଯେଝାମନଜାଣି, ଦୟା କରନ୍ତି ଠାକୁରାଣୀ।।

ପୂଜାର ବିଧି ତଥା ତଅପୋଇ ବା ଖୁଦୁରୁକୁଣୀ ଓଷା ସଂପର୍କରେ କୁହାଯାଇଛି :

ଭାଦ୍ରବମାସ ରବିବାର, ଖୁଦୁରୁକୁଣୀ ଆଦ୍ୟସାର।
ସେଦିନ ଉପବାସ କରି, ମଙ୍ଗଳା ଦେବୀଙ୍କୁ ସୁମରି।।
ଓଷା ମନ୍ଦିର ଯତ୍ନକଲେ, ଚୂନରେ ଯତେନ ଲେପିଲେ।।
ମଙ୍ଗଳା ଦେବୀ ରୂପଲେଖି, ସମସ୍ତେ ମାନ୍ୟକଲେ ଦେଖି।।
ସାତ ବୋଇତ ଯେ ଦେଖିଲେ, ସାତସାଧବ ବସାଇଲେ।।
ତଅପୋଇକି ମଙ୍ଗକୋଣେ, ଦେଖି ହସିଲେ ଜଣେ ଜଣେ।।

ଅର୍ଥାତ୍ ପୂଜା ଘରଟିକୁ ପୂଜିକାମାନେ ଶୁଚି କରି ଚୂନରେ ଲେପିବେ। ପୂଜାପରେ ମଙ୍ଗଳାଙ୍କର ଚିତ୍ର ଲେଖିବେ ଅଥବା ଆଜିକାଲିକା ପରି ଭାଲୁକୁଣୀ ମୂର୍ତ୍ତି ବସାଇବେ, ସାତସାଧବ, ସାତ ବୋହୂ ଏବଂ ତଅପୋଇ ଓ ସାତ ବୋଇତର ଛବି ଆଙ୍କିବେ। ସେଦିନ ନିଷ୍ଠାର ସହିତ ଉପବାସ କରିବେ। ସେଦିନର କାର୍ଯ୍ୟକ୍ରମ ସଂପର୍କରେ ସୁନ୍ଦର ଚିତ୍ରଟିଏ ଲେଖକ ଗୋପିନାଥ ଦାସ ଦେଇଛନ୍ତି :

ପ୍ରଭାତରୁ ଉଠି ବାଳିକାମାନେ ମଙ୍ଗଳାମାତାଙ୍କୁ ସୁମରିମନେ।
ଗେଲି, ଦୁଲି ଆଉ ଚମ୍ପା ଗଉରୀ ସୁଲୋଚନା ସହ ସକଳେମିଳି।
ଡାକହାକ ହୋଇସରବେ ଗଲେ ଆନନ୍ଦ ମନରେ ଫୁଲ ତୋଳିଲେ,
ସ୍ନାହାନ ନିମନ୍ତେ ନଦୀକୁ ଯାଇ ସ୍ନାନସାରି ମନେ ମଙ୍ଗଳାଧ୍ୟାୟୀ।
ଓଦାବସ୍ତ୍ରେ ନଦୀ କୂଳରେ ବସି ବାଲୁକା ପୂଜନ୍ତି ବାଳିକାମିଶି।।
ହସହସ ହୋଇ ଗୃହେ ଫେରିଲେ ବସ୍ତ୍ର ପାଲଟିଣ ଫୁଲଗୁନ୍ଥିଲେ।

\+ \+ \+ \+ \+ \+

ସୁନା ଚାଙ୍ଗୁଡ଼ିରେ ଅତି ଯତନେ ଭୋଗ ସାମଗ୍ରୀକୁ ରଖି ସୁମନେ।।
ମଙ୍ଗଳାଙ୍କ ପାଶେ ସକଳବାକି, ମନବାଞ୍ଛା ସଙ୍ଗେ ମନରେ ଭରି।।
ଆବୋରି ବସିଲେ ପୁରଗଣ, ପାଞ୍ଚପାଳି ଓଷା ହେଲା ସଂପୂର୍ଣ୍ଣ।।

ଅର୍ଥାତ୍ ଖୁବ୍ ଭୋରୁ ଝିଅମାନେ ଫୁଲ ତୋଳନ୍ତି। ଆବଶ୍ୟକମତେ ପୁଅମାନଙ୍କ ସାହାଯ୍ୟ ନେଇ ଥାଆନ୍ତି। ତା'ପରେ ଗାଧୋଇ ପାଧୋଇ ବାଲୁକାର ଗୋଟେ ମୂର୍ତ୍ତି ସେ ଜଳାଶୟ ପାଖେ ତିଆରି କରନ୍ତି ଏବଂ ଯଥାବିଧି ପୂଜନ୍ତି। ତା'ପରେ ଯାହାର ଯାହା ଇଚ୍ଛା ସେକଥା ମନାସନ୍ତି ଯେମିତି ମା' ଝିଅ ଦେଉଳେ ବସିଲେ, ଯେଝା ଶୁଭ ଯିଏ ମନାସିଲେ। ଏମିତି ପାଞ୍ଚପାଳି ସଂପୂର୍ଣ୍ଣ ହୁଏ। ଶେଷପାଳି ରାତିପୂଜାପରେ ଭୋରୁ ଦିହୁଡ଼ି ଜାଳି ନାନା ହୋହାଲ୍ଲାରେ ମା'ଙ୍କୁ ବିସର୍ଜନ କରନ୍ତି ସେହି ଜଳାଶୟରେ।

ଏହି ଓଷାରେ ମଙ୍ଗଳାଙ୍କୁ ଖୁଦ କୁଣ୍ଡାରେ ପିଠାକରି ତା' ଦେହରେ ଖୁଦ ତଣ୍ଡୁଳ ପୁରଦେଇ ବାଢ଼ି ପୂଜା ଯାଉଥିବାରୁ ଏହି ଓଷାର ଅନ୍ୟନାମ ଖୁଦୁରୁକୁଣୀ।

ଏହି ଓଷାରେ ମଙ୍ଗଳାଙ୍କର ମହିମା ଓ ସ୍ତୁତିଗାନ କରାଯାଇଛି। ଏହି କାହାଣୀଟି ଏକ ଆଖ୍ୟାନର ଉପଖ୍ୟାନ ଅଟେ। ଶ୍ରୀକୃଷ୍ଣ ତାଙ୍କ ପାଟରାଣୀ ସମେତ ଅନ୍ୟାନ୍ୟ ଦାସୀମାନଙ୍କୁ ତଅପୋଇ କାହାଣୀ ଶୁଣାଉଛନ୍ତି ଓ ତଅପୋଇ କିପରି ମଙ୍ଗଳାଙ୍କୁ ପୂଜି ମନବାଞ୍ଛା ପୂର୍ଣ୍ଣ କରିଛି ଦର୍ଶାଇଛନ୍ତି।

ତନୟ ବୋଲି ଜଣେ ସାଧବ ଥିଲେ। ତାଙ୍କର ସାତପୁଅ, ସାତ ବୋହୂ ଏବଂ ଗୋଟିଏ ବୋଲି ଗେହ୍ଲୀ ଝିଅ ତଅପୋଇ ଥିଲା। ସେ ପୁଣି ସବୁଠୁ ସାନ। ତା' ପ୍ରତି ସମସ୍ତଙ୍କର ବହୁ ସ୍ନେହ, ଶ୍ରଦ୍ଧା ଓ ଯତ୍ନ। ସେ ଚାହିଁଲାମାତ୍ରେ ସବୁକିଛି ମିଳିଯାଉଥିଲା। ଅଭାବ ବୋଲି ତା'ପାଇଁ କିଛି ନଥିଲା।

ଏକଦା ସେ ବାଂଉଶର କୁଲେଇ ଓ ଟୋକେଇ ଧରି ଖେଳୁଥିଲାବେଳେ, ଗୋଟିଏ ରାଣ୍ଡି ବ୍ରାହ୍ମଣୀ ଆସି ତାକୁ ଉସ୍କାଇ ଓ ପ୍ରବର୍ତ୍ତାଇ କହିଲା :

ତୋପରା ହୋଇଥିଲେ ମୁହିଁ, କରନ୍ତି ସୁବର୍ଣ୍ଣ କୁଲାଇ।
ବାପ ମାଆଙ୍କୁ କରି ଦ୍ୱନ୍ଦ, କରାନ୍ତି ସୁବର୍ଣ୍ଣର ଚାନ୍ଦ।।

ବାସ୍ ଏତିକିରେ ତଅପୋଇ ରୁଷେ ଏବଂ ତା' ପାଇଁ ସୁନାର କୁଲେଇ ଏବଂ ଚାନ୍ଦ ତିଆରି ହୁଏ ଆଉ : ପିଅର ଅଧା ଚାନ୍ଦେ ଗଲେ, ମାତା ହିଁ ପୁରା ଚାନ୍ଦେ ମଲେ।।

ସାତଭାଇମାନେ ଏହାପରେ ବାଣିଜ୍ୟରେ ଯାଆନ୍ତି। ପୁନଶ୍ଚ ସେହି ରାଣ୍ଡି ବ୍ରାହ୍ମଣୀ ଆସି ବୋହୂମାନଙ୍କ ନିକଟରେ ଚକ୍ରାନ୍ତ କରେ। ତଅପୋଇ ଛେଳି ଜଗେ; ବଡ଼ ଭାଉଜଙ୍କର ଛେଳି 'ଘରମଣି' ହଜେ ଏବଂ ମଙ୍ଗଳାଙ୍କୁ ପୂଜାକରି ସେ ଛେଳି ପାଏ। ସାନ ଭାଉଜ ବ୍ୟତୀତ ଅନ୍ୟ ଭାଉଜମାନଙ୍କଠାରୁ ନର୍ଯ୍ୟାତନା ସହେ। ବିଶେଷକରି ବଡ଼ ଭାଉଜଙ୍କ ଠାରୁ ଅକଥନୀୟ ଯନ୍ତ୍ରଣା ଅଥଚ ସାନ ଭାଉଜ ତାଙ୍କୁ ଭାରି ଭଲପାଏ;

ନିଳେନ୍ଦ୍ରୀ ନାମେ ସାନ ବୋହୂ, / ତଅପୋଇର ପ୍ରିୟ ସେ ହଉ।

ଛେଳି ଜଗାବେଳେ ସାନ ଭାଉଜ ତା' ପାଳିରେ ମୁଠାଏ ଭଲକି ଖାଇବାକୁ ଦିଏ। ଅନ୍ୟମାନେ ତଳେ ମୂଷମାଟି ଇତ୍ୟାଦି ରଖି ତା' ଉପରେ ପତର ବିଛାଇ ଗଣ୍ଡାଏ ଭାତ ଛିଞ୍ଚି ଦିଅନ୍ତି।

ତଅପୋଇ ପୁଣି ମଙ୍ଗଳାଙ୍କୁ ପୂଜା କଲା। ତା' ଭାଇମାନେ ଶୀଘ୍ର ଫେରିଆସନ୍ତୁ ବୋଲି ମନାସିଲା। ଫେରିଆସନ୍ତି ଭାଇମାନେ। ଘୋର ବନସ୍ତରେ ଦେଖାହୁଏ ରାତ୍ରିକାଳେ ସେମାନଙ୍କ ସହିତ। ସେ ଦୁଃଖ କୁହେ। ସେମାନେ ତା'କୁ ଗୋଟାଏ ତୀକ୍ଷ୍ଣ ଛୁରୀକାଦେଇ ବୋଇତର ଗୋଟେ କୋଣରେ ଠାକୁରାଣୀ କରି ବସାଇଲେ। ତା' ଭାଉଜମାନେ ଯେତେବେଳେ ବୋଇତ ବନ୍ଦାଇବାକୁ ଆସିଲେ, ତଅପୋଇ ଭାଇମାନଙ୍କ କହିବାମତେ ସାନ ଭାଉଜକୁ ଛାଡ଼ି ଅନ୍ୟ ଛ'ଜଣଙ୍କ ନାକର ବଉଳି କାଟିଦିଏ। ସେମାନେ ଲଜ୍ଜିତ ହୋଇ ବନସ୍ତକୁ ଯାଇ ବାଘ ହାବୁଡ଼େ ପଡ଼ନ୍ତି। ସଞ୍ଜ୍ଞାହୀନ ହୁଅନ୍ତି। ବିରୂପା ନାଁରେ ଜଣେ ଶବର ମହାଦେବଙ୍କ ଦୟାରୁ ତାଙ୍କୁ ଜୀବନ୍ୟାସ ଦିଏ। ସେମାନେ ବାପ ଘରକୁ ଚାଲିଯାଆନ୍ତି।

ଏପଟେ ତଅପୋଇର ବିବାହ ପାଇଁ ରତ୍ନାକର ନାମଧେୟ ଏକ ସୁନ୍ଦର ଏବଂ ଶୁଶ୍ରୀ ସାଧବ କୁମାର ସହିତ ଠିକ୍ କରାଗଲା ଏବଂ ଯଥାବିଧି ବିବାହ ସମ୍ପନ୍ନ ହେଲା। ଅଥଚ ସେ ତଅପୋଇକୁ ଭୋଗ କରିପାରିଲା ନାହିଁ। ତଅପୋଇ ସତରେ ଜଣେ ଅପସରୀ : ଗନ୍ଧର୍ବ ପତ୍ନୀ। ପୂର୍ବ ଅଭିଶାପରୁ ଷୋଳ ବର୍ଷଯାଏ ତାକୁ ମର୍ତ୍ତ୍ୟଦଣ୍ଡ ଥିଲା ଏବଂ ଅଷ୍ଟମଙ୍ଗଳା ଦିନ ଏହା ପୂର୍ଣ୍ଣ ହେଲା। ଗନ୍ଧର୍ବ ଆସି ତଅପୋଇକୁ ନେଇଗଲେ। ତଅପୋଇର ମର ଶରୀର ଏ ପୃଥିରେ ପଡ଼ିରହିଲା। ତଅପୋଇ ଯଥାର୍ଥରେ ଜଣେ ଅପସରୀ ହୋଇନଥିଲେ, ସେ କ'ଣ ମର୍ତ୍ତ୍ୟପୁରରେ ସୁନାକୁଲେଇ, ଚାନ୍ଦ ଏବଂ ହୀରା କଣ୍ଢେଇ ମାଗିଥା'ନ୍ତା ?

ସାଧବ ସାତ ବୋହୂମାନେ ଫେରନ୍ତି। ସେମାନେ ମଙ୍ଗଳାଙ୍କ ମହିମା ଜାଣି ତାଙ୍କର ପୂଜା କରନ୍ତି। ତା'ପରେ...., ଏହି କ୍ରମରେ ଆଜିଯାଏଁ ଚାଲିଛି ଖୁଦୁରୁକୁଣୀ ଓଷା।

ଓଷାଟିରେ ପିତାମାତାଙ୍କର ବାତ୍ସଲ୍ୟ ପ୍ରୀତି, ଭାଇ ଭଉଣୀମାନଙ୍କର ସ୍ନେହବନ୍ଧନ, ନଣନ୍ଦ-ଭାଉଜଙ୍କର ମଧୁର ଅଥବା ତିକ୍ତ ସଂପର୍କ, କୁଚକ୍ରୀମାନଙ୍କର ଘରଭଙ୍ଗା ନୀତି ଓ ଅସହିଷ୍ଣୁ ଭାବ ବେଶ୍ ବାରି ହୁଏ। ତା' ସହିତ ମନୋରଞ୍ଜନ ଧର୍ମୀ, ଅପସରା କାହାଣୀ, ଏହିପରି ଆଉ କିଛି ଶିକ୍ଷଣୀୟ ଉପାଦାନ ଦେବା ସହିତ ଧାର୍ମିକ ଚେତନା ସୃଷ୍ଟି କରେ ଯାହାକି ନୈତିକ ମୂଲ୍ୟବୋଧର ପରିଚାୟକ।

କର୍ପୁର ଯାଇଛି, କନା ପଡ଼ିରହିଛି। ତଅପୋଇ ପରି ଖୁଦୁରୁକୁଣୀ ଓଷା ଏବେ ପୁରୁଣା ହୋଇଗଲାଣି। ଆଧୁନିକତାର ଚାକଚକ୍ୟ ଏବଂ ସ୍ୱର୍ଶରେ ଏହା ମଉଳିଗଲାଣି। ସାରଦିଆ ଫସଲପରି ଏବେ ଏହା ବାହାର ଚିକ୍କଣ, ଭିତର ରୋଗାକ୍ରାନ୍ତ। ନାଇଁ ଅଛି ମହକ, ନାଁ ଅଛି ଝଲକ। ଏହା ଏବେ ଏକ ସ୍ୱାଦହୀନ, ସରାଗହୀନ ବିଧି ପାଲଟିଛି; ଏଥିରେ ଶିକ୍ଷଣ ବା ରସାତ୍ମକ ବିଭବ କିମ୍ବା ମନୋରଞ୍ଜନଧର୍ମୀ ଆଉ କିଛି ନାହିଁ।

ପ୍ରତିଟି ଓଷା ଓ ପର୍ବପର୍ବାଣୀ ପଛରେ ଏକ ନିହିତ ଉଦ୍ଦେଶ୍ୟ ଅଛି : ଧାର୍ମିକ ଚେତନା, ସାମାଜିକ ଜୀବନଯାପନ ପାଇଁ ଏକତା ମୈତ୍ରୀର ଭାବ ଏବଂ ଆହୁରି ଅନେକକିଛି ଅଥଚ ଆମେ ଆଜି କେତେ ଦୂରେଇ ଯାଇଛେ ଏମାନଙ୍କ ଠାରୁ! ଆମେ କ'ଣ ଆମ ପରମ୍ପରାକୁ ସତରେ ବୁଡ଼େଇଦେବା!

ବିକାଶ ନଗର, ଜଟଣୀ, ଖୋର୍ଦ୍ଧା
ମୋ : ୯୯୩୮୩୪୪୧୩୮

## ସ୍ମୃତି ଶତଦଳ ୨୫୪



## ଝିଅ ବଞ୍ଚିଛି

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଚାକିରୀ ଜୀବନର ଅନନ୍ୟ ପରଂପରା, ଅପୂର୍ବ ପରିପାଟୀରେ ମୁଁ ଏତେ ମୁଗ୍ଧ ହୋଇଯାଇଥିଲି ଯେ, କୌଣସିଠାରେ ବିଦାୟ ବା ଫେୟାରୱେଲ ମିଟିଂକୁ କେବେ ଗ୍ରହଣ କରିବାକୁ ଇଚ୍ଛା ହେଉନଥିଲା କି ତାକୁ କେବେ ଗମ୍ଭୀରତାର ସହ ନେଉନଥିଲି। ଯେମିତି ଆଗରୁ ଏସ.ସି.ବି ମେଡିକାଲ କଲେଜରେ ଚାକିରୀ ଆରମ୍ଭ କରି ଶେଷ ହେବା ପର୍ଯ୍ୟନ୍ତ ଅତି ଦରକାର ନପଡିଲେ ଛୁଟୀ ନେଉନଥିଲି। ଏମିତିକି ଅଫ୍ ଦିନ ଗୁଡିକରେ ମଧ୍ୟ ରୋଗୀମାନଙ୍କର ଅନୁରୋଧରେ ପୁଣି ହସ୍‌ପିଟାଲ ଆସି ରୋଗୀ ଦେଖୁଥିଲି। ଜ୍ୱରରେ ପଡିଲେ ବି ଚାଦର ଘୋଡେଇ ହୋଇ ଔଷଧ ଖାଇ ପୁଣି ଆସି ରୋଗୀ ଦେଖୁଥିଲି, ନାଁ ବିଶ୍ରାମ ନେଉଥିଲି ନାଁ କ୍ଲାନ୍ତ ହେଉଥିଲି। ମୁଁ ଯେ କ୍ଲାନ୍ତ ହୋଇ ପଡିଛି, ଏକଥା କାହାକୁ ଜଣାଉନଥିଲି କି ମାନି ନେବା ପାଇଁ ମଧ୍ୟ ପ୍ରସ୍ତୁତ ନଥିଲି। ଥରେ ଆମ ଡିପାର୍ଟମେଣ୍ଟର ଅନେକ ଡାକ୍ତର ମଝିରେ ଛୁଟୀ ନେଇ ସାଉଦିଆରବରେ କାମ କରିବାକୁ ଚାଲିଯାଇଥିଲେ, ଫଳରେ ଆମେ ଅଳ୍ପ କିଛିଜଣ ଡାକ୍ତର ଏମର୍ଜେନ୍ସି କାମ କରିବାକୁ ରହିଲୁଁ। ପ୍ରତ୍ୟେକ ମାସରେ ଆମର ୮ରୁ ୧୦ ଥର ଏମର୍ଜେନ୍ସି ଡିଉଟି ଓ ରାତି ଡିଉଟି ପଡିଲା। ଏସ.ସି.ବି ମେଡିକାଲ କଲେଜରେ ରାତି ଡିଉଟି ମାନେ ଖୁବ୍ ହେଭି ଡିଉଟି। ଦିନରେ ପ୍ରାୟ ୨୫ରୁ ୩୦ଟି ଲେଖାଏଁ ଡେଲିଭରି ହୁଏ ଏବଂ ତା'ଭିତରେ ସିଜରିଆନ ସେକସନ୍ ପାଞ୍ଚ ଛଅଟି ଲେଖାଏଁ ହୁଏ। ବେଳେବେଳେ ରାତି ସାରା ଅପରେସନ ଚାଲିଥାଏ ଏବଂ ସକାଳକୁ ଟିକେ ନିଃଶ୍ୱାସ ମାରିବାକୁ ବସି ପଡିବା ବେଳକୁ ପୁଣି ଆଉ ଦୁଇଟି ଜଟିଳ କେଶ୍ ଆସି ପହଞ୍ଚିଯାଆନ୍ତି। ତେଣୁ ବିଶ୍ରାମ ପାଇଁ କ'ଣ ନିଃଶ୍ୱାସ ନେବା ପାଇଁ ମଧ୍ୟ ଫୁରସତ ନଥାଏ। ଶେଷରେ କେତେଜଣ ଡାକ୍ତର ଯାଇ ଆମ ହେଡ ଅଫ୍ ଦି ଡିପାର୍ଟମେଣ୍ଟ ପ୍ରଫେସର ଶଶୀମଣି ପଣ୍ଡାଙ୍କୁ ଏ କଥା କହିଲେ। ସେ ସବୁ କଥା ଶୁଣିଲେ କିନ୍ତୁ ପ୍ରତ୍ୟୁତ୍ତରରେ ତାଙ୍କୁ ଗୋଟିଏ କଥା କହିଥିଲେ "କେବଳ ସରୋଜିନୀ ମତେ ଥରଟିଏ ପାଇଁ କହିନାହିଁ ଯେ, ମ୍ୟାଡାମ, ମୁଁ ଏତେ ହେଭି ଡିଉଟି କରିପାରିବି ନାହିଁ, ମୁଁ କ୍ଲାନ୍ତ ହୋଇଯାଉଛି।" ହୁଏତ ପିଲାବେଳୁଁ କ୍ଲାନ୍ତ ହେବାର ଶବ୍ଦଟି ମୁଁ ମୋ ଜୀବନର ଅଭିଧାନରୁ ଲିଭାଇ ଦେଇଥିଲି। ମୋର କେମିତି ସବୁବେଳେ ମନେ ହେଉଛି, ଆମେ ଯାହା ଭାବିବା, ଆମେ ଯାହା ଗଭୀର ଭାବରେ କରିବା ବା କହିବା ଯଥା କ୍ଲାନ୍ତ ହୋଇଛି ବା' ଦେହ ଭଲ ନାହିଁ ତାହା ଏକ ନକାରାତ୍ମକ ଚିନ୍ତା ହୋଇ ଆମ ଜୀବନ ଓ ଜୀବନର ଗତିବିଧି ଉପରେ ପ୍ରଭାବ ପକାଇବ। ଥରେ ଏଗୁଡିକ ମନ ଭିତରେ ଉଙ୍କିମାରିଲେ, ହୃଦୟ ମଧ୍ୟ ତାକୁ ଗ୍ରହଣ କରିବ ଓ ମଣିଷଟିକୁ ସବୁ ପ୍ରକାର ରୋଗ ମାଡି ବସିବ।

> ଥରେ ଆମ ଡିପାର୍ଟମେଣ୍ଟର ଅନେକ ଡାକ୍ତର ମଝିରେ ଛୁଟୀ ନେଇ ସାଉଦିଆରବରେ କାମ କରିବାକୁ ଚାଲିଯାଇଥିଲେ, ଫଳରେ ଆମେ ଅଳ୍ପ କିଛିଜଣ ଡାକ୍ତର ଏମର୍ଜେନ୍ସି କାମ କରିବାକୁ ରହିଲୁଁ। ପ୍ରତ୍ୟେକ ମାସରେ ଆମର ୮ରୁ ୧୦ ଥର ଏମର୍ଜେନ୍ସି ଡିଉଟି ଓ ରାତି ଡିଉଟି ପଡିଲା। ଏସ.ସି.ବି ମେଡିକାଲ କଲେଜରେ ରାତି ଡିଉଟି ମାନେ ଖୁବ୍ ହେଭି ଡିଉଟି। ଦିନରେ ପ୍ରାୟ ୨୫ରୁ ୩୦ଟି ଲେଖାଏଁ ଡେଲିଭରି ହୁଏ ଏବଂ ତା'ଭିତରେ ସିଜରିଆନ ସେକସନ୍ ପାଞ୍ଚ ଛଅଟି ଲେଖାଏଁ ହୁଏ।

ଏବେ ମଧ୍ୟ ଆଶ୍ଚର୍ଯ୍ୟ ଲାଗେ, ଏତେ ସବୁ ପ୍ରଫେସନାଲ ଡିଉଟି ନୁହେଁ ତ ଜୀବନ ମରଣର ସମସ୍ୟାକୁ ନେଇ କେମିତି ଏତେ ଏମର୍ଜେନ୍ସି ଡିଉଟି ଓ ଅପରେସନ କରିପାରିଲି। ଅବଶ୍ୟ ସେଗୁଡିକ ଏତେ ଜରୁରୀ ଅପରେସନ ଥାଏ ଯେ, ଟିକିଏ ଅବହେଳା କଲେ ରୋଗୀର ଜୀବନ ହାନି ହୋଇଯିବାର ଆଶଙ୍କା ଥାଏ। ଏବେ ମଧ୍ୟ ଜୀବନ୍ତ କବିତାମାନଙ୍କୁ ବଞ୍ଚାଇବାକୁ ଆପ୍ରାଣ ଚେଷ୍ଟା କରିବା ସହ କଳ୍ପନାର କବିତାକୁ କାଗଜ କଲମ ରେ ଅବିକଳ ଉତ୍ତାରି ଦେବାକୁ ମୋର ସାଧନା ଜାରିରଖିଛି। ମୋ' ଭିତରେ ଲୁଚି ଛପି ରହିଥିବା ସେଇ ଚପଳମତି ଝିଅଟିକୁ ଜୀବନ୍ୟାସ ଦେବାକୁ ଆପ୍ରାଣ ଉଦ୍ୟମଟିଏ ଅହରହ ମୋ ଭିତରେ ସକ୍ରିୟ ହୋଇ ରହିଛି ଓ ରହିଥିବ। ସେଥିପାଇଁ ତ କବିତାଟିଏ ଲେଖିଥିଲି- "ତଥାପି ଝିଅଟିଏ ବଞ୍ଚିଛି/ ନାରୀ ଭିତରେ/ ଶିରାଳ ଶରୀର ତଳ/ କୁଂଚିତ ରେଖାରେ/ ସମୟର ସଂକୁଚିତ ରେଖା/ ଆଙ୍କି ନାହିଁ କପାଳରେ/ କାରୁଣ୍ୟର ମ୍ଲାନ କୃଷ୍ଣ ଛାପ/ ଜୀବନର ସୁଖ, ଦୁଃଖ କ୍ଲେଶ ଓ ଯନ୍ତ୍ରଣା/ ଅଦ୍ଭୁତ ବୈଚିତ୍ର୍ୟ ନେଇ/ ମ୍ଲାନ କରି ଦେଇନାହିଁ/ ବୟସର ଲଳିତ ଲାବଣ୍ୟ।" (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୧)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

(ଦ୍ୱିତୀୟ ଖଣ୍ଡ)

## ।। ତିନି ବନ୍ଧୁ ।।

ସେଦିନ ରାତିରେ ଦୀନେଶ୍ୱର ଛାତରୁ ଆପଣାକୁ ଚିନି ଚୋରୀ କରିବାକୁ ଗଲାବେଳେ, ଯେଉଁ ଗହନ ଅନ୍ଧକାର, ମୁଁ ଏମିତି ଡରିଯାଇଥିଲି ଯେ, କାହାକୁ କିଛି କହିଲିନି କିନ୍ତୁ ଅନେକ ଦିନ ପର୍ଯ୍ୟନ୍ତ ମାନସିକ ପୀଡ଼ା ଭୋଗିଲି। ଯେଉଁଥିରେ ମୁଁ ବିଶ୍ୱାସ କରେନି କିନ୍ତୁ ସେ କଥାରେ କାହିଁକି ଡରେ କେଜାଣି। ମୁଁ ବେଳେବେଳେ ଭାବେ ମୁଁ ବର୍ତ୍ତମାନ ବି ଆଗଭଳି ଭୟାଳୁ ଅଛି। ଯାହା ମୋତେ ପସନ୍ଦ ନୁହେଁ। ଏଭଳି ଜିନିଷକୁ ମୁଁ ଘୃଣାକରେ। ମୋର ଯୌବନ, ମୋର ଅପରିସୀମ ଆଗ୍ରହ, ଅପ୍ରତିରୋଧ ଉତ୍ସାହ ତଥା ମୋ କ୍ରାନ୍ତିକାରୀ ବିଚାରଧାରା, କେଉଁଥିରେ ମୁଁ କମ୍ ଥିଲି? ମୋର ମାନସିକ ଦୁର୍ବଳତାକୁ ମୁଁ ସହି ପାରୁନଥିଲି। ଏହା ବ୍ୟକ୍ତିତ୍ୱ ବିକଶିତ ହେବାକୁ ପ୍ରତିରୋଧ କରିବ।

ଏଭଳି ଭାବନା ମୋ ମନରେ ଉତ୍ପନ୍ନ ହୁଏ। ଏହାଦ୍ୱାରା ପ୍ରଭାବିତ ହୋଇ ବେଳେବେଳେ ନିର୍ଜନ ସ୍ଥାନକୁ ରାତିରେ ଯିବା ପାଇଁ ପ୍ରୟାସ କରେ। କେବେ କେବେ ମୁଁ ରେଲୱେ ଲାଇନ୍‌କୁ ପାରି କରି ମୋମତୀକୁ ପାର କରି ମୋ ସ୍କୁଲ ପଡ଼ିଆରେ ଯାଇ ଚୁପ୍‌ଚାପ୍ ବସେ। କେବେକେବେ ଆମ ଘର ସାମ୍ନା ଭଙ୍ଗାରୁଜା ବିରାଟ ଘର ଭିତରକୁ ପଶି ବାହାରି ଆସେ। ଏମିତି ବୁଲିବା ଦ୍ୱାରା ମୋର ସାମାନ୍ୟ ଭୟ କମିଥିଲା। କିନ୍ତୁ ଏତ ସହର କଥା। ତା' ପରେ ମୁଁ ତ ସେଠି କମ୍ ସମୟ ପାଇଁ ରହେ। ଯେତିକି ସମୟ ରହେ ତା' ଭିତରେ ବି ଭୟଭୀତ ହୁଏ। କମ ହେଉ କିମ୍ବା ବେଶୀ ମୁଁ ଏକା ଥିଲେ ଭୟଭୀତ ହୁଏ।

ମୁଁ ସବୁବେଳେ ଚାହୁଁଥିଲି କି ଏମିତି ନିର୍ଜନ ସ୍ଥାନରେ ମୋତେ କଦାଚିତ ଭୟ ନଲାଗୁ। ସେ ସମୟରେ ସଂଭବ ବି ଥିଲା ମୁଁ ଆହୁରି ଭୟଙ୍କର ସ୍ଥାନମାନଙ୍କୁ ଯାଇ ପାରିଥାନ୍ତି। ବହୁତ ସମୟ ବସି ପାରିଥାନ୍ତି। ଶ୍ମଶାନ ଘାଟ ଠାରୁ କଣ ବେଶୀ ଭୟଙ୍କର ଆଉ କୌଣସି ସ୍ଥାନ ଅଛି? ଏକଥା ମୋ କଳ୍ପନା ବାହାରେ ଥିଲା। ସେଥିପାଇଁ ଶ୍ମଶାନ ଘାଟ ମୋ ପାଇଁ ବିଶେଷ ଆକର୍ଷଣ ଥିଲା। ଶ୍ମଶାନଘାଟ ମୋର ସାହସ, ମୋର ଶକ୍ତି ମୋର ସମସ୍ତ ଦାୟିତ୍ୱର ପରୀକ୍ଷା ନଉଥିଲା। ସେଠାକୁ ଯିବାକୁ ଇଚ୍ଛା ହେଲା ମାତ୍ରେ ମନ ଏକ ରହସ୍ୟମୟ ଉତ୍ସାହରେ ପରିପୂର୍ଣ୍ଣ ହୋଇଯାଏ। ହୃଦୟ ଏତେ ଉନ୍ମନା ହୋଇଯାଏ ଯେ, ଯାହା ଅବର୍ଣ୍ଣନୀୟ।

ଗୋଟେ ଦିନ ମୁଁ ଆଉ ଦୀନେଶ୍ୱର ଠିକ୍ କଲୁ ଦିନେ ରାତିରେ ଚାଲି ଚାଲି ଯିବା ଶ୍ମଶାନ ଘାଟରେ ରହିବା। ଏକା ଯିବାପାଇଁ ସାହସ ନାହିଁ। ଦୁଇତିନି ଜଣ ସାଙ୍ଗହୋଇ ଗଲେ କୌଣସି କାମ ହେବ ନାହିଁ। ସେଥିପାଇଁ ମୁଁ ଚୁପ୍‌ଚାପ୍ ଖାଲି ଦୀନେଶ୍ୱରକୁ ଡାକିଲି। ଦୁଇ ଜଣ ବି ଯଦି ରାତିରେ ଯାଇ ଶ୍ମଶାନ ଘାଟରେ ରହିଯିବେ, ତା' ହେଲେ ବି ବଡ଼କଥାଟାଏ। ମୁଁ ମନେ ମନେ ଭାବିଥିଲି ମୁଁ ଏଥର ସଫଳ ହେଲେ ଆର ଥରକୁ ଏକା ଯିବି। ମୋତେ ଶ୍ମଶାନ ଆକର୍ଷଣ କରୁଥିଲା। ଯଦି ମୁଁ ଏ କାର୍ଯ୍ୟରେ ସଫଳ ହୋଇଯିବି, ମୁଁ ବହୁତ ସାହସୀ ହୋଇଯିବି।

ମୋ ବ୍ୟକ୍ତିତ୍ୱ ଆହୁରି ପୁଷ୍ଟ ହୋଇଯିବ। ସମ୍ଭବତ ଦୀନେଶ୍ୱରକୁ ଲୋଭଥିଲା କି ଶ୍ମଶାନଘାଟରେ ବିଜୟପ୍ରାପ୍ତ କଲେ ପ୍ରେତାତ୍ମା ତା' ବଶରେ ରହିବେ। ଦୁଇଜଣ ଆମେ ଗୋଟିଏ ଯାଗାକୁ ଯିବୁ। ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ। କିନ୍ତୁ ଦୁଇଜଣ ଯାକ ଆମେ ଦୃଢ଼ ନିଷ୍ଠୟ କରିସାରିଥିଲୁ।

ପ୍ରାୟ ରାତି ଏଗାରଟାରେ ପାଦରେ ଚପଲ ପିନ୍ଧି କମ୍ବଳ ଘୋଡ଼େଇ ହୋଇ, ଦୁଇଜଣ ଦୁଇଟା ଠେଙ୍ଗା ଧରି ଘରୁ ବାହାରିଗଲୁ।

ଶୀତରାତି। ବହୁତ ଥଣ୍ଡା ଥିଲା ବାହାରେ। ପୂର୍ଣ୍ଣିମା ଥିଲା କି ନାହିଁ ଜଣାନାହିଁ। କିନ୍ତୁ ଚାରିଆଡ଼େ ରୂପାଜହ୍ନର ଯୋଛନା ଖେଳେଇ ହୋଇ ପଡ଼ିଥିଲା। ପବନ ସାଏଁ ସାଏଁ ବହୁଥାଏ। ଆମେ କମ୍ବଳକୁ ମୁଣ୍ଡ ଉପରୁ ମର୍ଫଲର ବାନ୍ଧିଲା ଭଳିଆ ଯାବୁଡ଼ି ଧରିଥିଲୁ। ଆମେ ଖୁବ୍ ଶୀଘ୍ର ଶୀଘ୍ର ଚାଲୁଥିଲୁ। ଆମମ ହୃଦୟ ଭୟରେ ଭରିଥିଲା। ଚାଲୁ ଚାଲୁ ଦୁହେଁ ଦୁହିଁଙ୍କୁ ଚାହିଁ ବ୍ୟର୍ଥ ହସ ହସୁଥିଲୁ।

ତମସା ନଦୀ କେଉଁ ଏକ ବିରହୀଣୀ ପରି ଦୁର୍ବଳା ତଥା ସୁନ୍ଦରୀ ଦେଖା ଯାଉଥିଲା। ତାକୁ ପାର କରି ଗଙ୍ଗା ନଦୀ ପାଖକୁ ଯିବାକୁ ପଡ଼ିବ। ତମସା ନଦୀ ଉପରେ ପୋଲ ହୋଇ ନଥିଲା। କେବଳ ନୌକା ଦ୍ୱାରା ପାର ହେବା ସମ୍ଭବ।

ନଦୀକୂଳରେ ନୌକା ଥିଲା କିନ୍ତୁ ନାଉରୀ କାହିଁ କେଉଁଠି ଦେଖା ଯାଉନଥିଲା। ଆମେ ନୌକାକୁ ଲଙ୍ଗରରୁ ଦୌଡ଼ି ଖୋଲି ପାଣି ଭିତରକୁ ଠେଲି ଠେଲି ନେଇଗଲୁ। ଶେଷରେ ନୌକା ଉପରେ ଚଢ଼ିଗଲୁ। ନଦୀ ଗଭୀର ନଥିଲା। ସ୍ରୋତର ଗତି ବି ସେମିତି ବେଶୀ ନଥିଲା। ମୁଁ ମଙ୍ଗ ଧରିଲି। ଦୀନେଶ୍ୱର ଆହୁଲା ମାରିଲା। ଅଳ୍ପ ସମୟ ଭିତରେ ଆମେ ସେପଟେ ପହଞ୍ଚିଗଲୁ ନଦୀ ପାରକରି। ଆମକୁ ନୌକା ଚଳେଇ ଆସେନି। ତଥାପି ଏତେ ସହଜରେ ଆମେ ଆର ପଟରେ ପହଞ୍ଚି ଗଲୁ ଦୁହେଁ ଆଶ୍ଚର୍ଯ୍ୟ ହୋଇ ଦୁହିଁଙ୍କୁ ଚାହିଁଲୁ।

ଏପଟେ ଆମେ ନୌକାକୁ ବାନ୍ଧି ଦେଲୁ। ଶୀଘ୍ର ଶୀଘ୍ର ଦକ୍ଷିଣ ଦିଗକୁ ଚାଲିଲୁ। ତମସା ନଦୀରେ ନୌକା ଚଲେଇଲା ବେଳେ ମୋତେ ବିଲକୁଲ ଭୟ ଲାଗିଲାନି। ମୋ ହୃଦୟରେ ଏକ ଅପୂର୍ବ ସନ୍ତୁଷ୍ଟି ଥିଲା। ତମସା ନଦୀ କୂଳରେ ସହର ଠିଆ ହୋଇଛି। ସେ ସହରରେ ହଜାର ହଜାର ଲୋକ ରହୁଥିବେ। ରାତି ଅଧରେ ପାଟିତୁଣ୍ଡ ଟିକେ ଶୁଭିଲେ ଦୌଡ଼ି ଆସି ପାରନ୍ତି। ନଦୀ କୂଳରୁ ଥଣ୍ଡା ଥଣ୍ଡା ବାଲି ଉପରେ ଚାଲି ଚାଲି ଆମେ ଯେତେବେଳେ ସେ ମୁଣ୍ଡିଆ ଉପରେ ଚଢ଼ିଲୁ ମନ ଭିତରେ ଗୋଟେ ଅଦଭୂତ ବାତାବରଣ ସୃଷ୍ଟି ହୋଇସାରିଥିଲା। ସହର ଦୃଶ୍ୟ ପଛରେ ଛାଡ଼ି ଆସିଲୁ। ଆଖି ସାମ୍ନାରୁ ସହର ଦୃଶ୍ୟ ହଟିଯାଇଥିଲା। କିନ୍ତୁ ଆଖି ସାମ୍ନାରେ ନାନାଦି ଭୟାବହ ସଂଭାବନାରେ ପରିପୂର୍ଣ୍ଣ ଅନନ୍ତ ଭୂଖଣ୍ଡ ଥିଲା। ଜୀବନ୍ତ ମାନବ ସମାଜ ଏବଂ ତା'ର ଉଷ୍ଣତା ଓ ପୁଷ୍ପିତ ପଡ଼ା ସହ ଆମର କୌଣସି ପ୍ରକାର ଭୌତିକ ବା ମାନସିକ ସଂବନ୍ଧ ନଥିଲା। ଆମେ ସମସ୍ତଙ୍କ ଠାରୁ କଟି ଅଲଗା ହୋଇଯାଇଥିଲୁ। ମୋର ଭୟର କାରଣ ଏହାହିଁ ଥିଲା।

ମୁଁ ମୋ ମନକୁ ଦୃଢ଼ କଲି। ପବନର ବେଗ ବଢ଼ି ଯାଉଥିଲା। ଥଣ୍ଡା ବହୁତ ଜୋର ପଡୁଥିଲା। ମୋ ଗୋଡ଼ ଦୁଇଟି କାଲୁଆ କାଠ ହୋଇ ଯାଇଥିଲା। ଦୀନେଶ୍ୱରର ଏହି ଏକା ଅବସ୍ଥା ଥିଲା। ଆମେ ଦୁହେଁ ଚୁପ୍‌ଚାପ୍ ଥିଲୁ। ତା' ପରେ ଆଖୁ ଆଉ ଚଣାକୁ ଅଲଗା କରୁଥିବା ହିଡ଼ ଉପରେ ଆମେ ଦୁହେଁ ଚାଲିବାକୁ ଲାଗିଲୁ। ଯେତେଯେତେ ଆଗକୁ ଯାଉଥିଲୁ ସେତେ ସେତେ ମୋ ଭୟ ବଢ଼ି ଚାଲିଥିଲା। ବିଲରେ ଲମ୍ବିଥିବା ଆଖୁ ହେଉ କି ବିସ୍ତାରିତ ହୋଇ ମାଡ଼ି ଥିବା ଚଣା ହେଉ କାହାକୁ ଆଖି ଉଠାଇ ଦେଖି ହେଉ ନଥିଲା। ଜଣା ନଥିଲା କ'ଣ ବି ଦେଖିବାକୁ ମିଳିପାରେ। ଆମେ ଦୁହେଁ ନିଜନିଜକୁ ବି ଦେଖୁ ନଥିଲୁ। ସାରା ଜଗତ ଶୁନଶାନ୍ ଥିଲା। ଆମ ଚପଲର ଫଟଫାଟ୍ ଶବ୍ଦ ଛଡ଼ା ଏମିତି ଲାଗୁଥିଲା କି ଯେମିତି ହୃଦୟରେ କିଏ ହାତୁଡ଼ି ପିଟୁଛି।

ଆମେ ଆଗକୁ ଆଗକୁ ଚାଲିଲୁ। ପଛକୁ ଫେରିବାର ପ୍ରଶ୍ନ ଉଠୁନଥିଲା। ପ୍ରାୟତଃ ଅଧଘଣ୍ଟା ଚାଲିଲା ପରେ ଉଚ୍ଚା ମୁଣ୍ଡିଆଟା ସରିଗଲା। ଏଠାରୁ ତଳକୁ ଓହ୍ଲେଇବାର ଥିଲା। ଏଠାରୁ ଗଙ୍ଗାନଦୀ ଦେଖାଯାଉଥିଲା। ଯେଉଁ ପର୍ଯ୍ୟନ୍ତ ଆମେ ମୁଣ୍ଡିଆ ଉପରେ ଚାଲୁଥିଲୁ ଗଙ୍ଗାମା' ଖୁବ୍ ସୁନ୍ଦର ଦେଖା ଯାଉଥିଲେ। ଗଙ୍ଗାମାତାଙ୍କୁ ଦର୍ଶନ କରି ମନ ଭିତରେ ଏକ ଅଦଭୂତ ଉତ୍ସାହ ଆସିଲା। ଭୟ ବହୁତ କମି ଯାଇଥିଲା। ମୁଣ୍ଡିଆ ଉପରୁ ଯେତେବେଳେ କିଛି କୁଆଡ଼େ ଦେଖା ଯାଉନଥିଲା କେବଳ ମଥା ଉପରେ ଅନନ୍ତ ଆକାଶ ତାରାଭରା। ସେ ଦୃଶ୍ୟ ଦେଖି ମନ ଭିତରେ ଏ ଅନିଶ୍ଚିତ ଆଶଙ୍କା ଘାରି ବସିଥିଲା। କିନ୍ତୁ ଯେତେବେଳେ ମୁଁ ଗଙ୍ଗାମାତାଙ୍କୁ ଦେଖିଦେଲି ମୋତେ ଆଧାର ମିଳିଗଲା। ଏବେ ମୋ ସାମ୍ନାରେ ଭୂମିର ଅନନ୍ତତା କେବଳ ନଥିଲା ତା' ସହ ଗଙ୍ଗାମାତା ତାଙ୍କ ପବିତ୍ର ଇତିହାସ ଓ ପରମ୍ପରା ସହ ସ୍ୱଚ୍ଛ ଜ୍ୟୋସ୍ନାରେ ସୁଖଦ ମୁଦ୍ରାରେ ଶୋଇଥିଲେ।

ଏସବୁ ଦେଖି ମୋତେ ଖୁବ୍ ଖୁସି ଲାଗିଲା। ମୁଁ ଉତ୍ସାହର ସହ ତଳକୁ ଦୌଡ଼ିଲି। ଦୀନେଶ୍ୱର ବି ମୋ ପଛେ ପଛେ ଦୌଡ଼ିଲା। ତଳକୁ ଆସି ଆମେ ପୁଣି ଜୋର ଜୋର ଚାଲିଲୁ।

'କେତେ ସୁନ୍ଦର ଦୃଶ୍ୟ।' ମୁଁ ତମସା ନଦୀ ପାର କରି ପ୍ରଥମ କହିଥିଲି। ଏହା ଦ୍ୱାରା ମନକେତେ ପବିତ୍ର ହୋଇଗଲା। ମୋତେ ଆଉ କୌଣସି ପ୍ରକାର ଡର ଲାଗୁ ନଥିଲା। ଦୀନେଶ୍ୱର କହିଲା, 'ମୋତେ ମଧ ଡର ଲାଗୁନି।'

କିନ୍ତୁ 'ଡର' ଶବ୍ଦ ଶୁଣି ମନ ଭିତରେ ପୁଣି କେମିତି ଗୋଟେ ଡରର ସଂଶୟ ସୃଷ୍ଟି ହେଲା। ଯେମିତି କୌଣସି ଅରୁଚିକର, ଅସୁଖକର କଥା ଶୁଣି ମନ ଯେମିତି ଆନ୍ଦୋଳିତ ହୁଏ, ସେମିତି ଲାଗିଲା। କିନ୍ତୁ ଏ ସ୍ଥିତି କ୍ଷଣିକ ଥିଲା। ମୁଁ ନିଜ ଭିତରେ ବଳପୂର୍ବକ ସାହସ ଓ ଉତ୍ସାହ ଭରିଲି। ଏବେ ଆମେ ଚୁପ୍‌ଚାପ୍ ଚାଲୁଥିଲୁ। ଆଗକୁ ରାସ୍ତା ବାଲି ଭର୍ତ୍ତି ଖାଲ ଢିପ ଥିଲା। ଆମେ ଶୀଘ୍ର ଶୀଘ୍ର ଚାଲିବାକୁ ପ୍ରୟାସ କରୁଥିଲୁ, କିନ୍ତୁ ଆମ ଚପଲ ବାଲି ଭିତରେ ଖାଲି ପଶି ଯାଉଥିଲା। ଚପଲ ଭିତରୁ ବାଲି କାଢ଼ିବାକୁ ଠିଆ ହେବାକୁ ପଡୁଥିଲା। ଚାଲୁ ଚାଲୁ ରହିଗଲା ବେଳକୁ ଆମ ଡର ବଢ଼ି ଯାଉଥିଲା।

ପ୍ରଥମେ ଆମେ ଗାଧୁଆ ଘାଟକୁ ଗଲୁ। ସେଇଠୁ ନଦୀ ଧାରେ ଧାରେ ଶ୍ମଶାନ ଘାଟ ଆଡ଼କୁ ଗଲୁ। ସେଠାରୁ ଶ୍ମଶାନ ଘାଟ ପ୍ରାୟ ଅଳ୍ପଦୂର ଥିଲା। ଆମେ ଖୁବ୍ ଶୀଘ୍ର ଶୀଘ୍ର ଚାଲୁଥିଲୁ। ଆମେ ଆମ ଗନ୍ତବ୍ୟ ସ୍ଥାନରେ ପହଞ୍ଚିଲା ପରେ ହୃଦୟରେ ଏକ ଅଦ୍ଭୁତ ପୂର୍ବ ସାହସ ଓ ବିଶ୍ୱାସ ଭରିଗଲା। ଯେଉଁ ଲକ୍ଷ୍ୟ ଅଜଣା ଥିଲା ଏବଂ ଯାହାର କଳ୍ପନା ମାତ୍ରକେ ମନରେ ଭୟଙ୍କର ଆଶଙ୍କା ଉତ୍ପନ୍ନ ହେଉଥିଲା ତାକୁ ହିଁ ସାମ୍ନାରେ ଦେଖି ଅଦ୍ଭୁତ ଦୃଢ଼ତା ମୋ ମନ ଭିତରେ ଅନୁଭୂତ ହେଉଥିଲା। 'ସସତରେ କଣ ଏଇଟା ଶ୍ମଶାନ ଘାଟ?' କେଉଁଠି ପ୍ରେତ ପିଶାଚ କିଛି ନାହିଁ। ଦିନସାରା ସହଜରେ ସମୟ କଟି ଯାଇଥିଲା। କିନ୍ତୁ ଏ ରାତି ଶ୍ମଶାନ ଘାଟରେ କେମିତି କଟିବ କିଛି ବି କହି ହେବନି। ଦିନକଥା ଛାଡ଼ କିନ୍ତୁ ରାତିରେ ବି ଏ ଶ୍ମଶାନ ଘାଟ ସମ୍ପୂର୍ଣ୍ଣ ମାମୁଲି ଲାଗିବ, ଏକଥା ମୋ ବିଶ୍ୱାସ ବାହାରେ ଥିଲା। ଅତ୍ୟନ୍ତ ସହଜ ସରଳ ଶ୍ମଶାନ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା। (କ୍ରମଶଃ)

❤ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

## ସୁବର୍ଣ୍ଣରେଖା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ଜଳେଶ୍ୱର, ୨୦/୮(ନି.ପ୍ର): ଜଳେଶ୍ୱରସ୍ଥିତ ଭାରତୀୟ ଜନତାପାର୍ଟି ତରଫରୁ ସୁବର୍ଣ୍ଣରେଖା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପଂଚାୟତ ସ୍ତରରେ ସଂଗଠନକୁ ମଜବୁତ୍ କରିବାପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଯୁବନେତା ଦିବ୍ୟକାମ ମହାନ୍ତି, ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ, ଗୋବରଘଟା ପଂଚାୟତ ସଭାପତି ଦୀନକୃଷ୍ଣ ଗିରି, ସଂଜିବ ରାଉତ, ସରୋଜ ଗିରି, ସିତାଂଶୁ ବାରିକ, ସୁଜୟ ହୋଷ, ବୁଦ୍ଧେଶ୍ୱର ବେହେରା, ଶଶାଙ୍କ ମଣ୍ଡଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ରବିନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ସନ୍ଦେହ ଘେରରେ ୨ ଯୁବକଙ୍କ ମୃତ୍ୟୁ

ଖଇରା,୨୦/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ୨ଦିନରେ ୨ ଅପମୃତ୍ୟୁ ମାମଲା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଶୁକ୍ରବାର ସକାଳେ କୋଚିଆକୋଇଲି ଗ୍ରାମର କୈଳାସ ଦାସ(୩୨)ଙ୍କର ମୃତ ଦେହ ନିକଟସ୍ଥ ନାଳରୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି । ଖଇରା ପୋଲିସ ଏକ ଅପମୃତ୍ୟୁ ମାମଲା(୩୩/୨୨) ରୁଜୁ କରିଥିବା ବେଳେ କୈଳାସର କାନ ଏବଂ ମୁହଁରୁ ରକ୍ତ ନିର୍ଗତ ହେବା ଘଟଣାରେ ଏହା ଏକ ହତ୍ୟାକାଣ୍ଡ ବୋଲି ଗ୍ରାମବାସୀ ମାନେ କହିଛନ୍ତି । ସେହିଭଳି ଶନିବାର ସକାଳେ ବାଙ୍କିରିଆ ଗ୍ରାମ ନିକଟସ୍ଥ ନାଳରୁ ଜଣେ ଶ୍ରମିକଙ୍କ ମୃତ ଦେହକୁ ଭାସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି । ଏକ୍ତ ଯୁବକର ନାମ ବେହେରା ମୁଣ୍ଡା । ଘର ଆଗରପଡା ଥାନା ଅଧୀନ ବଡ ସଦାଡ ଗ୍ରାମରେ । ସେ ବାଙ୍କିତିରା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ କିଛି ଦିନ ତଳେ କିଛି ସହଯୋଗୀଙ୍କ ସହ କାମ କରିବାକୁ ଆସି ଆଉ ଫେରିନଥିଲେ । ସକାଳେ ତାଙ୍କ ଭାସମାନ ଶରିର ନିକଟରୁ ଏକ ବିଷ ବୋତଲ ମିଳିବା ମୃତ୍ୟୁକୁ ରହସ୍ୟ ମୟ କରିଛି । ଖଇରା ପୋଲିସ ଆଉ ଏକ ଅପମୃତ୍ୟୁ ମାମଲା(୩୪/୨୨) ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ସୋର ପଠାଇଛି ।

# ସବାଇ ଘାସ ସାମଗ୍ରୀର ବିବିଧକରଣ ସମ୍ପର୍କିତ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ଶିବିର ଉଦ୍‌ଯାପିତ

ବାରିପଦା, ୨୦/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଏସ୍‌ଏସିଆର୍‌ଟିଆଇ ତରଫରୁ ଏବଂ ଓୟାଡ୍‌ସି ସହାୟତାରେ ବାରିପଦା ବ୍ଲକ ଅନ୍ତର୍ଗତ ନଙ୍ଗଳକଟା ଠାରେ ମୁଲୁଚାନ୍ଦ କାରିଗର ଉତ୍ପାଦକ ସଂଗଠନ ଓ ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ତରଡାପାଲ ଠାରେ ନିଝାରି ବଡାମ କାରିଗର ଉତ୍ପାଦକ ସଂଗଠନ ଆନୁକୁଲ୍ୟରେ ଆଦିବାସୀ କାରିଗରମାନଙ୍କ ପାଇଁ ସବାଇ ଘାସ ସାମଗ୍ରୀର ବିବିଧକରଣ ଉପରେ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଅଛି । ଏହି ତାଲିମ କାର୍ଯ୍ୟକ୍ରମ ଗୁଡିକରେ ସମୁଦାୟ ୧୦୦ ଜଣ କାରିଗରମାନେ ଅଂଶଗ୍ରହଣ କରିଥିଲେ । ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅଧିବେଶନରେ ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ବାରିପଦା, ଶ୍ରୀମତୀ ବିଦ୍ୟୁତଲତା ମହାପାତ୍ର, ସ୍ପେଶାଲ ଅଫିସର, ଆଇଟିଡିଏ, ବାରିପଦା, ଶ୍ରୀ ଗଙ୍ଗାଧର ପ୍ରଧାନ, ପ୍ରୋଗ୍ରାମ



ମ୍ୟାନେଜର, ଆଇଟିଡିଏ, ବାରିପଦା ଅତିଥି ଭାବରେ ନଙ୍ଗଳକଟା ଠାରେ ଯୋଗ ଦେଇଥିଲେ । ଶ୍ରୀ ଚିତ୍ତରଞ୍ଜନ ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ମୟୂରଭଞ୍ଜ ଜିଲ୍ଲା କାରିଗର ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସବାଇ ସାମଗ୍ରୀର ବିବିଧକରଣ କରି ଆଦିବାସୀ କାରିଗରମାନେ ବଜାରରେ ଚାହିଦା ବଢାଇପାରିବେ ଓ ସେମାନେ ସ୍ୱାବଲମ୍ବି ହୋଇପାରିବେ । ସେହିପରି ଶ୍ରୀମତୀ ବିଦ୍ୟୁତଲତା ମହାପାତ୍ର, ସ୍ପେଶାଲ ଅଫିସର, ଆଇଟିଡିଏ, ବାରିପଦା କାରିଗର ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ସେମାନେ ଶିଖିଥିବା କୌଶଳକୁ ଆଭ୍ୟାସ କରି ଅନ୍ୟ କାରିଗର ମାନଙ୍କର କୌଶଳ କିପରି ବିକାଶ କରାଯିବ ସେ ଦିଗରେ ଚେଷ୍ଟା କରିବେ । ଶ୍ରୀ ପ୍ରଧାନ ମଧ କାରିଗର ମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ ଆଇଟିଡିଏ, ବାରିପଦା ସବୁବେଳେ କାରିଗରମାନଙ୍କର ଉନ୍ନତି ପାଇଁ ପ୍ରୋତ୍ସାହନ କରିବ । ଶେଷରେ ଅତିଥିମାନେ ଓ ତାଲିମ ଶିବିରର ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ଗୌତମ ମୋଦକ ତାଲିମରେ ଭାଗ ନେଇଥିବା କାରିଗର ମାନଙ୍କୁ ମାନପତ୍ର ବଣ୍ଟନ କରିଥିଲେ । ସେହିପରି ତରଡାପାଲ ଠାରେ ଚାଲିଥିବା ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ସୌମ୍ୟା ସୁରଭିତା ସିଂ, ସହନିର୍ଦ୍ଦେଶିକା, ହସ୍ତଶିଳ୍ପ ବିଭାଗ, ମୟୂରଭଞ୍ଜ ଜିଲ୍ଲା ତାଙ୍କ ବକ୍ତବ୍ୟରେ ସବାଇ କାରିଗରମାନଙ୍କୁ କହିଥିଲେ ଯେ ଆଜିର ଦିନରେ ସବାଇଘାସ ସାମଗ୍ରୀର ବିବିଧକରଣର ଆବଶ୍ୟକତା ରହିଅଛି । ସବାଇ ସାମଗ୍ରୀର ବିବିଧକରଣ କରି କାରିଗରମାନେ ନୂଆ ଗ୍ରାହକ ଗୋଷ୍ଠୀ ସୃଷ୍ଟି କରିପାରିବେ ବୋଲି ମତପ୍ରଦାନ କରିଥିଲେ । ଏହି ଅଧିବେଶନରେ ମିଶନ ଶକ୍ତି, ବାଙ୍ଗିରିପୋଷି ବ୍ଲକ ଅଧକ୍ଷା ଚିତ୍ରସ୍ମିତା ପୁଟି ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏସ୍‌ଏସିଆର୍‌ଟିଆଇ ଅଞ୍ଚଳର କାରିଗର ମାନଙ୍କୁ ସଂଗଠିତ କରି ଓ ତାଙ୍କର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ କରି ଉତ୍ତମ ଦୃଷ୍ଟାନ୍ତ ଦେଇ ପାରିଛି । ଶେଷରେ ଅତିଥିଗଣ ଓ ମୁଖ୍ୟ ପ୍ରଶିକ୍ଷକ ଶ୍ରୀ ମୃତ୍ୟୁଞ୍ଜୟ କୁମାର ତାଲିମରେ ଭାଗ ନେଇଥିବା କାରିଗର ମାନଙ୍କୁ ମାନପତ୍ର ବଣ୍ଟନ କରିଥିଲେ । ତାଲିମ କାର୍ଯ୍ୟକ୍ରମର ସମାପନ ଅଧିବେଶନକୁ ଏସ୍‌ଏସିଅର୍‌ଟିଆଇ ରୁ ଶ୍ରୀ ବୁଧୁରାମ ପାତ୍ର, ଶ୍ରୀ ଚିନ୍ତାମଣି ମହାପାତ୍ର ଓ ଶ୍ରୀ ଶିବପ୍ରସାଦ ପାତ୍ର ସଂଯୋଜୋନା କରିଥିଲେ ।

## ଇସ୍‌କନ୍ ପରିଚାଳନା କମିଟି ପକ୍ଷରୁ ରକ୍ତଦାନ ଶିବିର : ୨୬ ୟୁନିଟ୍ ସଂଗୃହୀତ

ଜଳେଶ୍ୱର, ୨୦/୮(ନି.ପ୍ର): ପ୍ରତିକୂଳ ପାଗ ସତ୍ୱେ ପୂର୍ବ ସୂଚନା ଅନୁଯାୟୀ ଆଜି ଇଷ୍କନ ପରିଚାଳନା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଚନ୍ଦନ କୁମାର ଦାସଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ନଗରପାଳ ପ୍ରବୀର କୁମାର ପ୍ରଧାନ ଓ ଜିଲ୍ଲା ରକ୍ତ ଦାତା ସଂଘର ସଭାପତି କମଳା ଚକ୍ରବର୍ତ୍ତୀ ମିଳିତଭାବେ ଉଦ୍‌ଘାଟନ କରି ଥିଲେ । ସମ୍ମାନୀତ ଅତିଥିଭାବେ ଉଦ୍‌ଘାଟକ ଭାବେ



ହେମହରି ବ୍ରହ୍ମଚାରୀ, ଓଡିଶା ରକ୍ତକେନ୍ଦ୍ର ବାଲେଶ୍ୱର ର ଡାକ୍ତର ମହେଶ ବିଶ୍ୱାଳ, ମନୋରଂଜନ ଦାସ ଓ ସତ୍ୟବ୍ରତ ପ୍ରଧାନ, ଦେବଯାନୀ ଅଣ୍ଡିଆ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ମୋଟ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

## ବିଦ୍ୟୁତ୍ ଆଘାତରେ ଗୋରୁ ମୃତ୍ୟୁ ଅଭିଯୋଗ : ବିଦ୍ୟୁତ୍ କର୍ମଚାରୀଙ୍କୁ ଗ୍ରାମବାସୀଙ୍କ ଅଟକ

ଜଳେଶ୍ୱର, ୨୦/୮(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁ ରାମଚନ୍ଦ୍ରପୁର ଗାଁରେ ଘଟିଛି ଏକ ଅଘଟଣ । ଗାଁର ହରନାରାୟଣ ମଣ୍ଡଳଙ୍କ ସ୍ତ୍ରୀ ଓ ପୁଅ ନିଜ ଗୋରୁକୁ ଏକ ଖୁଣ୍ଟରେ ବାନ୍ଧୁଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ସଂସର୍ଷରେ ଆସି ଗୋରୁଟି ମରିଯିବା ସହିତ ସେମାନେ ଆଘାତ ପାଇଥିଲେ । ଖବର ପ୍ରଚାରିତ ହେବାପରେ ବିଦ୍ୟୁତ୍ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗାଁର କେତେକ ବ୍ୟକ୍ତି ବିଦ୍ୟୁତ୍ କର୍ମଚାରୀ ମାନଙ୍କୁ ଘେରାଓ କରିବା ସହିତ ଗ୍ରାମର ଗୌରହରି ବେହେରା, ରାଜିବ ଦାସ, ଉମାକାନ୍ତ ବେହେରା, ସୁରେନ୍ଦ୍ର ମହାନା, ଗଜେନ୍ଦ୍ର ମାହାନାଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ କ୍ଷତିପୂରଣ ଦାବି କରିଥିଲେ । ପରେ ଘଟଣାସ୍ଥଳକୁ ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ସରପଂଚ ପ୍ରତିନିଧି ପ୍ରବୀର କୁମାର ଦାସ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଯାଇ ଘଟଣାର ଆପୋଷ ସମାଧାନ କରିଥିଲେ ।

## କଂଗ୍ରେସର ମେହେଙ୍ଗାଇ ପର ଚର୍ଚ୍ଚା କାର୍ଯ୍ୟକ୍ରମ

ବାରିପଦା, ୨୦/୦୮ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଜି ବାରିପଦା ଟାଉନ କଂଗ୍ରେସ ସଭାପତି ଶାନ୍ତନୁ ପାଲଙ୍କ ସଭାପତିତ୍ୱରେ ସ୍ଥାନୀୟ ବାରିପଦା କଚେରି ମାର୍କେଟ ପରିସରରେ ମେହେଙ୍ଗାଇ ପର ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ମୋଦି ସରକାରଙ୍କ ଦ୍ୱାରା ସମସ୍ତ ନିତ୍ୟବ୍ୟବହୃତ ସାମଗ୍ରୀ ଗୁଡିକର ଦରଦାମ ବୃଦ୍ଧି, ବେକାରୀ ସମସ୍ୟା, ସରକାରୀ କଳର ଅପବ୍ୟବହାର, ଖାଦ୍ୟ ସାମଗ୍ରୀ ମୁଢ଼ି, ଚୁଡ଼ା,ଗୁଡ,ଖଇ ଆଦି ଉପରେ ଜିଏସଟି ଲାଗୁ କରିବା ଇତ୍ୟାଦି ବିରୁଦ୍ଧରେ କଂଗ୍ରେସ ଦଳ ଅବିଶ୍ରାନ୍ତ ଭାବରେ ସଂଗ୍ରାମ ଜାରି ରଖିବ ବୋଲି ବକ୍ତା ମାନେ କହିବା



ସହିତ କଂଗ୍ରେସର ପ୍ରଚାର ପତ୍ର ଜନସାଧାରଣଙ୍କୁ ବଣ୍ଟା ଯାଇଥିବା ବେଳେ ଦରଦାମ ବୃଦ୍ଧି ପ୍ରସଙ୍ଗରେ ଚର୍ଚ୍ଚା କରାଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ଶ୍ରୀ ବିଜନ ଦାସ ଦରଦାମ ବୃଦ୍ଧି ଦ୍ୱାରା ଜନସାଧାରଣ ହନ୍ତସନ୍ତ ହେଉଥିବା ଦର୍ଶାଇ ମୋଦି ସରକାରଙ୍କ ବିରୁଦ୍ଧରେ କଟୁ ସମାଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ହେମନ୍ତ ଦାସ, ମହିଳା ସଭାନେତ୍ରୀ ସୁସ୍ମିତା ଘୋସାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ମାଇନରିଟି ସେଲ ସଭାପତି ଶେଖ୍ ରଖିମ, ଅରବିନ୍ଦ ଦାସ, ସ୍ୱାଗନ ଦାସ, କିଶାନ ନେତା ବୁଧୁରାମ ସିଂ, ଇତିଶ୍ରୀ ମିଶ୍ର, ରଶ୍ମିତା ମିଶ୍ର, ସୁଭସ୍ମିତା ଦାସ, ସରୋଜିନୀ ସିଂ, ସେକ ଅଫଜଲ, ଭାଗିରଥୀ ଘୋଡ଼େଇ, ସେକ ସିରାଜୁଦ୍ଦିନ, ନିର୍ମଳ ପ୍ରଧାନ ପ୍ରମୁଖ ଯୋଗ ଦେଇ ଦରଦାମ ବୃଦ୍ଧି ବାବଦରେ ଲୋକଙ୍କୁ ସଚେତନ କରିଥିଲେ । ଚଳିତ ମାସ ୧୭ ତାରିଖ ଠାରୁ ୨୩ ତାରିଖ ମଧ୍ୟରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଣ୍ଡି, ସାପ୍ତାହିକ ହାଟ ବା ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ଜନସାଧାରଣଙ୍କୁ ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ଓ ଆଇନ ଶୃଙ୍ଖଳା ଇତ୍ୟାଦି ବିଷୟରେ ଅବଗତ କରାଇବା ପାଇଁ ପିସିସି ସଭାପତି ଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

# ବନ୍ୟା ପରିଚାଳନା ଓ କ୍ଷୟକ୍ଷତି ଆକଳନ ସମୀକ୍ଷା ବୈଠକ

ଭଦ୍ରକ, ୨୦/୦୮ (ନି.ପ୍ର): ଭଦ୍ରକ ଜିଲ୍ଲା ଯୋଜନାବୋର୍ଡ଼ର ଅଧକ୍ଷ ତଥା ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟଙ୍କ ଅଧକ୍ଷତାରେ ଡି.ଆର.ଡି.ଏ. ସମ୍ମିଳନୀ କକ୍ଷରେ ଚଳିତ ବନ୍ୟା ପରିଚାଳନା ଓ କ୍ଷୟକ୍ଷତି ଆକଳନ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତି ପର୍ଯ୍ୟବେକ୍ଷକ ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ୍, ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ୍ କୁମାର ଦାସ, ଧାମନଗର ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର



ବଳିରାମ ବୋନ୍ଦରଙ୍କ ଦ୍ୱାରା ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ବନ୍ୟା ଓ କ୍ଷୟକ୍ଷତି ନେଇ ସଂପୃକ୍ତ ବିଭାଗ ଅନୁଯାୟୀ ସମୀକ୍ଷା କରାଯାଇଥିଲା । ବିଶେଷ କରି ସମ୍ଭାବ୍ୟ ବର୍ଷା ଓ ବନ୍ୟା ଜନିତ ବିପତ୍ତି ଜିଲ୍ଲା ଉପରୁ ଟଳି ଯାଇଥିବାରୁ ଗତକାଲି ଠାରୁ ଆତଙ୍କିତ ଅବସ୍ଥାରେ ଥିବା ଜିଲ୍ଲାବାସୀ,ପ୍ରଶାସନ ତଥା ଜନପ୍ରତିନିଧିମାନେ ଆଶ୍ୱସ୍ତ ହୋଇଛନ୍ତି ବୋଲି ଶ୍ରୀଯୁକ୍ତ ରାୟ ପ୍ରାକାଶ କରିବା ସହିତ ଜିଲ୍ଲାପାଳଙ୍କ ନେତୃତ୍ୱରେ ପ୍ରଶାସନିକ ପ୍ରସ୍ତୁତିର ପ୍ରଶଂସା କରିଥିଲେ । ଏହିଭଳି ପ୍ରସ୍ତୁତି ଅଭିଜ୍ଞତା ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଦିଗରେ ଜିଲ୍ଲାବାସୀଙ୍କୁ ଅଭୟ ପ୍ରଦାନ କରିପାରିବ ବୋଲି ମଧ ସେ କହିଥିଲେ । ବନ୍ୟା ଜନିତ କ୍ଷୟକ୍ଷତି ଆକଳନ ତଥା ପ୍ରସ୍ତୁତି ଉପରେ ସବିଶେଷ ସମୀକ୍ଷା କରାଯାଇଥିଲା । କୃଷି, ପ୍ରାଣୀ ଚିକିତ୍ସା, ଶିକ୍ଷା, ବିଦ୍ୟୁତ୍, ଆର.ଡି., ଜଳ ସେଚନ ଆଦି ବିଭାଗଦ୍ୱାରା ପ୍ରସ୍ତୁତ ଆଖିଦେଖା କ୍ଷୟକ୍ଷତି ଆକଳନ ବୈଠକରେ ଉପସ୍ଥାପନ କରାଯାଇଥିଲେ ବି ଏ କ୍ଷୟକ୍ଷତି ପୂର୍ଣ୍ଣ ଆକଳନ ପରେ ବୃଦ୍ଧି ଘଟିବା ନେଇ ଅନୁମାନ କରାଯାଇଥିଲା । ଜଳମଗ୍ନ ହୋଇଥିବା ଧାନ ଚାଷଜମି ନେଇ କୃଷି ବିଭାଗର ତଥ୍ୟ ଅନୁଯାୟୀ ଭଦ୍ରକ ବ୍ଲକ୍‌ର ୪ଟି ଗ୍ରା.ପ.ର ୧୦ଟି ଗାଁ ୨୦୭ ହେକ୍ଟର, ତିହିଡ଼ି ବ୍ଲକ୍‌ର ୧୧ଟି ଗ୍ରା.ପ.ର ୩୩ଟି ଗାଁର ୪,୩୨୦ ହେ ବାସୁଦେବପୁର ୬ଟି ଗ୍ରା.ପ.ର ୨୦ଟି ଗାଁର ୧,୪୧୨ ହେ, ଚାନ୍ଦବାଲିର ୧୩ଟି ଗ୍ରା.ପ.୬୨ ଟି ଗାଁ ୫,୮୫୪ ହେ, ଧାମନଗର ର ୨୬ ଗ୍ରା.ପ.ର ୧୦୧ ଗାଁର ୫,୧୫୭ ହେ. ଭଣ୍ଡାରିପୋଖରୀ ର ୪ଟି ଗ୍ରା.ପ.ର ୧୫ଟି ଗାଁର ୧୦୪ ହେ. ସମୁଦାୟ ୧୬,୫୫୪ ହେ. ଧାନଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ବନ୍ତ ବ୍ଲକ୍‌ର କୌଣସି କ୍ଷୟକ୍ଷତି ତଥ୍ୟ ଆସିନଥିଲେ ବି ରେବନଦୀ ଦ୍ୱାରା ଜଳମଗ୍ନ ଅଞ୍ଚଳକୁ ପୁନଃ ନିରୀକ୍ଷଣ ପାଇଁ ବିଧାୟକ ଶ୍ରୀଯୁକ୍ତ ସାମଲ କହିଥିଲେ । ଜଳମଗ୍ନ ଅଞ୍ଚଳ ଗୁଡ଼ିକୁ ଯଥେଷ୍ଟ ପରିମାଣର ଗୋ ଖାଦ୍ୟ ଯୋଗାଇଦେବା ପାଇଁ ସିଡ଼ିଭିଓଙ୍କୁ ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ପି.ଏଚ୍.ସି.ଓ ସି.ଏଚ୍.ସି ରେ ଜରୁରୀ ଚିକିତ୍ସା, ସାପକାମୁଡ଼ା ଆଦି ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ବୈଠକରେ ଉପସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ରଙ୍କୁ କହିଥିଲେ । ସୂଚନା ଅନୁଯାୟୀ ବନ୍ୟା ସମୟରେ ୭ଟି ସାପକାମୁଡ଼ା କେଶ୍ ଆସିଥିଲା ଓ ସମସ୍ତେ ଭଲ ହୋଇଛନ୍ତି । ସେହିପରି ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ପୂରା ପ୍ରଦତ୍ତ ସୂଚନା କ୍ରମେ ଭଣ୍ଡାରିପୋଖରୀ ବ୍ଲକ୍‌ର ୯ଟି ଗ୍ରା.ପ.ର ୬୧ଟି ଗାଁ ଧାମନଗର ବ୍ଲକର ୧୪ଟି ଗ୍ରା.ପ.ର ୫୩ଟି ଗାଁ ବନ୍ୟା ପ୍ରଭାବିତ ହୋଇଥିଲେ ବି ସେ ଅଞ୍ଚଳରେ ଦୁଇବ୍ଲକର ଥିବା ସମୁଦାୟ ୧୧୦୦ ନଳକୂପର କିଛି କ୍ଷୟକ୍ଷତି ହୋଇନାହିଁ । ବିକଳ୍ପ ପାନୀୟ ଜଳ ଯୋଗାଣର ଆବଶ୍ୟକତା ପଡ଼ିନାହିଁ । ପୁରୁଣା ନଳକୂପ ଗୁଡ଼ିକର ନୀଚ ଥିବା ପ୍ଲାଟଫର୍ମକୁ ଉଚ୍ଚ କରିବାପାଇଁ କୁହାଯାଇଥିଲା । କେତେକ ସ୍କୁଲରେ ପାଣି ପଶିଯାଇଥିଲେ ବି କ୍ଷୟକ୍ଷତି କିଛି ହୋଇନାହିଁ ବୋଲି ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଆପ୍ ଫୋକସରେ ଓଡିଶା....

କଂଗ୍ରେସର ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି । ଏଭଳି ସ୍ଥଳେ ଅରବିନ୍ଦ କେଜରିୱାଲ ନିଜକୁ ମୋଦିଙ୍କ ବିକଳ୍ପ ଭାବେ ଉଭା ହେବାକୁ ଚାହୁଁଛନ୍ତି । ଆଉ ଏଭଳି ଓଡିଶା ସମେତ ବିଭିନ୍ନ ରାଜ୍ୟ ଉପରେ ନଜର ପକାଇଛି ଦଳ । ଅନ୍ୟ ଦଳର ଛାମୁଆ ନେତାଙ୍କୁ ନିଜ ଆଡକୁ ଆଣି ସଙ୍ଗଠନ ବିସ୍ତାର ଲକ୍ଷ୍ୟରେ ରହିଛି । ବିଜେଡି, ବିଜେପି ଓ କଂଗ୍ରେସ ଆମ ଆଦମୀ ପାର୍ଟିର ଏଭଳି ରଣନୀତିକୁ ହାଲକା ଭାବେ ନେଇଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ ୧୪୭ ନିର୍ବାଚନମଣ୍ଡଳୀ ମଧ୍ୟରୁ ୧୦୬ ଆସନରେ ପ୍ରାର୍ଥୀ ଦେଇଥିଲା ଆପ୍ । ସେଥିମଧ୍ୟରୁ ୫୮ ଜଣ ପ୍ରାର୍ଥୀ ହଜାରେରୁ କମ ଭୋଟ ପାଇଥିଲେ । ସେଥିମଧ୍ୟରୁ ଅନେକ ପ୍ରାର୍ଥୀ ୩ ଶହରୁ କମ ଭୋଟ ପାଇଥିଲେ । କିନ୍ତୁ ପୌର ନିର୍ବାଚନରେ ବ୍ରହ୍ମପୁରରେ କଂଗ୍ରେସକୁ ପଛରେ ପକାଇ ତୃତୀୟ ସ୍ଥାନକୁ ଆସିଥିଲା ଆମ ଆଦମୀ ପାର୍ଟି । ତେଣୁ ଓଡିଶା ଉପରେ ଫୋକସ କରି କିଛି କରିପ୍ପା କରିବେ କି କେଜରିୱାଲ ତା ଉପରେ ରହିଛି ନଜର ।

### ହୀରାକୁଦ ଜଳଭଣ୍ଡାରର....

ଫୁଟ୍ ରହିଛି । ହୀରାକୁଦକୁ ପ୍ରତି ସେକେଣ୍ଡରେ ୧,୪୦,୨୨୨ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୧,୦୧,୫୫୮ କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେଉଛି । ସନ୍ଧ୍ୟା ସୁଦ୍ଧା ଖଇରାମାଳ ଠାରେ ୫ ଲକ୍ଷ ୯୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୂଳ ଠାରେ ୭ ଲକ୍ଷ ୫୯ ହଜାର କ୍ୟୁସେକ୍ ଏବଂ ମୁଣ୍ଡଳି ଠାରେ ୮ ଲକ୍ଷ ୩୫ ହଜାର ୬୭୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି ।

### ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା....

ସମ୍ମୁଖୀନ ହେଉଛନ୍ତି । ମଧ୍ୟପ୍ରଦେଶର ୨୦ ଜିଲ୍ଲା, ରାଜସ୍ଥାନର ୧୮ ଜିଲ୍ଲା ଓ ଉତରପ୍ରଦେଶର ୨୮ରୁ ଅଧିକ ଜିଲ୍ଲାରେ ବନ୍ୟାରେ ବେଶ ପ୍ରଭାବିତ ହୋଇଛନ୍ତି । ଏହି ସବୁ ରାଜ୍ୟମାନଙ୍କ ପାଇଁ ଅରେଂଜ ଆର୍ଲଟ ଜାରି କରାଯାଇଛି । ପୂର୍ବରୁ ପଶ୍ଚିମ, ଉତରରୁ ଦକ୍ଷିଣ । ଦେଶର ଅଧିକାଂଶ ରାଜ୍ୟରେ ବନ୍ୟା ସମସ୍ୟା ବଡ ବିପତି ନେଇ ଆସିଛି । ହିସାବ ବାହାରେ କ୍ଷୟକ୍ଷତି ହେଉଛି । ନଷ୍ଟ ହେଉଛି ଧନଜୀବନ । ପ୍ରକୃତିର ପ୍ରକୋପରେ ଜନମାନଓ ବ୍ୟତିବ୍ୟସ୍ତ ହୋଇପଡିଛି ।

## ଏମସ୍ ଛାତରୁ ଡେଇଁ ରୋଗୀ ମୃତ

ଭୁବନେଶ୍ୱର,୨୦/୦୮ (ନି.ପ୍ର): ଭୁବନେଶ୍ୱର ଏମ୍‌ସ ହସ୍ପିଟାଲର ପଂଚମ ମହଲାରୁ ଜଣେ ରୋଗୀ ମୃତ୍ୟୁ ବରଣ କରିଛନ୍ତି । ମୃତ ରୋଗୀ ହେଉଛନ୍ତି ମହେନ୍ଦ୍ର ସ୍ୱାଇଁ । ତେବେ ସେ କେଉଁ କାରଣରୁ ଛାତରୁ ଡେଇଁଲେ ତାହା ଜଣାପଡିନାହିଁ । ପୁରୀ ଅଂଚଳର ମହେନ୍ଦ୍ର ସ୍ୱାଇଁ ଗତ କିଛି ଦିନ ଧରି ଭୁବନେଶ୍ୱର ଏମ୍‌ସରେ ଭର୍ତି ହୋଇଥିଲେ । ଏମ୍‌ସ ର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ତାଙ୍କର ଚିକିତ୍ସା ଚାଲିଥିଲା । ତେବେ ଶନିବାର ଅପରାହ୍ନରେ ସେ ଝରକା ଦେଇ ପଂଚମ ମହଲାରୁ ତଳକୁ ଡେଇଁ ପଡ଼ିଥିଲେ । ମହେନ୍ଦ୍ରଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରାଯାଇ ମେଡ଼ିକାଲ୍ ରେ ଭର୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ପାଂଚ ଦିନିଆ ଅଷ୍ଟ୍ରେଲିଆ ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୦/୦୮ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି (ଶନିବାର) ଠାରୁ ଅଗଷ୍ଟ ୨୪ ତାରିଖ ପର୍ଯ୍ୟନ୍ତ ପାଂଚଦିନିଆ ଅଷ୍ଟ୍ରେଲିଆ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଗସ୍ତ କରୁଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନରେ ସହଯୋଗୀ ହେବ । ଅଗଷ୍ଟ ୨୧ ତାରିଖରେ ସିଡନୀରେ ପହଂଚିବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ପ୍ରବାସୀ ଭାରତୀୟଙ୍କୁ ଭେଟିବେ । ପରବର୍ତୀ ପର୍ଯ୍ୟାୟରେ ୱେଷ୍ଟର୍ଣ୍ଣ ସିଡନୀ ବିଶ୍ୱବିଦ୍ୟାଳୟକୁ ଗସ୍ତ କରିବା ସହ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ



ଆଲୋଚନା କରିବେ । ଅଷ୍ଟ୍ରେଲିଆର ନବନିଯୁକ୍ତ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେରଙ୍କ ସହ ଭାରତ- ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ପରିଷଦର ଷଷ୍ଠ ବୈଠକରେ ଯୋଗଦେଇ ଭାରତର ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ନେଇ ମତ ପ୍ରକାଶ କରିବେ । ପରେ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀଙ୍କ ସହ ମିଳିତ ପ୍ରେସ ବିବୃତି ରଖିବାର କାର୍ଯ୍ୟସୂଚୀ ରହିଛି । ଏହାବ୍ୟତିତ ଅଷ୍ଟ୍ରେଲିଆର ବିଭିନ୍ନ ସ୍କୁଲ ପରିଦର୍ଶନ କରିବା ସହ ଇନଷ୍ଟିଚ୍ୟୁଟ୍ ଅଫ୍ ଆପ୍ଲାଏ ଟେକ୍ନୋଲୋଜିକୁ ଗସ୍ତ କରିବେ । ସିଡନୀ ଠାରେ ଅଷ୍ଟ୍ରେଲିଆରେ ରହୁଥିବା ଭାରତୀୟ ଓ ଓଡ଼ିଆ ଲୋକଙ୍କୁ ଭେଟିବେ । ଏହା ପରେ ଉଲ୍ଲନଗୋଙ୍ଗ୍ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ସାକ୍ଷାତକାର୍ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମେଲବର୍ଣ୍ଣ ସ୍ଥିତ କାଙ୍ଗନ୍ ଇନଷ୍ଟିଚ୍ୟୁଟ୍ ଓ ଡିକିନ୍ ୟୁନିଭରସିଟିକୁ ଯିବେ । ପରେ ଅଷ୍ଟ୍ରେଲିଆର ଦକ୍ଷତା ଏବଂ ତାଲିମ ମନ୍ତ୍ରୀ ବ୍ରିନଡେନ ଓ' କୋନ୍ନୋରଙ୍କ ସହ ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ଦ୍ୱିପାକ୍ଷିକ ବୈଠକରେ ଯୋଡ଼ିହେବେ ।

## ବନ୍ୟା ଅଞ୍ଚଳ ବୁଲି ଦେଖଲେ ସଦର ବିଧାୟକ

ବାଲେଶ୍ୱର,୨୦/୦୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାରେ ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ହୋଇଥିବା କ୍ଷୟକ୍ଷତି ଶନିବାର ପରିଦର୍ଶନ କରିଛନ୍ତି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ । ସେ ନିଜର ସହଯୋଗୀଙ୍କୁ ନେଇ ସକାଳେ ରୂପସା, ରାଇସୁଆଁ, ହଳଦୀପଦା ଓ କସିପଦା ପ୍ରଭୃତି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ଦେଖିଥିଲେ । ପାଣିଘେରରେ ରହିଥିବା ଏବଂ ପାଣି ଛାଡ଼ି ଯାଇଥିବା ଅଞ୍ଚଳର ଲୋକଙ୍କୁ ରିଲିଫ, ପାନୀୟଜଳ, ଔଷଧ ପ୍ରଭୃତି ପ୍ରଦାନ ବାବଦରେ ତୁରନ୍ତ ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ସହ ପ୍ରଶାସନ ସହ ଆଲୋଚନା କରିଛନ୍ତି । ସଦର ବ୍ଲକର ବିଭିନ୍ନ ଅଞ୍ଚଳ ବୁଲିବା ବେଳେ ବିଧାୟକ ଶ୍ରୀ ଦାସଙ୍କ ବନ୍ୟାଞ୍ଚଳ ପରିଦର୍ଶନ ବେଳେ ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଜିଲା ପରିଷଦ ସଦସ୍ୟା ସଞ୍ଜୟ ବେହେରା, ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ସରପଞ୍ଚ ଅଜିତ ମହାପାତ୍ର, ବରେନ୍ଦ୍ର ସେଠୀ, ଗଙ୍ଗାମଣି ବେହେରା, ମାଳତୀ ପ୍ରଧାନ, ସମିତି ସଭ୍ୟ ଦୀପକ ଜେନା, ବିଜୟ ଦାସ, ଭଗବତୀ ପଣ୍ଡା, ଶାନ୍ତିଲତା ବେହେରାଙ୍କ ସମେତ ଯୁବନେତା ଶକ୍ତିପଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## କଙ୍କଡାପାଳ ସମୁଦ୍ର ବେଳାଭୂମିରେ ଅଜଣା ମୃତଦେହ ଠାବ

ବାଲିଆପାଳ, ୨୦/୦୮ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ କଙ୍କଡାପାଳ ସମୁଦ୍ର ବେଳାଭୂମିରେ ଆଜି ଏକ ଅଜଣ ମୃତଦେହ ଭାସି ଭାସି ଆସି ଲାଗିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ମୃତ ଦେହଟି ଜଣେ ପୁରୁଷର ହୋଇଥିବା ବେଳେ ଶବଟି ସଢି ଦୁର୍ଗନ୍ଧ ବାହାରୁଥିବାରୁ ଶବ ପାଖକୁ ଯିବା ସମ୍ଭବ ହୋଇନଥିଲା ।ଏହା ଦେଖି ସ୍ଥାନୀୟ ଲୋକେ ବାଲିଆପାଳ ପୋଲିସକୁ ଖବର ଦେଇଥିଲେ । ତେବେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି ଘଟଣା ସ୍ଥଳରେ ପହଂଚିବା ବେଳକୁ ଶବଟି ପୁନଃର୍ବାର ଜୁଆରରେ ଭାସିଯାଇଥିବା ଶ୍ରୀ ମୁଦୁଲୀ ସୂଚନା ଦେଇଛନ୍ତି ।

## ପିଲାଙ୍କୁ ଖେଳନା ବଣ୍ଟନ କରି ଇନରହ୍ୱିଲ ପାଳନ କଲା ଜନ୍ମାଷ୍ଟମୀ



ଉଦଳା, ୨୦/୦୮ (ନି.ପ୍ର): ଇନରହ୍ୱିଲ କ୍ଲବ ଉଦଳା ଶାଖା ତରଫରୁ ପବିତ୍ର ଜନ୍ମାଷ୍ଟମୀ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ବାଲ ଗୋପାଲଙ୍କ ବିଗ୍ରହରେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୁର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରାଯାଇଥିଲା । ଏହା ପରେ କୁନି ପିଲାଙ୍କୁ ଡ଼ାକି ପ୍ରସାଦ ସେବନ କରାଯାଇଥିଲା । ପରେ ସେମାନଙ୍କୁ ଖେଳନା ବଣ୍ଟନ କରାଯାଇଥିଲା । ପିଲାଙ୍କ ମନରେ ଆନନ୍ଦ ଭରି ଦେବା ହିଁ ଜନ୍ମାଷ୍ଟମୀ ପାଳନର ପ୍ରକୃତ ଲକ୍ଷ ବୋଲି କ୍ଲବର ସଭାପତି ଜୟନ୍ତୀ ପଟ୍ଟନାୟକ କହିଥିଲେ । ଶେଷରେ କ୍ଲବର ସଦସ୍ୟ ମାନେ ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପାଦିକା ମିନାକ୍ଷୀ ପଟ୍ଟନାୟକ, ସିସିସି ସୁଜାତା ବିଶ୍ୱାଳ, ଉପସଭାପତି ଗୀତାଶ୍ରୀ ରାୟ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । କ୍ଲବର ଏଡ଼ିଟର ତଥା ଉଦଳା ଏନ୍.ଏ.ସି ଅଧକ୍ଷା ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

ବାଲେଶ୍ୱର, ରବିବାର, ୨୧ ଅଗଷ୍ଟ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଅଧା ବୁଡ଼ିଛି ରାଜଧାନୀ, ସରକାରଙ୍କ ନିଦ ଭାଙ୍ଗୁନି : କଂଗ୍ରେସ

ଭୁବନେଶ୍ୱର,୨୦/୦୮ (ନି.ପ୍ର): ମହାନଦୀରେ ବନ୍ୟା ପାଣି ଆସିବା ପରେ କୁଆଖାଇ, ଦୟାନଦୀର ପାଶ୍ୱର୍ବର୍ତ୍ତି ଅଂଚଳ ବନ୍ୟା ଘେରରେ ରହିଛି। ରାଜଧାନୀର ତଳିଆ ଅଂଚଳ ଗୁଡ଼ିକରେ ବସବାସ କରୁଥିବା ଲୋକମାନେ ଅସହାୟ ଅବସ୍ଥାରେ ଅଛନ୍ତି। ଏହା ସତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁ ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ । ସେ କହିଛନ୍ତି ଯେ ଏ ସମ୍ପର୍କରେ ଦାବି ପତ୍ର ସରକାରଙ୍କୁ ପ୍ରଦାନ କରା ଯିବ । ସେ କହିଛନ୍ତି ଯେ - ସୁନ୍ଦରପଦା, ଲିଙ୍ଗିପୁର, ଇଟିପୁର, କଲ୍ୟାଣପୁର, ଟିକରପଡ଼ା, ନୂଆଗାଁ, ନାଥପୁର ଗ୍ରାମବାସୀମାନେ ଅନାଥ ଅବସ୍ଥାରେ ଅଛନ୍ତି। ସେହିପରି ଚନ୍ଦକା ଓ ଅନ୍ୟାନ୍ୟ ଅଂଚଳ ବୁଡ଼ିଯିବାରୁ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ହାଇଟେକ ଅଂଚଳରୁ ଲୋକମାନେ ପିଲାଛୁଆ ଧରି ପ୍ରାଣ ବିକଳରେ ଅନ୍ୟ ସ୍ଥାନକୁ ପଳାଇଛନ୍ତି। ସ୍ମାର୍ଟସିଟି ରାଜଧାନୀକୁ ବନ୍ୟା ବିପଦ ଘେରି ରହିଥିବା ବେଳେ ଏହାର ନିରାକରଣ ପାଇଁ ବିଏମସି ବା ପ୍ରଶାସନ ପାଖରେ ପ୍ରତିକାରର ବ୍ୟବସ୍ଥା କିଛି ନାହିଁ। ରାଜଧାନୀ ଉପକଣ୍ଠ ଅଂଚଳରୁ ପାଣି କିଭଳି ନିଷ୍କାସନ ହେବ ତାର ଯଥାର୍ଥ ଉପାୟ କରାଯାଇ ନାହିଁ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବର୍ଷ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ସରକାର ସବୁ ଜାଣି ନଜାଣିଲା ପରି ରହୁଛନ୍ତି। ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାର ବନ୍ୟାଂଚଳ ଆକାଶ ମାର୍ଗରୁ ପରିଦର୍ଶନ କରୁଥିବା ବେଳେ ରାଜଧାନୀର ଉପକଣ୍ଠରେ ରହୁଥିବା ଗ୍ରାମଗୁଡ଼ିକ ବନ୍ୟା ଆକଣ୍ଠ କଲାଣି। ଏହା ସବୁ ଅଂଚଳରେ ରହୁଥିବା ଲୋକଙ୍କୁ ରିଲିଫ ପ୍ରଦାନ କରାଯାଇ ନାହିଁ। ବିଏମସି କିମ୍ବା ଜିଲ୍ଲା ପ୍ରଶାସନର ଅଧିକାରିମାନଙ୍କ ପାଦ ଏହି ଅଂଚଳକୁ ପଡ଼ି ନାହିଁ। ଲୋକଙ୍କ ଘର ଭିତରେ ପାଣି ସହିତ ସାପ ବେଙ୍ଗ ପଶିଲେଣି। ଏଭଳି ସ୍ଥିତିରେ ସରକାର କେବଳ ପ୍ରଚାର ସର୍ବସ୍ୱ ଘୋଷଣା କରି ଜନସାଧାରଣଙ୍କୁ ଭୁଆଁ ବୁଲାଇବା ନିତିରେ ଚାଲିଛନ୍ତି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ କହିଛନ୍ତି ଯେ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଦଳ ସଂଗ୍ରାମ ଜାରି ରଖିବ।

# ଘର ଉପରେ ଓଲଟି ପଡିଲା ସ୍କୁଲ ପାଚେରୀ : ଶିଶୁକନ୍ୟା ମୃତ, ଭାଇ ଓଭଉଣୀ ଗୁରୁତର

ବାଲିଆପାଳ, ୨୦/୦୮ (ନି.ପ୍ର): ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ବାଲିଆପାଳ ବ୍ଲକରେ ଶୁକ୍ରବାର ଦିନ ତମାମ ଅତିପ୍ରବଳ ବର୍ଷା ହେବା ସାଙ୍ଗକୁ ପବନ ମଧ ବୋହିଥିଲା । ବିପଦ ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ କଚ୍ଚାଘରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀରେ ଆଶ୍ରୟ ନେବା ପାଇଁ ମାଇକ ଯୋଗେ ଘୋଷଣା କରାଯାଇଥିଲା । ଆଶ୍ରୟସ୍ଥଳୀରେ ଆଶ୍ରୟନେବା କୁ ଥିବା ଲୋକମାନଙ୍କ ପାଇଁ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିଲା । ଏହା ସତ୍ତ୍ୱେ ମଧ ଏକ ଅଭାବନୀୟ ଘଟଣା ବାଲିଆପାଳ ବାସିଙ୍କୁ ସ୍ତବ୍ଧ କରିଦେଇଛି । ଗୋଟିଏ ପରିବାରର ବାପ ମା ସହିତ ଦୁଇଭଉଣୀ ଓଜଣେ ଭାଇ ରାତ୍ରୀର ଖାଇପିଇ ଶୋଇଥିବା ବେଳ ହଟାତ ଘର ପାଖକୁ ଲାଗିଥିବା



ସ୍କୁଲ ପାଚେରୀ ଓ ଘଛ ପଡିଯିବା ଯୋଗୁଁ ତା ତଳେ ଚାପି ହୋଇ ସାନ ଭଉଣୀର ଜୀବନ ଚାଲିଯିବା ସହ ଅନ୍ୟ ଦୁଇଜଣ ବଡଭାଇ ଭଉଣୀ ଗୁରୁତର ଆହାତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମିଳିଥିବା ସୂଚନା ମୁତାବକ ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ମଧୁପୁରା ୟୁଜି ଏମଇ ବିଦ୍ୟାଳୟ ପାଚେରୀକୁ ଲାଗି ସେକ ଅନସରଙ୍କର ଚାଳ ଛପର ଘର । ଗତକାଲି ବାତ୍ୟା ସମୟରେ ସେକ ଅନସର ତାଙ୍କର ପତ୍ନୀ ଦୁଇଝିଅ ଓ ପୁଅକୁ ଧରି ଶୋଇଥିଲେ। ରାତ୍ରୀ ପ୍ରାୟ ୧୧ଟା ସମୟରେ ହଟତା ସ୍କୁଲ ପାଚେରୀ ପାଖରେ ଥିବା ଏକ ବଡ ଶାଗୁଆନ ଘଛ ପାଚେରୀ ଉପରି ପଡିବା ଫଳରେ ପାଚେରୀ ସହ ଗଛଟି ଘର ଉପରେ ପଡିଯାଇଥିଲା । ପାଚେରୀ ତଳେ ତିନି ଛୁଆ ଚାପି ହୋଇଯାଇଥିଲେ ।ଉପାଖ ପଡୋଶୀ ଧାଇଁ ଆସି ସମସ୍ତଙ୍କୁ ବହୁ କଷ୍ଟରେ ପାଚେରୀ ଭିତରୁ ବାହାର କରିଥିଲେ ।ଚାରି ବର୍ଷର ସାନ ଝିଅ ସମିନା ଖାତୁନଙ୍କ ମୁଣ୍ଡ ଓ ଛାତିରେ ମାଡ ହୋଇ ରକ୍ତସ୍ରାବ ହେଉଥିଲା । ସ୍ଥାନୟ ଲୋକେ ତୁରନ୍ତ ସମିନା ଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ । ଖବର ପାଇ ପୂର୍ବତନ ଜିଲ୍ଲା ପିଷଦ ସଦସ୍ୟ ରବୀନ୍ଦ୍ରନାଥ ଅଣ୍ଡିଆ ,ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା,ବକ୍ରମ ସିଂ ପ୍ରମୁଖ ଘଟଣା ସ୍ଥଳରେ ପହଂଚି ଆହାତ ବଡ ଭଉଣୀ ଅମିନା ଖାତୁନ ଏବଂ ଭାଇସେକ । ରେନଙ୍କୁ ନିଜ ଗାଡିରେ ନେଇବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତୀ କରିଥିଲେ ।ତେବେ ସମିନା ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ରାସ୍ତାରେ ସମିନାଙ୍କ ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଘଟଣା ସ୍ଥଳରେ ପହଂଚି ସମସ୍ତ ବିଷୟ ଅନୁଧାନ କରିଥିଲେ । ପରେ ରେଡକ୍ରସ ପାଣ୍ଠିରୁ ମୃତ ସମିନାଙ୍କ ବାପା ସେକ ଅନସରଙ୍କୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି ।

# ଝଡବର୍ଷା ଯୋଗୁଁ ଜଳେଶ୍ୱରର ବିଭିନ୍ନ ଅଂଚଳରେ କ୍ଷୟକ୍ଷତି

ଜଳେଶ୍ୱର, ୨୦/୮(ନି.ପ୍ର): ଲଘୁଚାପ ଜନୀତ ଲଗାଣ ବର୍ଷା ଯୋଗୁଁ ଜଳେଶ୍ୱର ପୌରପାଳିକା ଓ ବ୍ଲକ ଅଂଚଳର ବିଭିନ୍ନ ସ୍ଥାନ ଜଳମଗ୍ନ ହୋଇଛି । ବିଭିନ୍ନ ରାସ୍ତାରେ ପାଣିର ସୁଅ ଛୁଟୁଥିବା ବେଳେ ବଡ ବଡ ଗଛମାନ ଭାଂଗି ଉପୁଡି ପଡିଥିବା ଦେଖିବାକୁ ମିଳିଛି । ଗତ ଶୁକ୍ରବାର ରାତି ତମାମ ବର୍ଷା ଓ ପବନ ଲାଗି ରହିଥିବାରୁ ଗୋବର୍ଦ୍ଧନପୁର ଗାଁର ପାଟଣାସାହିର ଦଶରଥ ନାଥ ଓ କୋର୍ଟସାହି ପଂଚାୟତର ଡିଙ୍ଗାଶୋଳ ଗାଁର ଉମାକାନ୍ତ ପରିଡାଙ୍କ ଘର ଉପରେ ଏକ ଆମ୍ବଗଛ ଉପାଡି ପଡିଥିଲା । ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଡିଯାଇଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ଭାଂଗି ପଡିଛି । ମ୍ୟୁନିସିପାଲଟିର ୧୧ନଂ ୱାର୍ଡ କରସାହି, ଦେଉଳି ପଂଚୁଘଣ୍ଟା ୬ନଂ ୱାର୍ଡର ଜେନାସାହି, ୯ ନଂ ୱାର୍ଡର ଶାନ୍ତିଆ, ୮ନଂ ୱାର୍ଡର ବିଦ୍ୟାଧାରପୁର ସ୍କୁଲ ବ୍ୟତିତ ୧, ୩, ୫, ୭, ୧୨, ୧୭ ନଂ ୱାର୍ଡର



ବିଭିନ୍ନ ସ୍ଥାନରେ ପାଣିର ସୁଅ ଚାଲିଥିବା ବେଳେ ପାଣି ଜମା ହୋଇହୋଇଛି । ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଜଳେଶ୍ୱର ବ୍ଲକର ଖାଲିନା, ନାମ୍ପେ. ବାଇଗଣବାଡିଆ, ଝାଡପିମ୍ପଳ, ପଶ୍ଚିମବାର୍ଡ, ପାଇକସିଦା, ସୁଗୋ, ଗଡସାହି ବାଲିଆପାଳ, ନେତୁଆ, ସମ୍ପଡିଆ, ରାୟାଁରାମଚନ୍ଦ୍ରପୁର, ଖୁଲୁଡା, ବର୍ତ୍ତନା, ଆରୁହା ପଂଚାୟତର ବିଭିନ୍ନ ଅଂଚଳ ପାଣିରେ ବୁଡି ରହିଛି । ଗତ କିଛିଦିନ ପୂର୍ବରୁ ଲଘୁଚାପ ଜନୀତ ଲଗାଣ ବର୍ଷାରେ ପାଣି ନିଷ୍କାସିତ ହୋଇ ପାରିନଥିଲା । ଏଥର ପୁଣି ବର୍ଷା ହେବାରୁ ଧାନତଳ, ସଦ୍ୟ ରୁଆ ହୋଇଥିବା ଧାନଚାଷର ବ୍ୟାପକ କ୍ଷତି ଘଟିଛି । କେବଳ ଧାନଚାଷ ନୁହେଁ, ପନିପରିବା ଚାଷର ମଧ୍ୟ ବ୍ୟାପକ କ୍ଷତି ଘଟିଛି । ଗୋବର ଘଟା ପଞ୍ଚାୟତର ଝଡବତାସରେ ବ୍ୟାପକ କ୍ଷତି ଘଟିଥିବା ଜଣାଯାଇଛି । ଏହି ପଂଚାୟତର ପାକା କିସ୍କୁ, ରାଜେଶ ରାଉଳ, ଭାରତୀ ଦେହୁରୀ, ତପନ ପ୍ରଧାନ, ବୁଦ୍ଧଦେଶ୍ମଣ୍ଡଳ, ବିଣାପାଣି ଦାସ, ଅନିତା ଘୋଷ, ଶାନ୍ତିଲତା ସେନାପତି, ଶ୍ରୀକାନ୍ତ ଦଳେଇ ଓ ମହେଶ୍ୱର ଦଳେଇଙ୍କ ଘରର ଘଟିଛି ବୋଲି ସରପଂଚ ମିନତୀ କର କହିଛନ୍ତି । ବର୍ଷାଯୋଗୁଁ ସୁବର୍ଣ୍ଣରେଖା ନଦୀର ଜଳପତ୍ତନ ସଂଧ୍ୟା ୫ଟା ସୁଦ୍ଧା ୬.୪୦ ଥିବା ବେଳେ ସେଠାରେ ବିପଦ ସଂକେତ ୧୦.୩୬ ମିଟର ରହିଛି । ଅନ୍ୟପକ୍ଷରେ ଜାମଶୋଳାଘାଟ ଠାରେ ବିପଦ ସଂକେତ ୪୯ ମିଟର ଥିବା ବେଳେ ସେଠାରେ ଜଳସ୍ତର ୪୮ ମିଟର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଆସନ୍ତା ରବିବାର ରାଜଘାଟ ଠାରେ ପହଞ୍ଚିଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି ।

# ଜୟ ଯବାନ-ଜୟ କିଷାନ ସମ୍ମିଳନୀରେ ଅଗ୍ନିପଥକୁ ଦୃଢ଼ ବିରୋଧ

ବାଲେଶ୍ୱର,୨୦/୦୮ (ନି.ପ୍ର): 'ଜୟ ଯବାନ୍-ଜୟକିଷାନ୍' ସମ୍ମିଳନୀ ଅବସରରେ ସେନାବାହିନୀରେ ୪ବର୍ଷିଆ 'ଅଗ୍ନିପଥ ଯୋଜନା' ନିଯୁକ୍ତି ପ୍ରତିବାଦରେ ଏକ ଆଲୋଚନାଚକ୍ର ଶନିବାର ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ଅଗ୍ନିପଥ ଯୋଜନାରେ ସେନା ନିଯୁକ୍ତି ଦେଶକୁ ଦୁର୍ବଳ କରିବ' ଶୀର୍ଷକ ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ତଥା ଟିୟୁଏସିସିର ଅଧକ୍ଷ ପ୍ରଦୀପ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। କେନ୍ଦ୍ର ସରକାର ତଥା ପ୍ରତିରକ୍ଷା ବିଭାଗର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଦେଶ ପାଇଁ ଆଗାମୀ ଦିନରେ ମହା ବିପଦ ଭାବେ ଉଭାହେବ ବୋଲି ସେ ଆଶଙ୍କା ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ରାଜ୍ୟ ନେତା ମହେଶ୍ୱର ବେହେରା, ସୁବେଦାର ମେଜର ଗିରୀଶ ଚନ୍ଦ୍ର ଷଡ଼ଙ୍ଗୀ, କ୍ୟାପଟେନ୍ ପ୍ରଶାନ୍ତ ପଣ୍ଡା, ହାବିଲଦାର ପ୍ରଭାତ ପଣ୍ଡା, ପ୍ରତିରକ୍ଷା ବିଭାଗ କର୍ମଚାରୀ ନେତା ରବିନାରାୟଣ ମିଶ୍ରଙ୍କ ସମେତ ବିଭିନ୍ନ କୃଷକ ଓ ଗଣସଂଗଠନ ପକ୍ଷରୁ ରବୀନ୍ଦ୍ର ବେହେରା, ସୀତାଂଶୁ ସେନାପତି, ଜୟନ୍ତ ଦାସ, ଆଇନଜୀବୀ ସେକ୍ ଅବଦୁଲ ରଫିକ୍, ରତନ ରାଜ, ଇଂ. ହୃଷିକେଶ ସାହୁ, ବିକାଶ ଦାସ, ଶାନ୍ତନୁ ଦାସ, ସୁରେଶ ଚନ୍ଦ୍ର ବେହେରା, ବନ୍ଦନା ବିଶ୍ୱାସ ଓ ବାସନ୍ତୀ ସାମଲ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କର ଅଦୂରଦର୍ଶୀ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ନିର୍ମଳ ନାୟକ ଆଲୋଚନାର ଭିତ୍ତିପତ୍ର ଆଗତ କରିଥିବାବେଳେ ଟିୟୁଏସିସି ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆସନ୍ତା ସେପ୍ଟେମ୍ବର ମାସ ୩ୟ ସପ୍ତାହରେ ବାଲେଶ୍ୱର ଜିଲାପାଳଙ୍କ ଦପ୍ତର ସମ୍ମୁଖରେ ପ୍ରତିବାଦ ସମାବେଶ ଓ ଯୋଜନା ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ ନେଇ ଏହି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା।

## ଗଛପଡି ଘର ନଷ୍ଟ

ଖଇରା,୨୦/୦୮ (ନି.ପ୍ର): ଲଘୁଚାପ ବର୍ଷା ଓ ପବନ ପ୍ରଭାବ ରେ ଏକ ଗଛ ଓପୁଡି ପଡିବା ଯୋଗୁଁ ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ଗ୍ରାମ ପଞ୍ଚାୟତ ଅଧୀନ କୋଚିଆକୋଇଲି ଗ୍ରାମର ହୃଶିକେଶ ବାରିକଙ୍କ ଘର କ୍ଷତିଗ୍ରସ୍ତ ହୋଇଛି । ଶନିବାର ସକାଳେ ଖଇରା ଅଗ୍ନିଶମ ବାହିନୀ ଗ୍ରାମରେ ପହଞ୍ଚି ଘର ଉପରୁ ଗଛକୁ ହଟାଇଥିଲେ ।

## ବରିଷ୍ଠ ନାଗରିକ ମଞ୍ଚର ଜନ୍ମାଷ୍ଟମୀ ପାଳନ

ଖଇରା,୨୦/୦୮ (ନି.ପ୍ର): ଖଇରା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସ୍ଥାନୀୟ ଆଖଣ୍ଡଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଜନ୍ମାଷ୍ଟମୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ମଞ୍ଚର ଉପଦେଷ୍ଟା ତଥା ବ୍ରାହ୍ମଣ ସମିତିର ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରହିତ୍ୟରେ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା । ମଞ୍ଚର ସହ ସମ୍ପାଦକ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଦ୍ୱାରା ଭାଗବତ ପାଠ ପରେ ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି ଭାଗବତ ଆଲୋଚନା ଦ୍ୱାରା ସମାଜର କଲ୍ୟାଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ରମାକାନ୍ତ ଶତପଥି,ରମାକାନ୍ତ ପଣ୍ଡା, ଅଭିମନ୍ୟୁ ପଣ୍ଡା,ଅଶ୍ୱିନୀ କୁମାର ଶୁକ୍ଳ,ଗୌରାଙ୍ଗ ପାଣି,ପ୍ରବେଶ କୁମାର ଗୁପ୍ତା,ପଦ୍ମଲୋଚନ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ମର୍ତ୍ତ୍ୟରେ ଶ୍ରିକୃଷ୍ଣଙ୍କ ଜନ୍ମର ରହସ୍ୟ ସହିତ ସମାଜରେ ମନୁଷ୍ୟ ମାନଙ୍କ ମାନବିକତା ପ୍ରକାଶ କରିବାରେ ବରିଷ୍ଠ ମାନଙ୍କର ଭୂମିକା ଉପରେ ଆଲୋଚନା କରିଥିଲେ ।

# ସଦ୍‌ଭାବନା ଦିବସ ପାଳନରେ ଶପଥ ପାଠ

ଭଦ୍ରକ, ୨୦/୦୮ (ନି.ପ୍ର): ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖରେ ପାଳନ କରାଯାଇ ଆସୁଥିବା ସଦ୍‌ଭାବନା ଦିବସ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ପାଳିତ ହୋଇଯାଇଛି। ଏଥିପାଇଁ ଉଦ୍ଦିଷ୍ଟ ଶପଥପାଠ ପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ପାଠକରି ଅନ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଶପଥ ପାଠ ଉତ୍ସବରେ ବୈଷୟିକ ଉପନିର୍ଦ୍ଦେଶକ



ଏନ୍.ଆଇ.ସି. ବିଜୟ କୁମାର ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପଦ୍ମନ କୁମାର ରାୟ, ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ସୂଚନା ଯୋଗ୍ୟ କି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷା କରିବା, ଜାତୀୟ ସଂହତି ଅକ୍ଷୁର୍ଣ୍ଣ ରଖିବା ଦିଗରେ କାର୍ଯ୍ୟକରିବା, ସଚେତନ ରହିବା ଆଦି ଉଦ୍ଦେଶ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବଗାନ୍ଧୀଙ୍କ ଜନ୍ମଦିନକୁ ଏହି ସଦ୍‌ଭାବନା ଦିବସ ରୂପେ ପାଳନ କରାଯାଇଥାଏ।

# ଜଳେଶ୍ୱର ଷ୍ଟେସନ ଛକରେ ଲାଗିଲା ସିସି କ୍ୟାମେରା

ଜଳେଶ୍ୱର, ୨୦/୮(ନି.ପ୍ର): ଜଳେଶ୍ୱର ଉପାନ୍ତ ଅଂଚ ତଥା ଅପରାଧ ପ୍ରବଣ ହୋଇଥିବାରୁ ସିସି ଟିଭି ଲାଗି ଲାଗିବା ଲାଗି ବହୁ ଦିନରୁ ଦାବି ହୋଇ ଆସୁଥିଲା । ଜଳେଶ୍ୱର ପୌର ପାଳିକା ଓ ସିଲି କେବୁଲର ମାଲିକ ଅସିମ୍ କୁମାର ଦାସଙ୍କ ମିଳିତ ସହଯୋଗରେ ପୌରପାଳିକାରେ ପ୍ରଥମ ଥର ପାଇଁ ଏକ ସମବେଦନଶୀଳ ସ୍ଥାନ ଷ୍ଟେସନ ଛକରେ ୩ଟି ସିସି କ୍ୟାମେରା ଉଦ୍‌ଘାଟିତ ହୋଇଛି । ଏହାକୁ ବଣିକ ସଂଘର ସଭାପତି ସୁଧିର କୁମାର ମହାନ୍ତି ଲୋକାର୍ପିତ କରିଥିଲେ। ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ବହୁଦିନର ଆଶା ଜଳେଶ୍ୱର ବାସୀଙ୍କର ସଫଳ ହୋଇଛି ବୋଲି କହିଥିବା ବେଳେ ଅପରାଧକରଣ ଘଟଣାରେ ସହାୟକ ହୋଇ ପାରିବ ବୋଲି ଉଦ୍‌ଘାଟକ ଶ୍ରୀ ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର, ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, କାଉନ୍‌ସିଲର ସୁରଜ ଚୌରାସିଆ, ସେକ୍ ସୌଫୁଦ୍ଦିନ, ସୁଶାନ୍ତ ସାହୁ, ଆନନ୍ଦ କର ଓ ବଣିକ ସଂଘର ଉପସଭାପତି ବିଜୟ କାମିଲା ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲିଆପାଳରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସମ୍ପର୍କିତ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଆପାଳ, ୨୦/୦୮ (ନି.ପ୍ର): ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସମ୍ପର୍କିତ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଉପରେ ମିଳିତ ବିଭାଗୀୟ ଅଫିସର ଓ କର୍ମକର୍ତ୍ତାଙ୍କୁ ନେଇ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିଆପାଳ ସମ୍ପନିତ ଶିଶୁ ବିକାଶ ଅଧିକାରିଣୀ ରାଜେଶ୍ୱରୀ ମହାପାତ୍ର ଯୋଗଦେଇ କହିଥିଲେ ଯେ ସମାଜରୁ ଶିଶୁ ନିର୍ଯ୍ୟାତନା ପରି କଳଙ୍କିତ ବ୍ୟାଧିକୁ ସମୂଳେ ହଟାଇବାର ଆବଶ୍ୟକତା ରହିଛି । ଆଜିର ସମାଜରେ କେତେକ ସ୍ଥାନରେ ଝିଅ ଟି ପରିବାରର ବୋଝ ବୋଲି ଭାବି କମ ବୟସରେ ସେମାନଙ୍କ ବିବାହ କରିଦେଇଛନ୍ତି । ଯାହାଫଳରେ କମବୟସର ଝିଅଙ୍କର ବିଭିନ୍ନ




ଅସୁବିଧା ଫଳରେ ଜୀବନ ହାନୀ ମଧ ଘଟୁଛି। ଏହାକୁ ସମ୍ପୂର୍ଣ୍ଣ ଭାବରେ ରୋକାଯିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ହେବା ଦରକାର ବୋଲି ସେ କହିଥିଲେ। ମେ ଆଇ ହେଲ୍ପ ୟୁର ସମ୍ପାଦକ ସମାଜସେବୀ ଉବାଚକ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ଗୋଷୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରଭାଇଜର ରମାନାଥ କର,ଚାଇଲଡ଼ ଲାଇନର ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ଏବଂ ସୁରକ୍ଷା ପାଇଁ ଆମେ ସମସ୍ତେ ସଚେତନ ହେବା ଦରକାର ବୋଲି କହିଥିଲେ। ସମ୍ପନ୍ନିତ ଶିଶୁ ବିକାଶ ଯୋଜନାର ସୁପରଭାଉଜର ଅରଣ୍ଣିତା ଜେନା,ସାମ୍ବାଦିକ ପ୍ରତାପ ପାତ୍ର, ସାଗର ପଟନାୟକ, ଶିକ୍ଷକ ରାଜକିଶୋର ଜେନା ସାମ୍ବାଦିକ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି କହି ଥିଲେ ଯେ ସମାଜରେ ନିତି ଘଟୁଥିବା ଶିଶୁ ଯୌନ ନିର୍ଯାତନାକୁ କିପରି ସମୂଳେ ନିପାତ କରାଯିବା ସହିତ ନାବାଳିକା ବିବାହକୁ ରୋକାଯିବ ସେ ଦିଗରେ ସମସ୍ତେ ତତପରତା ଦେଖାଇବା ଉଚିତ। ସମାଜରେ ଏଭଳି ବ୍ୟାଧିକୁ କେହି ବି ପ୍ରଶ୍ରୟ ଦେବା ଉଚିତ ନୁହେଁ ବୋଲି ସେମାନେକହିଥିଲେ। ପିକକ ଓ ୱାଲଡ଼ ଭିଜନ ସହାୟତାରେ ମେ ଆଇ ହେଲ୍ପ ୟୁ ପରିଚାଳନାରେ ଏବଂ ବିଶ୍ୱାସ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବାଲିଆପାଳ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ଜ୍ୟୋସ୍ନା ରଥ ଓ ଅନ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମରେ ଆଇସିଡିଏସର ସମସ୍ତ ସୁପରଭାଇଜର, ଆଶା, ଶିକ୍ଷକ, ପିଲାମାନେ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ଶେଷରେ ବିଶ୍ୱାସର ସ୍ୱେଚ୍ଛାସେବୀ ଜ୍ୟୋତିପ୍ରକାଶ ସାହୁ ଧନ୍ୟବାଦ ଦେଇଥିଲେ।

# ଲଗାଣ ବର୍ଷା, ପାଣି ଘେରରେ ରହିଛି ବାସଗୃହ

ଉଦଳା, ୨୦/୦୮ (ନି.ପ୍ର): ଗତ କାଲି ଅଗଷ୍ଟ ୧୯ ତାରିଖ ରାତିରେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଉଦଳା ବ୍ଲକର ଭୀମତାଳି ପଞ୍ଚାୟତ ଅନ୍ତର୍ଗତ ଦିବ୍ୟସିଂହପୁର ଅଞ୍ଚଳରେ ଅନେକ ଗୁଡ଼ିଏ ଘର ପାଣି ଘେରରେ ରହିଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି । ଘଟଣାସ୍ଥଳରେ ସ୍ଥାନୀୟ ବିଡ଼ିଓ, ସରପଞ୍ଚ, ନାଏବ ସରପଞ୍ଚଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର କର୍ମୀ ମାନେ ପହଞ୍ଚି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ଥିବା ମାଟି ଘର ଗୁଡ଼ିକୁ ତୁରନ୍ତ



ପ୍ରଧାନମନ୍ତ୍ରୀ ଆବାଷ ଯୋଗାଇ ଦିଆଯିବ ବୋଲି ବିଡ଼ିଓ ପ୍ରତିଶୃତି ଦେବା ସହିତ ଜଳ ନିଷ୍କାସନ ପାଇଁ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତୃଟିପୂର୍ଣ୍ଣ ଡ୍ରେନେଜ ବ୍ୟବସ୍ଥା ଯୋଗୁଁ ଏପରି ଅବସ୍ଥା ସଅଷ୍ଟି ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା। ଜୋର ଧରିଛି ।

# ବନ୍ୟା ପାଣିରେ ଫସଲ ନଷ୍ଟ, ଗାଁ ଦାଣ୍ଡରେ ପାଣି : ଗଛ ପଡି ଘରଭାଙ୍ଗିଲା, ବଢୁଛି ଦୁର୍ଦ୍ଦଶା

ବସ୍ତା, ୨୦/୦୮ (ନି.ପ୍ର): ଲଘୁଚାପପ୍ରବହାରୁ ଗୁରୁବାର ରାତ୍ରିରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଅମର୍ଦାରୋଡ ସମଗ୍ର ଅଞ୍ଚଳ ତଥା ଶ୍ୟାମସୁନ୍ଦରପୁର, ବେଲା, ଖଣ୍ଡପସା, ପାଞ୍ଚବାଟିଆ, ନାରାୟଣପୁର ସମେତ ବିଭିନ୍ନ ୱାର୍ଡରେ ଜଳାବର୍ଣ୍ଣ ହୋଇଥିବା ବେଳେ ଜୀବନ ଯାତ୍ରା ବ୍ୟାହତ ହୋଇଛି ।ଚଳିତବର୍ଷ କ୍ରମାଗତ ବର୍ଷା ଓ ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳକା ନଦୀରେ ଦ୍ୱିତୀୟ ବନ୍ୟା ଦେଖାଦେଇଛି। ଫଳରେ ବସ୍ତା ବ୍ଲକର ଅନେକ ପଞ୍ଚାୟତର କେତେଗୁଡିଏ ଗ୍ରାମ ରଲୋକେ ଜଳବନ୍ଦିରେ ରହିଥିବା ବେଳେ ଅନେକ ରାସ୍ତାଘାଟ ବୁଡି ଚାରିଫୁଟ ଉଚ୍ଚର ପାଣିର ସୁଅ ଛୁଟିଛି ଯାହା ଫଳରେ ମଥାନୀ ପଞ୍ଚାୟତର ସାନଖୁଡି ଗିରିସାହି, ସାନଖୁଡି ୨ନମ୍ବରୱାଡର ହରିଜନ ସାହି ଧାନହଣ୍ଡା, ଶିବଗଡିଆ, ବଡା ଗମ୍ଭାରିଆ, ପଣ୍ଡରୁଙ୍ଗି, ତଳସାହି, ବାହାର୍ଦ୍ଦା ପଞ୍ଚାୟତର ପଳାସିଆ, ମେଳକ, ତଳତାପଣ୍ଡା। ସେହିପରି କୁଡିଆ ପଞ୍ଚାୟତର ବେଗୁନିଆଁ, କଦଳିହଣ୍ଡା, ଜମୁନାପଦା ଅଞ୍ଚଳରେ ଗାଁ ରାସ୍ତାରେ ପାଣିର ସୁଅ ଚାଲିଥିବା ବେଳେ ଜଳକାନଦୀ ବାହାଲ ବନ୍ଧ ଦୁର୍ବଳ ଯୋଗୁଁ ସ୍ଥାନେ ସ୍ଥାନେ ପାଣିର ସ୍ରୋତରେ ଅତଡା ଖସୁଛି ଯାହା ଫଳରେ ନଦୀ କୁଳିଆ ଗାଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।ବର୍ତ୍ତମାନ ୩୧ ପଞ୍ଚାୟତର ସବୁ ଗ୍ରାମରେ ରାସ୍ତାଘାଟ ଜଳମଗ୍ନ ହୋଇ ରହିଛି ।ପାଣି ଯୋଗୁଁ ଧାନଚାଷ ଓ ପନିପରିବା ଚାଷ ବ୍ୟାପକ ଭାବେ ନଷ୍ଟ ହେବାର ଆଶଙ୍କା ଦେଖାଦେଇଥିବାରୁ ଚାଷୀ ଚିନ୍ତାରେ ପଡିଯାଇଛନ୍ତି ।ଅବିଶ୍ରାନ୍ତ ବର୍ଷା ଯୋଗୁଁ କେତେକ ସ୍ଥାନରେ ମାଟି କାନ୍ଥ ଭୁଶୁଡ଼ି ପଡ଼ିଛି ।ଲଗାଣ ବର୍ଷା ଯୋଗୁଁ ଜଳକା ନଦୀରେ ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି। ସନ୍ଧ୍ୟା ସମୟରେ ଜଳକା ନଦୀର ବନ୍ୟାଜଳ ହ୍ରାସ ପାଇଥିଲେ ମଧ ଜନବାସତି ଗୁଡିକରେ ସମସ୍ୟାର ସୁଧାର ଆସିପାରି ନାହିଁ ।ବର୍ଷା ସାଙ୍ଗକୁ ପବନରେ ପାଣି ଭୟଙ୍କର ଢେଉ ମରୁଛି। ବିଦ୍ୟୁତ ବିଭାଗର ବିଦ୍ୟୁତ ତାର ତ୍ରୁଟି ଯୋଗୁଁ ବିଦ୍ୟୁତ ବିଚ୍ଛିନ୍ନ ହୋଇଛି ।ବିଜୁଳି ନଥିବା ଯୋଗୁଁ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବାରୁ ଲୋକମାନେ ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଥିବାର ଦେଖିବାକୁ ମିଳିଛି ।ବିଦ୍ୟୁତ ବିଭାଗ ପଚାରିବାରୁ ବିଭିନ୍ନ ସ୍ଥାନରେ ମରାମତି ଚାଲିଥିବା କହୁଛନ୍ତି । ସରୀସୃପ ମାନେ ଆଶ୍ରୟ ଘର ଭିତରେ ପଶୁଥିବାରୁ ପରିବାର ଲୋକେ ଉଜାଗର ରହିଥିବା ଦେଖିବାକୁ ମିଳିଛି।

# ସଦ୍‌ଭାବନା ଦିବସ ଅବସରରେ ଶପଥ ପାଠ

ବାଲେଶ୍ୱର,୨୦/୦୮ (ନି.ପ୍ର): ସଦଭାବନା ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଗୃହ ବିଭାଗ ଓ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗ ଦେଇ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଜାତି, ଧର୍ମ, ସମ୍ପ୍ରଦାୟ, କ୍ଷେତ୍ର ଓ ଭାଷାର ଭେଦଭାବ ବିନା ସମସ୍ତ ଭାରତୀୟଙ୍କ ଭାବନାତ୍ମକ ଏକତା ଏବଂ ସଦଭାବନା ନିମନ୍ତେ କାର୍ଯ୍ୟ କରିବା ଏବଂ ହିଂସାର ଆଶ୍ରୟ ନ ନେଇ ସମସ୍ତ ପ୍ରକାର ମତଭେଦକୁ ଆଲୋଚନା ଓ ସାମ୍ବିଧାନିକ ବିଧି ମୁତାବକ ସମାଧାନ ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ, ସହକାରୀ ଜିଲାପାଳ ସ୍ୱାଗତିକା ଦାସ, ଜିଲା ମଙ୍ଗଳ ଅଧିକାରୀ ବିଶ୍ୱଦର୍ଶୀ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ, କର୍ମଚାରୀ, ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସିଡିପିଓ ପ୍ରମୁଖ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo